

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୦୭ ମାର୍ଚ୍ଚ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 07 MARCH 2022

Vol.No. 33 ■ No. 63 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022






ପ୍ରକାଶ ପାଇଲା ଡଃ ଭାଗବତ ବେହେରାଙ୍କର ବହୁ ପ୍ରତୀକ୍ଷିତ ଆଧ୍ୟାତ୍ମିକ, ଚେତନାମୂଳକ ଉପନ୍ୟାସ

ବନ୍ଧୁ ମହାନ୍ତି

ପ୍ରାପ୍ତିସ୍ଥାନ : ତାରିଣୀ ବିଦ୍ୟା ଭଣ୍ଡାର ଷ୍ଟେସନ ରୋଡ୍, ବାଲେଶ୍ୱର-୧ ମୂଲ୍ୟ ଟ୧୫୦/-


# ୟୁକ୍ରେନ ଏଭଳି ମନୋଭାବ ରଖିଲେ ଦେଶର ମାନ୍ୟତା ହରାଇବ : ପୁଟିନ୍



ନୂଆଦିଲ୍ଲୀ, ୦୬/୦୩ : ୟୁକ୍ରେନ ଉପରେ ରୁଷ୍ ଆକ୍ରମଣ ଘଟଣା ଏବେ ନୂଆ ମୋଡ଼ ନେବାର ସଙ୍କେତ ଦେଖାଦେଇଛି । ରୁଷିଆ ରାଷ୍ଟ୍ରପତି ପୁଟିନ୍ କହିଛନ୍ତି, ଯଦି ୟୁକ୍ରେନ ଏଭଳି ମନୋଭାବ ଜାରି ରଖେ, ତାହେଲେ ୟୁକ୍ରେନ ନିଜର ଦେଶ ହେବାର ମାନ୍ୟତା ହରାଇବ । ଏହାର ଅର୍ଥ ହେଉଛି ରୁଷ୍ ୟୁକ୍ରେନକୁ ଦଖଲ କରିନେବ । ପୂର୍ବରୁ କିନ୍ତୁ ରାଷ୍ଟ୍ରପତି ପୁଟିନ୍ କହିଥିଲେ ଯେ, ୟୁକ୍ରେନ ଦଖଲ କରିବା ପାଇଁ ତାଙ୍କର କୌଣସି ଯୋଜନା କି ଅଭିପ୍ରାୟ ନାହିଁ । ବର୍ତ୍ତମାନର ୟୁକ୍ରେନ ସରକାର ନିଶ୍ଚୟ ବୁଝିବା ଦରକାର, ଯାହା ସେମାନେ କରୁଛନ୍ତି, ଯଦି ସେମାନେ ସେଇଆ କରି ଚାଲନ୍ତି, ତେବେ ୟୁକ୍ରେନ ଦେଶର ମାନ୍ୟତାକୁ ବିପଦ ଘେରକୁ ଆଣିବ । ଏବଂ ଯଦି ଏହା ଘଟେ ତେବେ ଏଥିପାଇଁ ୟୁକ୍ରେନ ହିଁ ଦାୟୀ ରହିବ । ଯୁଦ୍ଧର ୧୦ ଦିନ ପରେ ସିଧାସଳଖ ଏଭଳି ଚେତାବନୀ ଦେଇଛନ୍ତି ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ । ପ୍ରଥମେ ପୁଟିନ କହୁଥିଲେ ରୁଷିଆ ସେନା ୟୁକ୍ରେନକୁ ଦଖଲ କରିବ ନାହିଁ । ସେମାନେ ୟୁକ୍ରେନର ସାମରିକ ଶକ୍ତି ଏବଂ ନାଜି ଶକ୍ତିକୁ ହଟାଇବେ । କିନ୍ତୁ ଅନେକ ସ୍ଥାନରେ ୟୁକ୍ରେନ ସେନାର ଜବରଦସ୍ତ ମୁକାବିଲା ପରେ ଏଭଳି ସ୍ୱର ବଦଳାଇଛନ୍ତି ରୁଷିଆ ରାଷ୍ଟ୍ରପତି । ସିଧାସଳଖ କହୁଛନ୍ତି ଯଦି ୟୁକ୍ରେନ ଆତ୍ମସମର୍ପଣ ନକରେ ତେବେ ସେମାନେ ୟୁକ୍ରେନକୁ ଦଖଲ କରିନେବେ ଏବଂ ରୁଷିଆ ସହିତ ମିଶାଇ ଦେବେ । ରବିବାର ଦିନ ୟୁକ୍ରେନ ମିଲିଟାରୀ ଏକ ଫେସବୁକ ପୋଷ୍ଟରେ କହିଛି, ରୁଷିଆ ସେନାଙ୍କୁ ସେମାନେ ଜୋରଦାର ମୁକାବିଲା କରୁଛନ୍ତି । ଦକ୍ଷିଣ ୟୁକ୍ରେନ ସହର ମିକୋଲେଭ୍ ଏବଂ ଉତ୍ତରରେ ଥିବା ଚର୍ଣ୍ଣିହିବରେ ସେମାନେ ଜୋରଦାର ଲଢେଇ କରୁଛନ୍ତି । ୟୁକ୍ରେନ ମିଲିଟାରୀ ଏହି ଫେସବୁକ ପୋଷ୍ଟରେ କହିଛି ମୋରିଓପୋଲ୍ ସହରକୁ ନିୟନ୍ତ୍ରଣରେ ଆଣିବା ପାଇଁ ସମସ୍ତ ଚେଷ୍ଟା କରାଯାଉଛି । ସେଠାରୁ ସାଧାରଣ ଲୋକଙ୍କୁ ସ୍ଥାନାନ୍ତର କରାଯାଉଛି । ରୁଷିଆ ସେନା ରାଜି ହେବା ପରେ ଲୋକଙ୍କୁ ଖାଲି କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି । ଏଥିସହ ୟୁକ୍ରେନ ମିଲିଟାରୀ କହିଛି ସେଠାରେ ପରିସ୍ଥିତି ଜଟିଳ ରହିଛି । ଏବଂ ଆମେରିକା ଓ ୟୁରୋପୀୟ ଦେଶ ମାନଙ୍କୁ ସାହାଯ୍ୟ କରନ୍ତୁ । ଏ ସବୁ ଭିତରେ ଆମେରିକା ଓ ନାଟୋ ସହାୟତାରେ ୟୁକ୍ରେନ ଆକାଶକୁ ନୋ ଫ୍ଲାଏ ଜୋନ୍ କରିବା ପାଇଁ ଚେଷ୍ଟା କରୁଛନ୍ତି ରାଷ୍ଟ୍ରପତି ଜେଲେନସ୍କି । ଅର୍ଥାତ ୟୁକ୍ରେନ ଆକାଶ ଉପରେ ରୁଷିଆର ବିମାନକୁ ଉଡିବାକୁ ଅନୁମତି ଦିଆଯିବନାହିଁ । କିନ୍ତୁ ଆମେରିକା ଓ ନାଟୋ ଏଭଳି ପ୍ରସ୍ତାବରେ ରାଜି ହୋଇ ନାହାନ୍ତି । ସେପଟେ ରୁଷିଆ ରାଷ୍ଟ୍ରପତି ପୁଟିନ୍ ଚେତାବନୀ ▶▶ପୃଷ୍ଠା ୭

## ପୌର ନିର୍ବାଚନ ପାଇଁ ଆଜି ନାମାଙ୍କନର ଶେଷ ଦିନ



ଭୁବନେଶ୍ୱର, ୦୬/୦୩ (ନି.ପ୍ର): କର୍ପୋରେଟର ପ୍ରାର୍ଥୀ ପାଇଁ ତାଲିକା ପ୍ରକାଶ କରୁନାହିଁ ବିଜୁ ଜନତା ଦଳ । ବିଧାୟକ କିମ୍ବା ଅନ୍ୟ ତୁଙ୍ଗ ନେତୃତ୍ୱଙ୍କ ଇସାରାରେ ସେମାନେ ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି । ପରେ ସେମାନଙ୍କୁ ଦଳୀୟ ମାନ୍ୟତା ମିଳିଯାଇପାରେ । ଅସନ୍ତୁଷ୍ଟଙ୍କ ସମସ୍ୟା ବ୍ୟାପକ ହେବା ଆଶଙ୍କାରେ ଦଳ ତରଫରୁ ଏଭଳି ରଣନୀତି ଆପଣାଯାଇଛି । ସୋମବାର ହେଉଛି ପୌର ନିର୍ବାଚନ ପାଇଁ ନାମାଙ୍କନ ଦାଖଲ କରିବାର ଶେଷ ଦିନ । କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବରେ ବିଏମସି ପାଇଁ ଏପର୍ଯ୍ୟନ୍ତ କର୍ପୋରେଟର ପ୍ରାର୍ଥୀ ତାଲିକା ଘୋଷଣା କରିନି ବିଜେଡି । ଯାହାକୁ ନେଇ ଦ୍ୱନ୍ଦରେ ଆଶାୟୀ । ପଟୁଆର କରି ନାମାଙ୍କନ ପତ୍ର ଦାଖଲ କରୁଛନ୍ତି ପ୍ରାର୍ଥୀ । ସମର୍ଥକଙ୍କ ସହ ବିଜେଡି ପତାକା ଧରି ଦଳୀୟ ନାରା ମଧ୍ୟରେ ଲଢେଇକୁ ଓହ୍ଲାଇବାକୁ ଆରମ୍ଭ କରିଛନ୍ତି ଯାତ୍ରା । କିନ୍ତୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ଆଶାୟୀଙ୍କୁ ଏପର୍ଯ୍ୟନ୍ତ ମିଳିନି ଦଳୀୟ ଟିକେଟ । ତେବେ ନିଜ ଅଞ୍ଚଳର ବିଧାୟକଙ୍କ ପ୍ରତିଶୃତି ପରେ ସ୍ୱାଧୀନ ଭାବରେ ନାମାଙ୍କନ ଭରିଛନ୍ତି ମହାନଗର ନିଗମର ପୂର୍ବତନ କର୍ପୋରେଟର । ଶେଷ ମୂହୂର୍ତରେ ଦଳୀୟ ଟିକେଟ ମିଳିବ ବୋଲି ଆଶା ମଧ୍ୟ ରହିଛି । ସେପଟେ ଦଳୀୟ ଟିକେଟ ପାଇବା ନେଇ ସନ୍ଦେହରେ ଥିବା ନେତା ମଧ୍ୟ ନିଜ ସମର୍ଥକଙ୍କ ସହ ନାମାଙ୍କନ ପତ୍ର ଦାଖଲ କରି ଶକ୍ତି ପ୍ରଦର୍ଶନ କରିବାକୁ ଉଦ୍ୟମ କରିଛନ୍ତି । କୁହାଯାଉଛି ଭୁବନେଶ୍ୱରର ମହାନଗର ନିଗମର ପ୍ରତ୍ୟେକ ୱାର୍ଡରେ ଏକାଧିକ ଆଶାୟୀ ଥିବାରୁ ଟିକେଟ ବାଣ୍ଟିବା ନେଇ ଦ୍ୱନ୍ଦ ରହିଛି । ତେଣୁ ଅସନ୍ତୋଷକୁ ନବଢାଇବା ଓ ଦଳ ଡିଆଁକୁ ରୋକିବା ପାଇଁ ଦଳ ଆପଣେଇଛି ଏହି ଫର୍ମୁଲା । ନିକଟରେ ସରିଥିବା ପଞ୍ଚାୟତ ନିର୍ବାଚନ ପୂର୍ବରୁ ବିଦ୍ରୋହୀ ପ୍ରାର୍ଥୀଙ୍କୁ ମନାଇବା ବିଜେଡି ପାଇଁ ବଡ ଆହ୍ୱାନ ବୋଲି କୁହାଯାଉଥିଲା । କିନ୍ତୁ ଦଳୀୟ ନେତୃତ୍ୱ ଅତି ସତର୍କତାର ସହ ଏହାକୁ ପରିଚାଳନା କରି ଅଭୂତପୂର୍ବ ସଫଳତା ପାଇଥିଲେ । ତେଣୁ ପୌର ନିର୍ବାଚନରେ ଦଳ ଏହାକୁ କେମିତି ସାମ୍ନା କରୁଛି ତାହା ଉପରେ ନଜର ।

## ଡ. ସବିତା ସୁଆର ବିଜେପିର ବ୍ରହ୍ମପୁର ମେୟର ପ୍ରାର୍ଥୀ : ବିଜେପି

ଭୁବନେଶ୍ୱର, ୦୬/୦୩ (ନି.ପ୍ର): ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତିଙ୍କ ଅନୁମୋଦନ କ୍ରମେ ଭାରତୀୟ ଜନତା ପାର୍ଟି ତରଫରୁ ଆଜି ବ୍ରହ୍ମପୁର ମହାନଗର ନିଗମ (ବିଏମସି) ମେୟର ପ୍ରାର୍ଥୀ ଭାବେ ଡ. ସବିତା ସୁଆରଙ୍କ ନାମ ଘୋଷଣା କରାଯାଇଛି ବୋଲି ରାଜ୍ୟ ଉପସଭାପତି ଶ୍ରୀ ଭୃଗୁ ବକ୍ସିପାତ୍ର ସୂଚନା ଦେଇଛନ୍ତି। ଆସନ୍ତା ମାର୍ଚ୍ଚ ୨୪ ତାରିଖରେ ବ୍ରହ୍ମପୁର ମହାନଗର ନିଗମ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ପ୍ରଥମ ଥର ପାଇଁ ଭୋଟରମାନେ ପ୍ରତ୍ୟକ୍ଷ ଭାବେ ମେୟରଙ୍କୁ ନିର୍ବାଚିତ କରିବେ। ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଓ କାର୍ଯ୍ୟଶୈଳୀ ତାଙ୍କୁ ବେଶ୍ ପ୍ରଭାବିତ କରିଛି । ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ତାଙ୍କ ପ୍ରତି ଆସ୍ଥା ପ୍ରକଟ କରି ବ୍ରହ୍ମପୁର ମହାନଗର ନିଗମର ମେୟର ପ୍ରାର୍ଥୀ ଭାବେ ଚୟନ କରିଥିବାରୁ ଡ.ସବିତା ସୁଆର ଦଳକୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ୟୁକ୍ରେନ ନାଁ ନଇଁବ ନାଁ ପଛକୁ ହଟିବ : ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନସ୍କି



ନୂଆଦିଲ୍ଲୀ, ୦୬/୦୩ : ପୁଟିନଙ୍କ ଧମକ ପରେ ୟୁକ୍ରେନ ରାଷ୍ଟ୍ରପତିଙ୍କ ଜବାବ । ୟୁକ୍ରେନ ନାଁ ନଇଁବ ନାଁ ପଛକୁ ହଟିବ । ୟୁକ୍ରେନ ଶେଷ ନିଶ୍ୱାସ ପ୍ରର୍ଯ୍ୟନ୍ତ ଲଢିବ ବୋଲି ୟୁକ୍ରେନ ରାଷ୍ଟପତି ଜେଲେନସ୍କି କହିଛନ୍ତି । ୟୁକ୍ରେନ ନାଗରିକଙ୍କ ଘରେ ଉପରେ ରୁଷିଆ ବୋମା ପକାଉଛି ବୋଲି ମଧ୍ୟ ସେ ଅଭିଯୋଗ ଆଣିଛନ୍ତ । ରୁଷି ମିଡିଆ ଓ ରୁଷ ରାଷ୍ଟ୍ରପତି ମିଛ କହୁଥିବା ଜେଲେନସ୍କି କହିଛନ୍ତି । ଏହାସହ ଜେଲେନସ୍କି ରୃଷ ସେନାକୁ ପ୍ରତିରୋଧ କରିବା ପାଇଁ ଡୋନାବାସ ନାଗରିକଙ୍କୁ ଅପିଲ କରିଛନ୍ତି । ଋଷ-ୟୁକ୍ରେନ ଯୁଦ୍ଧ ମଧ୍ୟରେ ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ୟୁକ୍ରେନକୁ ଧମକ ଦେଇଛନ୍ତି । ପୁଟିନ କହିଛନ୍ତି, ୟୁକ୍ରେନ ଦେଶର ମାନ୍ୟତା ହରାଇବ । ୟୁକ୍ରେନ ଅସ୍ତିତ୍ୱ ହରାଇବ । ୟୁକ୍ରେନର ଅଧିକାରୀଙ୍କୁ ଚେତାବନୀ ଦେଇ କହିଛନ୍ତି, ବୁଝିବା ଉଚିତ୍ ଯେ, ଯଦି ସେମାନେ ଏବେ ଯାହା କରୁଛନ୍ତି ତାହା ଜାରିରଖିବେ, ତେବେ ଏହା ୟୁକ୍ରେନର ଅସ୍ତିତ୍ୱ ଉପରେ ପ୍ରଶ୍ନ ସୃଷ୍ଟି କରିବ । ଏବଂ ଯଦି ଏପରି କିଛି ହୁଏ ତେବେ ଏଥିପାଇଁ ସେମାନେ ଦାୟୀ ରହିବେ । ଏଥିସହ ପୁଟିନ୍ ନାଟୋ ଦେଶମାନଙ୍କୁ ମଧ୍ୟ ଧମକ ଦେଇଛନ୍ତି । ୟୁକ୍ରେନକୁ ନୋ ଫ୍ଲାଇଙ୍ଗ୍ ଜୋନ ଘୋଷଣା କଲେ ଯୁଦ୍ଧ ଭୟଙ୍କର ହେବ ବୋଲି ଚେତାବନୀ ଦେଇଛନ୍ତି । ଋଷ ୟୁକ୍ରେନ ଉପରେ ଆକ୍ରମଣଜାରି ରଖିଥିବା ବେଳେ ଋଷ ଉପରେ ଆମେରିକା ସମେତ ନାଟୋ ଦେଶ ଋଷ ସହ ଆର୍ଥିକ କାରବାର କରିବା ଉପରେ କଟକଣା ଲଗାଇଛନ୍ତି । ଯୁଦ୍ଧ ଭିତରେ ୟୁକ୍ରେନରୁ ୧୦ ଲକ୍ଷ ଲୋକ ଦେଶ ଛାଡି ପଳାଇଯାଇଛନ୍ତି ।

## ଶ୍ରୀନଗରର ଲାଲଚୌକରେ ଗ୍ରେନେଡ ଆକ୍ରମଣ : ଜଣେ ମୃତ, ୨୦ ଜଣ ଆହତ

ଜାମ୍ମୁ, ୦୬/୦୩ : ଜାମ୍ମୁ କଶ୍ମୀରର ରାଜଧାନୀ ଲାଲ ଚୌକରେ ଆତଙ୍କୀ ଆକ୍ରମଣ । ଆଜି ଲାଲ ଚୌକର ଅମିରା କଡାଲ ଅଞ୍ଚଳରେ ଗ୍ରେନେଡ ଆକ୍ରମଣ କରାଯାଇଛି । ଏହି ଆକ୍ରମଣରେ ୨୦ ଜଣ ଆହତ ହୋଇଥିବା ବେଳେ । ଜଣେ ସାଧାରଣ ଲୋକ ପ୍ରାଣ ହରାଇ ଥିବା ସୂଚନା ମିଳିଛି । ସେପଟେ ଆହତଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା କୁହାଯାଉଛି । ସୂଚନା ଅନୁସାରେ ସୁରକ୍ଷା କର୍ମୀଙ୍କୁ ଆତଙ୍କୀ ଟାର୍ଗେଟ କରିଥିଲେ । ସେମାନେ ସୁରକ୍ଷା କର୍ମୀ ଓ ପୋଲିସଙ୍କୁ ଟାର୍ଗେଟ କରି ଏହି ଗ୍ରେନେଡ ମାଡ କରିଥିଲେ । ଏହାପରେ ସେନା ସେହି ଅଞ୍ଚଳକୁ ଘେରା ବନ୍ଦି କରିଥିଲା । ଏହାସହ ସେଠାରେ ଏବେ ସୈନ୍ୟ ଅପରେସନ ମଧ୍ୟ ଜାରି ରହିଛି ।

## ୟୁକ୍ରେନ ଫେରନ୍ତା ଓଡ଼ିଆ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ପାଇଁ ମୋଦୀଙ୍କୁ ଚିଠି ଲେଖିଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୦୬/୦୩ (ନି.ପ୍ର): ୟୁକ୍ରେନ ଫେରନ୍ତା ଡାକ୍ତରୀ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚିଠି ଲେଖିଛନ୍ତି । ଏହି ଚିଠିରେ ନବୀନ କହିଛନ୍ତି ୟୁକ୍ରେନ ସଙ୍କଟ ଯୋଗୁଁ ବହୁ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ପାଠପଢ଼ା ବ୍ୟାଘାତ ହୋଇଛି । ତେଣୁ ସେମାନଙ୍କ ସହ ଜଡିତ ଏ ପ୍ରସଙ୍ଗକୁ ଗୁରୁତର ସହ ନେଇ ଏଥିରେ ପ୍ରଧାନମନ୍ତ୍ରୀ ହସ୍ତକ୍ଷେପ କରିବାକୁ ସେ ଅନୁରୋଧ କରିଛନ୍ତି । ସେ ନ୍ୟାସନାଲ ମେଡିକାଲ କାଉନସିଲ୍ ଏବଂ ଏହା ସହ ସଂପୃକ୍ତ ମନ୍ତ୍ରାଳୟ ଗୁଡିକ ସହ ଆଲୋଚନା କରି ଯେଉଁ ଛାତ୍ର ଛାତ୍ରୀ ମାନେ ଯେଉଁ ପର୍ଯ୍ୟାୟର ପାଠପଢାରେ ଅଛନ୍ତି ସେମାନଙ୍କର ସେହି ପର୍ଯ୍ୟାୟରୁ ପାଠପଢା କିପରି ଭାରତରେ ହୋଇପାରିବ ସେନେଇ ବ୍ୟବସ୍ଥା କରିବାକୁ ନିବେଦନ କରିଛନ୍ତି । ଏହି ପ୍ରସଂଗରେ କେନ୍ଦ୍ର ସରକାର ଯାହା ନିଷ୍ପତି ନେବେ ରାଜ୍ୟ ସରକାରଙ୍କ ତରଫରୁ ସମ୍ପୂର୍ଣ୍ଣ ସମର୍ଥନ ମିଳିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି ।

## ଶ୍ରୀତମ ଦାସ ହେଲେ ବିଜେପିର କଟକ ମେୟର ପ୍ରାର୍ଥୀ



ଭୁବନେଶ୍ୱର, ୦୬/୦୩ (ନି.ପ୍ର): କଟକ ମହାନଗର ନିଗମ ପାଇଁ ସିନେ ଅଭିନେତା ଶ୍ରୀତମ ଦାସଙ୍କୁ ମେୟର ଭାବେ ପ୍ରାର୍ଥୀ ଘୋଷଣା କରିଛି ଭାରତୀୟ ଜନତା ପାର୍ଟି । କଟକ ନଗର ବିଜେପି ସଭାପତି ଲଲାଟେନ୍ଦୁ ବଡୁଙ୍କ ଏହି ସୂଚନା ଦେଇଛନ୍ତି । ଉଲ୍ଲେଖନୀୟ ଯେ ପୂର୍ବରୁ କଂଗ୍ରେସ ପକ୍ଷରୁ ଏହି ପଦ ପାଇଁ ଗିରିବାଳା ବେହେରାଙ୍କ ନାମ ଘୋଷଣା କରା ଯାଇଥିବା ବେଳେ ବିଜେଡି ପକ୍ଷରୁ ରାଜ୍ୟସଭା ସାଂସଦ ସୁଭାଷ ସିଂହଙ୍କୁ ପ୍ରାର୍ଥୀ କରା ଯିବ ବୋଲି ଘୋଷଣା କରା ଯାଇ ସରିଛି। ପ୍ରାର୍ଥୀ ଭାବେ ଘୋଷଣା କରା ଯିବା ପରେ ଶ୍ରୀତମ ଦାସ ତାଙ୍କ ଉପରେ ବିଶ୍ୱାସ ପ୍ରକଟ କରିଥିବାରୁ ଦଳୀୟ ନେତୃତ୍ୱ ପ୍ରତି କୃତଜ୍ଞତା ଜ୍ଞାପନ କରିଛନ୍ତି । ସେ କହିଛନ୍ତି ଯେ ସେ ଗତ ଦଶ ବର୍ଷ ହେବ ଭାରତୀୟ ଜନତା ପାର୍ଟି ପାଇଁ କାମ କରି ଆସୁଛନ୍ତି । ଦଳର ଷ୍ଟାର କ୍ୟାମ୍ପେନର ଭାବେ ସାରା ରାଜ୍ୟରେ ଦଳ ପାଇଁ ପ୍ରଚାର କରିଛନ୍ତି ।

## ବିଧାନ ପରିଷଦ ଗଠନ ନେଇ ବିଧାନସଭା ପକ୍ଷରୁ ଲେଖା ଯାଇଥିବା ଚିଠିର ଉତ୍ତର ଦେଲେ କେନ୍ଦ୍ର ସରକାର



ଭୁବନେଶ୍ୱର, ୦୬/୦୩ (ନି.ପ୍ର): ବିଧାନ ପରିଷଦ ଗଠନ ନେଇ ବିଧାନସଭା ପକ୍ଷରୁ ଲେଖା ଯାଇଥିବା ଚିଠିର ଉତ୍ତର କେନ୍ଦ୍ର ସରକାର ଦେଇଛନ୍ତି ବୋଲି ବିଧାନସଭା ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଏହି ଚିଠି ବିଧାନସଭାରେ ପହଂଚିବା ପରେ ସଂସଦୀୟ ବ୍ୟାପାର ବିଭାଗକୁ ପଠାଇ ଦିଆଯାଇଛି। ବିଧାନପରିଷଦ ଗଠନ ନେଇ କଣ ପ୍ରକ୍ରିୟା ରହିବ ସେ ନେଇ ଚିଠିରେ ଉଲ୍ଲେଖ ରହିଛି। ସାଂସଦ ପ୍ରସନ୍ନ ଆଚାର୍ଯ୍ୟଙ୍କ ପ୍ରଶ୍ନରେ ବିଧାନସଭା ପରିଷଦ ଗଠନ ନେଇ କିଛି ପ୍ରସ୍ତାବ ଆସିନଥିବା ସଂସଦରେ ଉତର ରଖିଥିଲେ କେନ୍ଦ୍ର ଆଇନ ମନ୍ତ୍ରୀ । କେଉଁ ପରିସ୍ଥିତିରେ ଭୁଲ ଉତର ରଖାଗଲା ସେ ନେଇ ବିଧାନସଭା ପକ୍ଷରୁ ୨ ଟି ଚିଠି ଲେଖାଯାଇଥିଲା। ଏହାର ଉତର କେନ୍ଦ୍ର ସରକାରଙ୍କ ପକ୍ଷରୁ ଦିଆଯାଇଛି।

## ରାଜ୍ୟରେ କରୋନାରେ ଆଉ ୩ ଜଣ ସଂକ୍ରମିତଙ୍କ ମୃତ୍ୟୁ

ଭୁବନେଶ୍ୱର, ୦୬/୦୩ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମିତ ଆଉ ୩ ଜଣଙ୍କର ମୃତ୍ୟୁ ଘଟିଛି । ଏହା ସହ କରୋନା କାରଣରୁ ରାଜ୍ୟରେ ମୃତ୍ୟୁ ସଂଖ୍ୟା ୯୧୦୧ ହୋଇ ଯାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ମୃତକଙ୍କ ମଧ୍ୟରେ ସମସ୍ତେ କନ୍ଧମାଳ ଜିଲ୍ଲାର ।

## ମେୟର ଲଢେଇ ପାଇଁ ମୈଦାନ ପ୍ରସ୍ତୁତ

ଭୁବନେଶ୍ୱର, ୦୬/୦୩ (ନି.ପ୍ର): ମେୟର ଲଢ଼େଇ ପାଇଁ ମୈଦାନ ପ୍ରସ୍ତୁତ । ଟୁଇନ ସିଟି ଭୁବନେଶ୍ୱର ଓ କଟକରେ ମେୟର ଲଢ଼େଇ ପାଇଁ ସବୁ ଦଳ ପ୍ରାର୍ଥୀ ଘୋଷଣା କରିସାରିଛନ୍ତି । ଏଥର ଭୋଟର ସିଧାସଳଖ ମେୟର ନିର୍ବାଚନ କରିବେ । ତେଣୁ ଭୋଟରଙ୍କ ପାଖକୁ ଯାଇ ପ୍ରାର୍ଥୀ ନିଜ ପକ୍ଷ ରଖିବା ଆରମ୍ଭ ହୋଇଗଲାଣି । ପ୍ରାର୍ଥୀ ପ୍ରସ୍ତୁତ, ମଇଦାନ ପ୍ରସ୍ତୁତ । ଦ୍ୱୈତନଗରୀରେ କିଏ ମାରିବ ବାଜି ? କଟକ ଓ ଭୁବନେଶ୍ୱରରେ କିଏ ହେବ ମେୟର, ଏ ନେଇ ରାଜନୈତିକ ପାଣିପାଗ ଉଷ୍ଣୁମ ହେଉଥିବା ବେଳେ କଂଗ୍ରେସ ପ୍ରାର୍ଥୀ ମଧୁସ୍ମିତା ଆଚାର୍ଯ୍ୟ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ବିଶାଳ ରାଲିରେ ଆସି ବିଏମସି ନିର୍ବାଚନ ଅଧିକାରୀ ତଥା ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି ମଧୁସ୍ମିତା । ସେହିପରି ଆମ ଆଦମୀ ପାର୍ଟି ପକ୍ଷରୁ ସରୋଜିନୀ ଖୁଣ୍ଟିଆ ▶▶ପୃଷ୍ଠା ୭

## ମାର୍ଚ୍ଚ ୩୧ ପୂର୍ବରୁ ବସିବ ବିଧାନସଭା ବଜେଟ ଅଧିବେଶନ: ବାଚସ୍ପତି



ଭୁବନେଶ୍ୱର, ୦୬/୦୩ (ନି.ପ୍ର): ମାର୍ଚ୍ଚ ୩୧ ତାରଖରୁ ପୂର୍ବରୁ ବିଧାନସଭା ବଜେଟ ଅଧିବେଶନ ବସିବ । ରାଜ୍ୟପାଳଙ୍କ ଅନୁମୋଦନ ଆସିବା ପରେ ବିଧିବଦ୍ଧ ତାରିଖ ଘୋଷଣା ହେବ। ବିଧାନସଭା ବଜେଟ ଅଧିବେଶନ ସଂପର୍କରେ ସୂଚନା ଦେଇ ବାଚସ୍ପତି କହିଛନ୍ତି ସୂର୍ଯ୍ୟ ନାରାୟଣ ପାତ୍ର ଏହି ସୂଚନା ଦେଇଛନ୍ତି ।

## ମୋଦୀଙ୍କ ସହ କଥା ହେଲେ ୟୁକ୍ରେନ ବୈଦେଶିକ ମନ୍ତ୍ରୀ

ନୂଆଦିଲ୍ଲୀ, ୦୬/୦୩ : ଋଷ-ୟୁକ୍ରେନ ଯୁଦ୍ଧ ଭିତରେ ଭାରତର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିଛି । ୱାର ଜୋନରେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର ପାଇଁ ଗତକାଲି ୟୁକ୍ରେନ ଏବଂ ଋଷ ସାମୟିକ ପାଇଁ ଅସ୍ତ୍ରବିରତି ଘୋଷଣା କରିଥିଲେ । ଏହା ପଛରେ ଭାରତର ଭୂମିକା ଥିବା କୁହାଯାଉଛି । ଏପରି ସ୍ଥିତିରେ ୟୁକ୍ରେନର ବୈଦେଶିକ ମନ୍ତ୍ରୀ ଡାମଟ୍ରୋ କୁଲେବା ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ କଥା ହୋଇଛନ୍ତି । ଯୁଦ୍ଧ ରୋକିବା ପାଇଁ ମୋଦିଙ୍କୁ ପୁଟିନଙ୍କ ସହ କଥା ହେବା ପାଇଁ କୁଲେବା ଅନୁରୋଧ କରିଛନ୍ତି । ଯୁଦ୍ଧ ଦ୍ୱାରା କୌଣସି ଦେଶ ପାଇଁ ଭଲ ନୁହେଁ । ପୁଟିନ୍ ଆମର ବଂଚିବାର ଅଧିକାରକୁ ଗ୍ରହଣ କରୁନାହାଁନ୍ତି । ସ୍ୱଭାବିକ୍ ଭାବେ ଭାରତୀୟମାନେ ଋଷ ରାଷ୍ଟ୍ରଦୂତଙ୍କ ଉପରେ ଯୁଦ୍ଧ ରୋକିବା ପାଇଁ ଚାପ ପକାଇପାରିବେ ବୋଲି ସେ କହିଛନ୍ତି । କୁଲେବା କହିଛନ୍ତି, ଭାରତ ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ୟୁକ୍ରେନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି, ତେଣୁ ଯୁଦ୍ଧ ବନ୍ଦ କରିବା ଭାରତ ପାଇଁ ଭଲ ହେବ ବୋଲି ସେ କହିଛନ୍ତି । ଏଥିସହ ୟୁକ୍ରେନରେ ଫସିଥିବା ଭାରତୀୟମାନଙ୍କୁ ଉଦ୍ଧାର ପାଇଁ ଖାରକିଭ୍ ଏବଂ ସୁମିରେ ଟେନର ବ୍ୟବସ୍ଥା କରାଯାଇଥିବା ସେ କହିଛନ୍ତି ।

## ଆରମ୍ଭ ହେଲା ବିଧାନସଭା ସମାଚାର ୟୁଟ୍ୟୁବ ଚ୍ୟାନେଲ

ଭୁବନେଶ୍ୱର, ୦୬/୦୩ (ନି.ପ୍ର): ବିଧାନସଭା ସମାଚାର ନାମରେ ଏକ ୟୁଟ୍ୟୁବ ଚାନେଲ ଆରମ୍ଭ ହୋଇଛି । ବିଜୁ ପଟ୍ଟନାୟକ ଜୟନ୍ତୀରେ ଏହାକୁ ଆରମ୍ଭ କରା ଯାଇଛି। ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ପରବର୍ତୀ ମୁର୍ହୁରେ ବିଧାନସଭା ଟିଭି ଆରମ୍ଭ ହେବ। ଏ ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ସେ କହିଛନ୍ତି ଯେ ଏହା ସହ ବିଧାନସଭା ପତ୍ରିକା ନାମକ ମାସିକ ପତ୍ରିକା ଆରମ୍ଭ ହେବ।

# ବିଜେଡି ପକ୍ଷରୁ ନିବେଦିତାଙ୍କ ପ୍ରାର୍ଥୀପତ୍ର ଦାଖଲ



ବାସୁଦେବପୁର,୦୬/୦୩ (ନି.ପ୍ର): ଏବେ ଓଡ଼ିଶାରେ ପୌର ନିର୍ବାଚନ ର ବିଗୁଲ ବାଜିଛି । ଏହି ଅବସରରେ ବାସୁଦେବପୁର ପୌରପାଳିକା ର ଅଧକ୍ଷା ପଦ ପାଇଁ ବିଜେଡି ପକ୍ଷରୁ ନିବେଦିତା ବେହେରା ପ୍ରାର୍ଥୀ ପତ୍ର ତହସିଲଦାରଙ୍କ ଠାରେ ଦାଖଲ କରିଛନ୍ତି । ଏକ ବିଶାଳ ଶୋଭାଯାତ୍ରାରେ ବହୁ ନେତା ଓ କର୍ମୀ ସାମିଲ ହୋଇଥିଲେ । ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଭଦ୍ରକ ସାଂସଦ ମଂଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ସୁରେଶ ଚନ୍ଦ୍ର ମହାନ୍ତି, ଅସିତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ଓ ମତାମତ ରଖିଥିଲେ । ନିବେଦିତା ଙ୍କ ସ୍ୱାମୀ ବିଶିଷ୍ଟ ଶିଳ୍ପପତି ଶୁଭେନ୍ଦୁ ଭୂଷଣ ବେହେରା ସମସ୍ତ ଙ୍କୁ ଅଭିନନ୍ଦନ ଜଣାଇବା ସହିତ ଧନ୍ୟବାଦ ଦେଇଥିଲେ ।

# ପେଟ୍ରୋଲ ପମ୍ପରେ ଠକାମୀର ଶୀକାର ହେଉଛନ୍ତି ଗ୍ରାହକ :ତଦନ୍ତପାଇଁ ଉଠିଲା ଦାବି

କେନ୍ଦୁଝର,୦୬/୦୩ (ନି.ପ୍ର): କେନ୍ଦୁଝରର କେତେକ ପେଟ୍ରୋଲ ପମ୍ପ ଦ୍ୱାରା କୁଆଡେ ନିୟମିତ ଭାବେ ଗ୍ରାହକମାନେ ଠକେଇ କରାଯାଉଥିବା ଅଭିଯୋଗମାନ ହୋଇ ଆସୁଥିଲେ ମଧ୍ୟ ସେ ସବୁର ସତ୍ୟତା ଉପରେ ଜିଲ୍ଲା ପ୍ରଶାସନ କିମ୍ବା କୌଣସି ବିଭାଗ କେହି ବି ଗୁରୁତ୍ୱ ଦେଉ ନାହାଁନ୍ତି । ଯାହା କି ସବୁଠାରୁ ଆଶ୍ଚର୍ଯ୍ୟ । ସହର ମଝିରେ ୪ଟି ପେଟ୍ରୋଲ ପମ୍ପ ରହିଥିବା ବେଳେ ସହର ସନ୍ନିକଟ ଅଂଚଳର ବିଭିନ୍ନ ଦିଗରେ ମଧ୍ୟ ୪ଟି ପେଟ୍ରୋଲ ପମ୍ପ ରହିଛି । ସହର ମଧ୍ୟରେ ରହିଥିବା ନିର୍ଦ୍ଦିଷ୍ଟ କେତୋଟି ପେଟ୍ରୋଲ ପମ୍ପ ଦ୍ୱାରା ଖାଉଟିମାନେ ଶୋଷଣର ଶୀକାର ହେଉଥିବା ସଂପର୍କରେ ଅନେକ ବାର ଅଭିଯୋଗ ହୋଇଆସିଛି । ଏବେ ପେଟ୍ରୋଲ ପମ୍ପରେ ଯେଉଁ ଅଭିନବ ଉପାୟରେ ଠକେଇ ହେଉଥିବା ଲୋକଲୋଚନକୁ ଆସିଥିବା ଚର୍ଚ୍ଚାକୁ ଆସିଛି ତାହା ପମ୍ପରେ ନିୟୋଜିତ କର୍ମଚାରୀ ମାନଙ୍କ ଦ୍ୱାରା କରାଯାଉଥିବା କୁହାଯାଉଛି । ବିଶେଷ ଭାବେ ଦୁଇ ଚକିଆ ଗାଡିର ମାଲିକମାନେ ଅଧିକ ଭାବେ ଏଥିରେ କ୍ଷତିଗ୍ରସ୍ତ ହେଉଛନ୍ତି । ଜଣେ ସ୍କୁଟର , ସ୍କୁଟି କିମ୍ବା ବାଇକ ମାଲିକ ଯେତେବେଳେ ନିଜ ଯାନରେ ତେଲ ପକାଇବାକୁ ପେଟ୍ରୋଲ ପମ୍ପକୁ ଯାଆନ୍ତି ସେତେବେଳେ ସେ କର୍ମଚାରୀଙ୍କୁ ,ଲିଟର ରେ ନୁହେଁ ବରଂ ନିର୍ଦ୍ଦିଷ୍ଟ ଟଙ୍କାର ତେଲ ପକାଇବାକୁ କହିଥାଆନ୍ତି । ସେତେବେଳେ କର୍ମଚାରୀ ଜଣଙ୍କ ଗ୍ରହକଙ୍କ କହିବାନୁଯାୟୀ ପମ୍ପରେ ସେହି ନିର୍ଦ୍ଦିଷ୍ଟ (ଏମାଉଟଂ) ଟଙ୍କାକୁ ସେଟ୍ କରିବା ପରେ ତାଙ୍କ ଯାନର ଟାଙ୍କିରେ ତେଲ ପକାଇ ଥାଆନ୍ତି । ଏବଂ ତେଲ ପକାଇବା ବେଳେ କର୍ମଚାରୀ ଜଣକ ତାଙ୍କ ହାତରେ ଧରିଥିବା ପାଇପ ର ନୋଜାଲକୁ ପ୍ରେସ କରିଥାଆନ୍ତି । ସବୁଠାରୁ ରହସ୍ୟପୁର୍ଣ୍ଣ ବିଷୟ ହେଉଛି ଯେ କର୍ମଚାରୀ ଜଣକ ତାଙ୍କ ହାତର ନୋଜଲ କୁ ପ୍ରେସ କରୁ କରୁ ଗ୍ରାହକଙ୍କ ଯାନର ଟାଙ୍କିରେ ଆଖି ପିଛୁଳାକେ ଗୋଟିଏ ଲିଟର ପର୍ଯ୍ୟନ୍ତ ତେଲ ଭର୍ତି ଯାଇଥାଏ । ପ୍ରାୟତଃ ସବୁବେଳେ ଯାନ ମାନଙ୍କରେ ତେଲ ପକାଇବା କାମରେ ନିୟୋଜିତ ପମ୍ପର କର୍ମଚାରୀ ତାଙ୍କ ହାତରେ ଧରିଥିବା ତେଲ ପକାଇବା ନୋଜାଲକୁ ଏଭଳି ଫୁଲ ସ୍ପିଡରେ ପ୍ରେସ କରିଥାଆନ୍ତି ଯେ ଏକା ଥରକେ ୫/୬ ୟୁନିଟ ରୁ ହିଁ ଟାଙ୍କିରେ ତେଲ ପଡିବା ଆରମ୍ଭ ହୋଇଥାଏ । କିନ୍ତୁ ସବୁଠାରୁ ଆଶ୍ଚର୍ଯ୍ୟ ବିଷୟ ହେଉଛି ଯେ ଆପଣ ଯଦି ସେହି କର୍ମଚାରୀଙ୍କୁ ତେଲ ପଡୁଥିବା ନୋଜାଲକୁ ଟିକେ କମ୍ ସ୍ପିଡରେ ପ୍ରେସ କରିବାକୁ ଅନୁରୋଧ କରନ୍ତି , ସେ ପ୍ରାୟତଃ ତାହା ଶୁଣିବା ପରିବର୍ତେ ବିଭିନ୍ନ ଆଳରେ ତାହାକୁ ଏଡାଇ ଯାଇଥାଆନ୍ତି । ଅବଶ୍ୟ ତାହା ସେମାନେ ସେମାନଙ୍କର ନିଜସ୍ୱ ଇଚ୍ଛାରେ କରିଥାନ୍ତି କିମ୍ବା ମାଲିକଙ୍କ ନିର୍ଦ୍ଦେଶରେ କରିଥାନ୍ତି ତାହା ସ୍ପଷ୍ଟ ନୁହେଁ । କିନ୍ତୁ ଏଭଳି ଫୁଲସ୍ପିଡରେ ତେଲ ପକାଯିବା ଦ୍ୱାରା ତେଲର ପରିମାଣ କମ୍ ରହୁଥିବା ବେଳେ ଗ୍ରାହକ ହିଁ କ୍ଷତିଗ୍ରସ୍ତ ହେଉଥିବା ଅଭିଯୋଗ ଆସୁଛି । ଅନ୍ୟପକ୍ଷରେ ବୋତଲରେ ପେଟ୍ରୋଲ ନେଉଥିବା ଗ୍ରାହକମାନଙ୍କୁ କର୍ମଚାରୀମାନେ କମ୍ ସ୍ପିଡରେ ଦେବାକୁ ବାଧ୍ୟ ହୋଇ ହେଉଥିବାରୁ ସେଠାରେ ତେଲର ପରିମାଣ ପ୍ରାୟତଃ ଠିକ ଥାଏ । ଯାହାର ସତ୍ୟା ସତ୍ୟର ଏକ ନୀରପେକ୍ଷ ତଦନ୍ତ ସପକ୍ଷରେ ବହୁଳ ମତ ପ୍ରକାଶ ପାଇଛି । ଅନ୍ୟ ପକ୍ଷରେ ସହର ମଧ୍ୟରେ ରହିଥିବା ଏହ ଏକାଧିକି ପେଟ୍ରୋଲ ପମ୍ପ ସହରବାସଙ୍କ ପାଇଁ କେତେଦୂର ସୁରକ୍ଷିତ ତାହା ଉପରେ ମଧ୍ୟ ଅନେକ ପ୍ରଶ୍ନ ଉଠାଇଛନ୍ତି ।

# ନରସିଂହପୁରରେ ଜିତିଲେ ଗୌରାଙ୍ଗ



ବାସୁଦେବପୁର,୦୬/୦୩ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ପଂଚାୟତରେ ଭାରତୀୟ ଜାତୀୟ କଂଗ୍ରେସ ଦଳ ସମର୍ଥିତ ଗୌରାଙ୍ଗ ଚନ୍ଦ୍ର ପଣ୍ଡା ସରପଂଚ ଭାବେ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ରେ ବିଜୟ ଲାଭ କରିଛନ୍ତି । ଶ୍ରୀ ପଣ୍ଡା ଙ୍କ ପରିବାର ରେ ତାଙ୍କର ପନ୍ନୀ ଓ କନ୍ୟା ସମସ୍ତ ଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଅତୀତରେ ଶ୍ରୀ ପଣ୍ଡା କଂଗ୍ରେସ ଦଳର ବରିଷ୍ଠ ନେତା ସ୍ୱର୍ଗତ ରବୀନ୍ଦ୍ର ପାଢ଼ୀ ଙ୍କ ଠାରୁ ଅନେକ ରାଜନୈତିକ ଅଭିଜ୍ଞତା ହାସଲ କରିଥିଲେ । ଅନେକ ଦୁଃଖ କଷ୍ଟ ଓ ଯନ୍ତ୍ରଣା ସହି ଜନସାଧାରଣ ଙ୍କ ସେବା ରେ ଶ୍ରୀ ପଣ୍ଡା ନିଜକୁ ଉତ୍ସର୍ଗ କରିଛନ୍ତି । ସମାଜସେବା ସହିତ ରାଜନୀତି ରେ ଲୋକଙ୍କ ପାଇଁ ଶ୍ରୀ ପଣ୍ଡା ଅଧିକ ସମୟ ଦିଅନ୍ତି । ଶ୍ରୀ ପଣ୍ଡା ଙ୍କ ସହିତ ସମିତି ସଭ୍ୟା ପ୍ରାର୍ଥୀନୀ ଅନିତା ଲେଙ୍କା ବିଜୟ ଲାଭ କରିଛନ୍ତି । ନରସିଂହପୁର ପଂଚାୟତର ସମସ୍ତ ଗ୍ରାମବାସୀ ଙ୍କୁ ଉଭୟ ସରପଂଚ ଓ ସମିତି ସଭ୍ୟା ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଆଗାମୀ ଦିନରେ ପଂଚାୟତରେ ଥିବା ବାକି କାର୍ଯ୍ୟ କୁ ସମ୍ପୂର୍ଣ୍ଣ କରାଯିବ ଓ ପଂଚାୟତର ଉନ୍ନତି ଦିଗରେ ଆମେ ଯତ୍ନବାନ ହେବୁ ବୋଲି ଶ୍ରୀ ପଣ୍ଡା ପ୍ରକାଶ କରିଥିଲେ ।

# ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହଜନିତ ପରିସ୍ଥିତିର ମୁକାବିଲା ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ

ବଲାଙ୍ଗିର,୦୬/୦୩ (ନି.ପ୍ର): ଗତକାଲି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଭାଗୃହରେ ବଲାଙ୍ଗିର ଜିଲ୍ଲାରେ ସାମ୍ଭବ୍ୟ ଗ୍ରୀଷ୍ମ ପ୍ରବାହଜନିତ ପରିସ୍ଥିତିରେ ମୁକାବିଲା ନିମନ୍ତେ ବିଭିନ୍ନ ବିଭାଗ ତରଫରୁ ଗ୍ରହଣ କରାଯାଇଥିବା ସତର୍କତାମୂଳକ ପଦକ୍ଷେପ ସମ୍ପର୍କରେ ଏକ ଜିଲ୍ଲା ସ୍ତରୀୟ ପ୍ରସ୍ତୁତି ବୈଠକ ଭର୍ଚୁଆଲ ମୋଡରେ ଜିଲ୍ଲାପାଳ ଚଂଚଲ୍ ରାଣାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଅତିରିକ୍ତ ଜିଲାପାଳ ଅନନ୍ତ ନାରାୟଣ ସିଂ ଲାଗୁରୀ, ପି ଡି ଡିଆରଡିଏ ସୁଶାନ୍ତ କୁମାର ସିଂହ, ସିଡିଏମଓ ଡଃ. ସ୍ନେହଲତା ସାହୁ, ବଲାଙ୍ଗିର ଉପଜିଲ୍ଲାପାଳ ଲମ୍ବୋଧର ଧରୁଆଙ୍କ ସମେତ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ରିନା ନାଏକ ଏବଂ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ ବ୍ଲକ ଭିଡ଼ିଓ କନଫରେନ୍ସ ହଲ୍ ଠାରେ ସମ୍ପୃକ୍ତ ବ୍ଲକ ର ବିଡିଓ ତହସିଲଦାର ମାନେ ଉପସ୍ଥିତ ଥିଲେ । ସାମ୍ଭବ୍ୟ ଗ୍ରୀଷ୍ମ ପ୍ରବାହ ଜନିତ ପରିସ୍ଥିତିରେ ମୁକାବିଲା ନିମନ୍ତେ ବିଭାଗୀୟ ଅଧିକାରୀମାନେ ସଜାଗ ଓ ତତ୍ପର ରହିବା ସହିତ କ୍ଷେତ୍ରରେ ଥିବା କର୍ମଚାରୀ ଓ ଅଧିକାରୀମାନଙ୍କୁ ଏ ସମ୍ପର୍କରେ ସୂଚୀତ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ପାନୀୟ ଜଳର ସମସ୍ୟା ସମ୍ପର୍କରେ ଅଭିଯୋଗ ପାଇବା ମାତ୍ରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଓ ସମସ୍ୟାର ସମାଧାନ କରିବାକୁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହା ବ୍ୟତୀତ ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହଜନିତ ଅଂଶୁଘାତର ମୁକାବିଲା ପାଇଁ ଜିଲ୍ଲାର ପ୍ରତ୍ୟେକ ସ୍ୱାସ୍ଥ୍ୟକେନ୍ଦ୍ର ଓ ହସ୍ପିଟାଲ ଗୁଡିକରେ ପର୍ଯ୍ୟାପ୍ତ ଔଷଧ ତଥା ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ କରିବାକୁ ସିଡିଏମଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସ୍ୱାସ୍ଥ୍ୟକେନ୍ଦ୍ର ଓ ହସ୍ପିଟାଲ ଗୁଡିକରେ ଅଂଶୁଘାତଜନିତ ରୋଗୀଙ୍କର ଚିକିତ୍ସା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାର ପ୍ରତ୍ୟେକ ବ୍ଲକ, ତହସିଲ, ଆରଡବ୍ଲୁଏସଏସ, ପ୍ରାଣୀ ସମ୍ପଦ ତଥା ଅନ୍ୟାନ୍ୟ ସମ୍ପୃକ୍ତ କାର୍ଯ୍ୟାଳୟ ଗୁଡିକରେ କଣ୍ଟ୍ରୋଲ୍ ରୁମ୍ ଖୋଲିବା ସହିତ ଜନସାଧାରଣଙ୍କୁ ଅବଗତ କରିବା ନିମନ୍ତେ ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ପରିସ୍ଥିତିର ମୁକାବିଲା ନିମନ୍ତେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା । ଅଚଳାବସ୍ଥାରେ ଥିବା ନଳକୂପ ତଥା ଅନ୍ୟ ଜଳଉତ୍ସ ଗୁଡିକ ତୁରନ୍ତ କାର୍ଯ୍ୟକ୍ଷମ କରିବା, ପାନୀୟ ଜଳଯୋଗାଣ ଓ ତତ୍ ସଂକ୍ରାନ୍ତୀୟ ସମସ୍ୟା ଗୁଡିକର ସମାଧାନ ସକାସେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା, ଅଂଶୁଘାତଜନିତ ମୃତ୍ୟୁର ଯଥାଶୀଘ୍ର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା, ଜିଲ୍ଲାର ପ୍ରତ୍ୟେକ ପୌର ପରିଷଦ, ଏନଏସି, ବ୍ଲକ, ପଚାଂୟତ ଗୁଡିକର ଗୁରୁତ୍ୱପୂର୍ଣ୍ଣ ଓ ଜନଗହଳି ସ୍ଥାନରେ, ବସଷ୍ଟାଣ୍ଡ ଗୁଡିକରେ ଜଳଛତ୍ରମାନ ଖୋଲିବା, ଜଳକଷ୍ଟ ଅଂଚଳରେ ଟ୍ୟାଙ୍କର ମାଧ୍ୟମରେ ଜଳଯୋଗାଣ କରିବା ଇତ୍ୟାଦି ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା । ଯାତ୍ରୀବାହୀ ବସ୍ ତଥା ଯାତ୍ରୀ ପରିବହନ ଗୁଡିକରେ ପର୍ଯ୍ୟାପ୍ତ ପରିମାଣରେ ପାନୀୟ ଜଳ ଏବଂ ଓଆରଏସ ପ୍ୟାକେଟ୍ ରଖିବା ସକାସେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ଆରଟିଓ ଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏତଦ୍ ବ୍ୟତୀତ ଶ୍ରମିକ ମାନେ କାର୍ଯ୍ୟ କରୁଥିବା କାର୍ଯ୍ୟସ୍ଥଳରେ ପର୍ଯ୍ୟାପ୍ତ ପରିମାଣରେ ପାନୀୟ ଜଳ, ଓଆରଏସ୍ ପ୍ୟାକେଟ୍ ତଥା ଆଶ୍ରୟ ସ୍ଥଳ ବ୍ୟବସ୍ଥା କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଗ୍ରୀଷ୍ମ ସମୟରେ ଗୋରୁ ଗାଈ ଇତ୍ୟାଦି ପ୍ରାଣୀ ସମ୍ପଦ ପାଇଁ ପିଇବା ପାଣିର ବ୍ୟବସ୍ଥା ତଥା ଔଷଧ ରଖିବା ନିମନ୍ତେ ସିଡିଭିଓ ଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ସେହିପରି ସାମାଜିକ ସୁରକ୍ଷା ଯୋଜନା ଜରିଆରେ ଚାଉଳ ତଥା ଅନ୍ୟାନ୍ୟ ଭତା ପାଉଥିବା ହିତାଧିକାରୀ ଏବଂ ପେନସନ୍ ଭୋଗୀଙ୍କୁ ସକାଳ ୯ ଟା ସୁଦ୍ଧା ନିର୍ଦ୍ଧାରିତ ତାରିଖ ମାନଙ୍କରେ ବଂଟନ କରିବାକୁ ସମସ୍ତ ବିଡିଓ ଏବଂ ନିର୍ବାହୀ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଗ୍ରୀଷ୍ମ ପ୍ରବାହ ଜନିତ ପରିସ୍ଥିତି ସମ୍ପର୍କରେ ମୁକାବିଲା ଓ ଅଂଶୁଘାତ ସମ୍ପର୍କରେ ସତର୍କତା ତଥା ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉପରେ ବୈଠକରେ ଆଲୋଚନା ହୋଇଥିଲା । ବୈଠକ ଶେଷରେ ଅତିରିକ୍ତ ଜିଲାପାଳ ଶ୍ରୀ ଲାଗୁରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ସରପଂଚମାନଙ୍କୁ ୧୦ ତାରିଖରେ କ୍ଷମତା ହସ୍ତାନ୍ତର

ଧର୍ମଶାଳା,୦୬/୦୩ (ନି.ପ୍ର): ଯାଜପୁର ଜିଲାରେ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ଫଳାଫଳ ଘୋଷିତ ହୋଇସାରିଛି । ଜିଲାର ଧର୍ମଶାଳା ବ୍ଲକର ୪୫ଟି ପଂଚାୟତର ନବନିର୍ବାଚିତ ସରପଂଚମାନଙ୍କୁ ଓ ଅନ୍ୟାନ୍ୟ ପଦ ନିର୍ବାଚନ ପାଇଁ ବ୍ଲକ ପ୍ରଶାସନ ପ୍ରସ୍ତୁତ ଅଛି । ସରପଂଚମାନଙ୍କୁ ଚଳିତ ମାସ ୧୦ ତାରିଖରେ ପଂଚାୟତ କାର୍ଯ୍ୟାଳୟରେ କ୍ଷମତା ହସ୍ତାନ୍ତର କରାଯିବ । ୧୧ ତାରିଖରେ ନାଏବ ସରପଂଚ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ । ନବ ନିର୍ବାଚିତ ସରପଂଚ ପୁରୁଷ ହୋଇଥିଲେ ନାଏବ ସରପଂଚ ପଦ ମହିଳାମାନେ ନିର୍ବାଚିତ ହେବେ । ବ୍ଲକ ଅଧକ୍ଷ ପଦ ପାଇଁ ୧୨ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ । ବ୍ଲକ ଅଧକ୍ଷ ପୁରୁଷ ହୋଇଥିଲେ ଉପାଧକ୍ଷ ପଦ ମହିଳାଙ୍କ ପାଇଁ ସ୍ଥାନ ସଂରକ୍ଷିତ ରହିବ । ବ୍ଲକ ଉପାଧକ୍ଷ ପଦବୀ ପାଇଁ ୨୫ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ । ସେଥିନେଇ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରସ୍ତୁତ ଚାଲିଥିବା ନିର୍ବାଚନ ଅଧିକାରୀ ତଥା ଧର୍ମଶାଳା ବିଡିଓ ଅରବିନ୍ଦ ବେହେରା ସୂଚନା ଦେଇଛନ୍ତି ।

# ସମ୍ଭାବ୍ୟ ଅଂଶୁଘାତ ମୁକାବିଲା ସକାଶେ ପ୍ରସ୍ତୁତି ବୈଠକ

ଝାରସୁଗୁଡ଼ା,୦୬/୦୩ (ନି.ପ୍ର): ଜିଲ୍ଲାରେ ସମ୍ଭାବ୍ୟ ଅଂଶୁଘାତର ମୁକାବିଲା ସକାଶେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଜିଲ୍ଲା ଖଣିଜ ପାଣ୍ଠି ଅଡିଟୋରିଅମରେ ଜିଲ୍ଲାପାଳ ସରୋଜ କୁମାର ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଜିଲ୍ଲା କାର୍ଯ୍ୟାଳୟ ସମେତ ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ, ଜିଲ୍ଲାର ସମସ୍ତ ତହସିଲ, ବ୍ଲକ, ପୌରପାଳିକା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ତଥା ସମ୍ପୃକ୍ତ ସମସ୍ତ କାର୍ଯ୍ୟାଳୟରେ କଂଟ୍ରୋଲ ରୁମ୍ ଖୋଲିବା, ଶ୍ରମିକମାନଙ୍କ କାର୍ଯ୍ୟ ନିର୍ଘଂଟରେ ପରିବର୍ତନ ପୂର୍ବକ ଦିନ ୧୧ଟାରୁ ଅପରାହ୍ନ ସାଢ଼େ ୩ଟା ମଧରେ କାର୍ଯ୍ୟ କରିବା ଉପରେ କଟକଣା ତଥା ଯାତ୍ରୀବାହୀ ଯାନ ଚଳାଚଳରେ ସମୟ ପରିବର୍ତନ ଓ ଓଆରଏସ ମହଜୁଦ ରଖିବା, ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କରେରେ ଅଂଶୁଘାତରେ ଆକ୍ରାନ୍ତ ରୋଗୀମାନଙ୍କ ପାଇଁ ଔଷଧ, କୁଲର, ଏସି, ଓଆରଏସ ଓ ଥଣ୍ଡା ପାଣି ଆଦିର ପର୍ଯ୍ୟାପ୍ତ ବ୍ୟବସ୍ଥା ଗ୍ରହଣ କରିବା, ଜଳକ୍ଲିଷ୍ଟ ଅଂଚଳରେ ପାନୀୟ ଜଳ ଯୋଗାଣ, ପଶୁମାନଙ୍କ ସକାଶେ ପାନୀୟ ଜଳ ବ୍ୟବସ୍ଥା, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ, ଜଙ୍ଗଲରେ ନିଆଁ ନ ବ୍ୟାପିବା ପାଇଁ ସତର୍କ ଦୃଷ୍ଟି ଆଦି ଉପରେ ବିସ୍ତୃତ ଆଲୋଚନା କରାଯାଇ ବିଭାଗୀୟ ଅଧିକାରୀକାରୀମାନେ ଏ ଦିଗରେ ଯତ୍ନବାନ ପୂର୍ବକ ପଦକ୍ଷେପ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ପରିଶେଷରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଲଙ୍କେଶ୍ୱର ଅମାତ ଧନ୍ୟବାଦ ଅର୍ପଣ କରିଥିଲେ ।

# ପୌର ନିର୍ବାଚନ ନିମନ୍ତେ ୨ ପୌର ଅଧକ୍ଷ ଏବଂ ୪ କାଉନସିଲର ନିମନ୍ତେ ପ୍ରାର୍ଥୀପତ୍ର ଦାଖଲ

ଜୟପୁର,୦୬/୦୩ (ନି.ପ୍ର): ଜୟପୁର ପୌର ନିର୍ବାଚନର ଆଜି ୪ ର୍ଥ ଦିନ । ଜୟପୁର ଚଳଚଂଚଳ । ଗତ ୨ତାରିଖ ଠାରୁ ଆରମ୍ଭ ହୋଇଛି ନାମାଙ୍କନ ପ୍ରକ୍ରିୟା । ଏହା ଆସନ୍ତା ୭ ତାରିଖ ଯାଏଁ ଚାଲିବ । ତେବେ ପ୍ରଥମ ତିନି ଦିନରେ ଆଶାୟୀ ପ୍ରାର୍ଥି ନାମାଙ୍କନ ଫର୍ମ କିଣିବାରେ ବ୍ୟସ୍ତ ରହିଥିବା ବେଳେ ଆଜି ୪ ର୍ଥ ଦିନରେ ମଧ ଜୟପୁର ପୌରପାଳିକାରେ ପୌର ଅଧକ୍ଷ ଏବଂ କାଉନସିଲର ପାଇଁ ନାମାଙ୍କନ ପତ୍ର ଦାଖଲ କରିଥିଲେ ଆଶାୟୀ ପ୍ରାର୍ଥୀ । ଜୟପୁର ସହରର ମୁଖ୍ୟ ରାସ୍ତାରେ ସେମାନଙ୍କୁ ସମର୍ଥନ କରୁଥିବା ଲୋକମାନଙ୍କ ସହ ଏକ ରାଲିରେ ବାହାରି ଜୟପୁର ପୌରପାଳିକା କାର୍ଯ୍ୟାଳୟଠାରେ ପହଂଚିଥିଲେ । ଏବଂ ଜୟପୁର ଉପଖଣ୍ଡ ନିର୍ବାଚନ ଅଧିକାରୀ ଏବଂ ଜୟପୁର ପୌରପାଳିକାର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ପାଖରେ ସେମାନଙ୍କ ନାମାଙ୍କନ ପତ୍ର ଦାଖଲ କରିଥିଲେ । ପ୍ରଥମ ଓ ଦ୍ୱିତୀୟ ଦିନରେ ମୋଟ ୫୩ ଜଣ ଆଶାୟୀ ପ୍ରାର୍ଥୀ ଫର୍ମ କିଣି ନେଇଥିବା ବେଳେ ମୋଟ ୪ର୍ଥ ଦିନ ସୁଦ୍ଧା ଅଧକ୍ଷ ନିମନ୍ତେ ୩୧ ଓ କାଉନସିଲର ନିମନ୍ତେ ୧୯୧ ଜଣ ଆଶାୟୀ ପ୍ରାର୍ଥୀ ନାମାଙ୍କନ ପତ୍ର କ୍ରୟ କରିଥିବା ଜଣାପଡିଛି । ଆସନ୍ତା ୯ ତାରିଖ ଦିନ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ ଏବଂ ୨୪ ତାରିଖ ଦିନ ନିର୍ବାଚନ ଏବଂ ୨୬ ତାରିଖରେ ଭୋଟ ଗଣତି ହେବ । ଏଥିପାଇଁ ଜୟପୁର ପୌର ପାଳିକା କାର୍ଯ୍ୟାଳୟରେ ସମସ୍ତ ପ୍ରସ୍ତୁତି ସରିଛି । ୨୮ ଟି ୱାର୍ଡ ରେ କାଉସିଲର୍ ପାଇଁ ହେବ ନିର୍ବାଚନ । ଏହା ସହ ପ୍ରଥମ ଥର ପାଇଁ ଅଧକ୍ଷ ପାଇଁ ହେବ ପ୍ରତ୍ୟେକ୍ଷ ନିର୍ବାଚନ । ୪୫ ହଜାର ଭୋଟର ଅଧକ୍ଷଙ୍କୁ ଭୋଟ ଦେଇ ବାଛିବେ । ଚଳିତ ଥର ଅଧକ୍ଷ ଦୌଡରେ ସମସ୍ତ ଦଳରେ ଆସାୟୀ ପ୍ରାର୍ଥୀଙ୍କ ସଂଖ୍ୟା ଅଧିକ ରହିଛି । ସେପଟେ ଅଧକ୍ଷ ଦୌଡରେ ଅନେକ ଶିକ୍ଷିତ ଯୁବକ, ଯୁବତୀ, ଓକିଲ ଏବଂ ସାମ୍ବାଦିକ ମାନେ ମଧ ସ୍ୱାଧୀନ ପ୍ରାର୍ଥୀ ଭାବେ ପୌର ନିର୍ବାଚନରେ ଚଳିତ ବର୍ଷ ପ୍ରତିଦ୍ୱନ୍ଦିତା କରିବା ନେଇ ଇଚ୍ଛା ପ୍ରକାଶ କରିଛନ୍ତି । ନାମାଙ୍କନ ପତ୍ର ଦାଖଲରେ ତୃତୀୟ ଦିବସ ସୁଦ୍ଧା ତିନି ଦଳ କଂଗ୍ରେସ,ବିଜେପି ଓ ବିଜେଡି ପକ୍ଷରୁ ପାର୍ଥିଙ୍କ ନାମ ଆଜି ଯାଏଁ ଘୋଷଣା ହୋଇପାରି ନାହିଁ । ଜୟପୁର ପୌରାଂଚଳରେ ୨୮ ଟି ୱାର୍ଡ ପାଇଁ ମୋଟ ୬୬ ଟି ବୁଥ ରହିଥିବା ବେଳେ ପାଖାପାଖି ୩୦୦ ରୁ ଉର୍ଦ୍ଧ ଜଣ କର୍ମଚାରୀ ନିଯୁକ୍ତି ରହିବେ ବୋଲି ଜୟପୁର ଉପଖଣ୍ଡ ନିର୍ବାଚନ ଅଧିକାରୀ ବେଦବର୍ ପ୍ରଧାନ ସୂଚନା ଦେଇଛନ୍ତି । ଏହା ସହିତ ଶାନ୍ତିପୂର୍ଣ୍ଣ ଭାବେ ନିର୍ବାଚନ ହେବ ବୋଲି ଜୟପୁର ଉପଖଣ୍ଡ ନିର୍ବାଚନ ଅଧିକାରୀ ଓ ପୌରପାଳିକାର କାର୍ଯ୍ୟନିର୍ବାହୀ ନିର୍ବାହି ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ ସୂଚନା ଦେଇଛନ୍ତି ।

# ବ୍ରହ୍ମପୁର ସହରରେ ପୋଲିସ ପକ୍ଷରୁ ଯାଂଚ୍ ବ୍ୟବସ୍ଥା କଡ଼ାକଡ଼ି

ଗଞ୍ଜାମ,୦୬/୦୩ (ନି.ପ୍ର): ବ୍ରହ୍ମପୁର ପୌର ନିର୍ବାଚନ ଦୃଷ୍ଟିରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ରହ୍ମପୁର ପୋଲିସ ଜିଲ୍ଲା ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି । ଗତ ୨୪ ଘଂଟା ମଧରେ ବିଭିନ୍ନ ଥାନା ଅଂଚଳରେ ଯାଂଚ୍ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ଯାଂଚ୍ ବେଳେ ୫ ଲିଟର ମଦ ଜବତ ସହ ଘଟଣାରେ ଜଣଙ୍କୁ ଗିରଫ କରାଯାଇଛି । ଏ ସଂକ୍ରାନ୍ତରେ ଏକ ଅବକାରୀ ମାମଲା ରୁଜୁ ହୋଇଛି । ସେହିପରି ବେପରୁଆ ଗାଡି ଚାଳନା ଓ ବିନା କାଗଜପତ୍ରରେ ଗାଡି ଚଳାଉଥିବା ୧୪୬ ଜଣ ଗାଡ଼ି ଚାଳକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ସେମାନଙ୍କ ଠାରୁ ୧ ଲକ୍ଷ ୪୬ ହଜାର ୫୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଛି । ଅନୁରୂପ ଭାବେ କୋଭିଡ୍ କଟକଣା ମାନୁନଥିବା ବ୍ୟକ୍ତିଙ୍କ ଠାରୁ ୩୮୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଥିବା ନେଇ ବ୍ରହ୍ମପୁର ଏସପି ପୀନାକ ମିଶ୍ର ସୂଚନା ଦେଇଛନ୍ତି ।

# ଲକ୍ଷାଧିକ ଟଙ୍କାର ଗଞ୍ଜେଇ ଜବତ : ଟଙ୍କା, ବାଇକ୍ ସହ ୩ ଗିରଫ

ସମ୍ବଲପୁର,୦୬/୦୩ (ନି.ପ୍ର): ସମ୍ବଲପୁର ସହର ଓ ସହର ସଂଲଗ୍ନ ବିଭିନ୍ନ ପ୍ରମୁଖ ରାସ୍ତା ଏବେ ବେଆଇନ ନିଶା ବ୍ୟବସାୟୀଙ୍କ ଚରାଭୁମୀ ପାଲଟିଛି । ଏପରିକି ଜିଲ୍ଲା ପୋଲିସ ପ୍ରଶାସନ ବିଭିନ୍ନ ସମୟରେ ବ୍ୟାପକ ଧରପଗଡ କରି ସଫଳ ପାଉଥିଲେ ବି ବେଆଇନ ନିଶା ବ୍ୟବସାୟୀ ଏଥିରୁ ବିରତ ହେଉନଥିବା ଦେଖିବାକୁ ମିଳିଛି । ନିକଟରେ ସୁଦୂର ଗୁଜୁରାଟକୁ ଲକ୍ଷାଧିକ ମୂଲ୍ୟର ବେଆଇନ ଗଞ୍ଜେଇ ଚାଲାଣ ବେଳେ ରେଢ଼ାଖୋଲ ଥାନା ପୋଲିସ ଚଢ଼ାଉ କରି ୪ଟି ବସ୍ତାରେ ଭର୍ତ୍ତି ୨୧ କେଜିରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନାଯାୟୀ ଗତ ୪ତାରିଖ ଶୁକ୍ରବାର ମଧାହ୍ନରେ ରେଢ଼ାଖୋଲ ରେଳ ଷ୍ଟେସନ ପାଖ ତଥା ୧୫୩ (ଖ) ଜାତୀୟ ରାଜପଥ ଦେଇ ସନ୍ଦେହ ଜନକ ଭାବେ ରେଢ଼ାଖୋଲ ହରିଜନ ସାହିର ନିମାଇଁ ସାଗର (୪୩) ଓ ଅନ୍ୟ ୩ଜଣ ଯାଉଥିବା ବେଳେ ପୋଲିସ ସେମାନଙ୍କୁ ଅଟକ ରଖି ତଲାସୀ କରିଥିଲା । ତଲାସୀ ବେଳେ ସେମାନଙ୍କ ଠାରୁ ୪ଟି ପ୍ୟାକେଟରେ ଥିବା ୨୧ କେଜିରୁ ଉର୍ଦ୍ଧ୍ୱ ଗଞ୍ଜେଇ ଧରିବା ସହ ୩ଟି ମୋବାଇଲ ଫୋନ, ନଗଦ ୯ ହଜାର ୬ଶହ ୩୦ ଟଙ୍କା ଓ ଓଡି୧୫ ଜେ ୧୯୭୫ ନମ୍ବରର ଏକ କଳା ରଙ୍ଗର ବୁଲେଟକୁ ମଧ ଜବତ କରିଛି । ରେଢ଼ାଖୋଲ ଥାନା ପୋଲିସ ୫୦/୨୨ରେ ଏକ ମାମଲା ରୁଜୁ କରିଥିବା ଜଣାଯାଇଛି ।

# ଓଡ଼ିଶା ଲଳିତ କଳା ଏକାଡେମୀ ତରଫରୁ ଆନ୍ତର୍ଜାତିକ ମହିଳା ଦିବସ ପାଳିତ

ଜୟପୁର,୦୬/୦୩ (ନି.ପ୍ର): କୋରାପୁଟ ଠାରେ ଓଡିଶା ଲଳିତ କଳା ଏକାଡେମୀ ତରଫରୁ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଥିଲା । ଏହି ଦିବସ ଉପଲକ୍ଷେ ଏକ ଆଦିବାସୀ ମହିଳା ଚିତ୍ରଶିଳ୍ପୀ ଶିବିର ସ୍ଥାନୀୟ ଆଂଚଳିକ ଚିତ୍ରକଳା ଗ୍ୟାଲେରୀରେ ଗତ ମାର୍ଚ୍ଚ ୨ ତାରିଖରୁ ଆରମ୍ଭ ହୋଇଥିଲା । ଏହି ମହିଳା ଦିବସ ଉତ୍ସବରେ ମୁଖ୍ୟ ଅତିଥି ଭାବେ କୋରାପୁଟ ଜିଲ୍ଲାପାଳ ମହମ୍ମଦ ଅବଦୁଲ୍ ଅଖତର୍ ଯୋଗଦେଇଥିଲେ । ଏବଂ ୨୫ ଜଣ ଆଦିବାସୀ ମହିଳା ଶିଳ୍ପୀଙ୍କର ଚିତ୍ର କଳା ପ୍ରଦର୍ଶନୀକୁ ପ୍ରଦର୍ଶନ କରିଥିଲେ ଏବଂ ପ୍ରତ୍ୟେକ ଶିଳ୍ପୀଙ୍କୁ ପ୍ରମାଣ ପତ୍ର କରି ସମ୍ବର୍ଦ୍ଧିତ କରିଥିଲେ । ଏହି ଉତ୍ସବରେ ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ସୁଜିତ କୁମାର ମିଶ୍ର ଓ ଏକାଡେମୀ ର ବରିଷ୍ଠ ଅଧିକାରୀ ପ୍ରସନ୍ନ କୁମାର ମିଶ୍ର ଉପସ୍ଥିତ ରହିଥିଲେ । ଏହି ପ୍ରଦର୍ଶନକୁ କୋରାପୁଟ ଜିଲ୍ଲାର ଶିଳ୍ପୀ ଓ କଳାନୁରାଗୀ ଜନ ସାଧାରଣ ପରିଦର୍ଶନ କରି ଭୂୟସୀ ପ୍ରଶଂସା କରିଥିଲେ । ଆସନ୍ତା ମାର୍ଚ୍ଚ ୮ ତାରିଖରେ ଭୁବନେଶ୍ୱର ସ୍ଥିତ କଳିଙ୍ଗ ଆର୍ଟ ଗ୍ୟାଲେରୀରେ ମଧ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି ।ନାରୀ ସଶକ୍ତିକରଣକୁ ନେଇ କୋରାପୁଟ ଜିଲ୍ଲାପାଳ ବିଭିନ୍ନ ଚିତ୍ରକୁ ଗୁରୁତ୍ୱ ଦେଇଥିଲେ । ଏକାଡେମୀର ସଭାପତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ଓ ସଂପାଦକ ଶ୍ରୀ ପଂଚାନନ ସାମଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଦାରିଙ୍ଗବାଡ଼ିରେ ଆନ୍ତର୍ଜାତିକ ମହିଳା ଦିବସ ଉପଲକ୍ଷେ ମହିଳା ଚିତ୍ରକଳା ଶିବିର ଅନୁଷ୍ଠିତ

କନ୍ଧମାଳ ,୦୬/୦୩ (ନି.ପ୍ର): ଆନ୍ତର୍ଜାତିକ ମହିଳା ଦିବସ ଉପଲକ୍ଷେ ଦାରିଙ୍ଗବାଡି ଇକୋ ରିଟ୍ରିଟ ଠାରେ ମହିଳା ଚିତ୍ରକଳା ଶିବିର ଅନୁଷ୍ଠିତ ହୋଇଯାଇଛି । ଲଳିତ କଳା ଏକାଡେମୀ ଓ ଜିଲ୍ଲା ପ୍ରଶାସନର ସହଯୋଗରେ ଆୟୋଜିତ ଏହି ମହିଳା ଚିତ୍ରକଳା ଶିବିରକୁ ଆନ୍ତର୍ଜାତିକ ବାଲୁକା ଚିତ୍ରଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ଉଦଘାଟନ କରିଥିଲେ । ଏହି ଶିବିର ଦ୍ୱାରା ମହିଳାଙ୍କ ମଧରେ ଲୁକ୍କାୟିତ ଚିତ୍ରକଳା ଲୋକଲୋଚନକୁ ଆଣିବା ସହ ଶିଳ୍ପୀମାନଙ୍କ ପ୍ରତିଭା ବିକଶିତ କରିବା କାର୍ଯ୍ୟକ୍ରମ ର ମୂଳ ଲକ୍ଷ୍ୟ ବୋଲି ଆନ୍ତର୍ଜାତିକ ବାଲୁକା ଚିତ୍ରଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ପ୍ରକାଶ କରିଛନ୍ତି । ସେହିଭଳି ଓଡ଼ିଶା ଭାଷା ଓ ସଂସ୍କୃତି ଭାଷା ସାହିତ୍ୟ ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ରାଜ୍ୟର ଭିନ୍ନ ଭିନ୍ନ ୫ଟି ସ୍ଥାନରେ ଏହିଭଳି କାର୍ଯ୍ୟକ୍ରମ କରାଯାଉଥିବା ବେଳେ ଦାରିଙ୍ଗବାଡ଼ି ର ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ପରିବେଶ ରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ମହିଳା ଚିତ୍ରଶିଳ୍ପୀ ମାନେ ନିଜ ନିଜର କଳାକୃତି ଅତି ଉତ୍ତମ ଭାବେ ପ୍ରଦର୍ଶନ କରୁଥିବା କହିଥିଲେ । ଏଥିରେ ରାଜ୍ୟର ବିଭିନ୍ନ ଜିଲ୍ଲାର ୩୭ଜଣ ମହିଳା ଚିତ୍ରଶିଳ୍ପୀ ଏଥିରେ ଭାଗ ନେଇଛନ୍ତି । ଏହି ଅବସରରେ ଶିବିରରେ ସାମିଲ ହୋଇଥିବା ଶିଳ୍ପୀ ମାନଙ୍କୁ ପୁଷ୍ପ ଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଶିବିରରେ ସେମାନଙ୍କ ଦ୍ୱାରା ତିଆରି କରାଯାଇଥିବା କଳାକୃତି ସମେତ ପୁରୀ କୋରାପୁଟ ରାଉରକେଲା ଓ ଭୁବନେଶ୍ୱର ରେ ଅନୁଷ୍ଠିତ ହୋଇଥିବା ଏହିଭଳି ଶିବିରର କଳାକୃତି ଆସନ୍ତା ୮ ତାରିଖରେ ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଆର୍ଟ ଗ୍ୟାଲେରୀରେ ପ୍ରଦର୍ଶିତ ହେବାକୁ ଥିବା ବେଳେ ସେହି କାର୍ଯ୍ୟକ୍ରମ କୁ ଓଡିଶା ହାଇକୋର୍ଟ ଓ ମୁଖ୍ୟ ବିଚାରପତି ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଥିବା ସୂଚନା ମିଳିଛି ।

# କୃଷକ ସଚେତନତା କର୍ମଶାଳା

ଖୋର୍ଦ୍ଧା,୦୬/୦୩ (ନି.ପ୍ର): ସେଂଚୁରିଆନ ବିଶ୍ୱ ବିଦ୍ୟାଳୟ ଅଧିନ ଏମ୍ ଏସ୍ ସ୍ୱାମୀନାଥନ୍ ସ୍କୁଲ ଅଫ ଏଗ୍ରିକଲଚରର ଛାତ୍ର ଅବିନିତ ସାହୁ ଏବଂ ଛାତ୍ରୀ ନିଶିଗନ୍ଧା ରଣସିଂହ ଜଟଣୀ ବ୍ଲକ୍ ତରାବୋଇ ଗ୍ରାମ ପଂଚାୟତର ଶତାଧିକ ଚାଷୀଙ୍କୁ ନେଇ ଦୁଇ ଦିନିଆ କୃଷକ ସଚେତନତା କର୍ମଶାଳା ଆୟୋଜନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଶତାଧିକ ଚାଷୀଙ୍କୁ ସମନ୍ୱିତ ପୋକ ପରିଚାଳନା ଓ ନିୟନ୍ତ୍ରଣ ପାଇଁ ଆଲୋକ ଯନ୍ତା, ହଳଦିଆ ଅଠାଯୁକ୍ତ ଯନ୍ତା, ଫେରୋମନ ଯନ୍ତାର ବ୍ୟବହାର ଶିଖାଇଥିଲେ । ଏଥି ସହିତ ଚାଷୀମାନଙ୍କୁ ହଳଦିଆ ଅଠାଯୁକ୍ତା ଯନ୍ତା ଏବଂ ମାସ୍କା ବଂଟନ କରିଥିଲେ । ଦ୍ୱିତିୟ ଦିବସରେ ମୁଗ, ବିରି ଓ ପନିପରିବାର ରୋଗ ଓ ପୋକ ନିୟନ୍ତ୍ରଣ ଉପାୟ ବିଷୟରେ କୃଷକଙ୍କୁ ଅବଗତ କରାଇବା ସହିତ ଚାଷୀମାନଙ୍କୁ ଜୈବିକସାର ଦିବାମୃଥମ୍ ର ପ୍ରସ୍ତୁତି ଏହାର ପ୍ରୟୋ ବିଧି ବିଷୟରେ ଅବଗତ କରାଇଥିଲେ । ଅବିନିତ ଏବଂ ନିଶିଗନ୍ଧାଙ୍କ ଏହି କୃଷି ସଚେତନତା କୃଷିକାର୍ଯ୍ୟ ପାଇଁ ବେଶ୍ ଉପଯୋଗୀ ହେବ ବୋଲି ଉପସ୍ଥିତ ସମସ୍ତ ଚାଷୀମାନେ ଉପଲବଧି କରିଥିଲେ । ଉକ୍ତ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ତରାବୋଇ ଗ୍ରାମ ପଂଚାୟତର ଅଭିନାଶ ନାୟକ ଏବଂ ଶ୍ରୀମତୀ ବାସନ୍ତି ନାୟକ ସଂପୂର୍ଣ୍ଣ ସହଯୋଗ କରିଥିଲେ ।

## ନଖରେ ଏଭଳି ପରିବର୍ତ୍ତନ ଦେଖୁଛନ୍ତି କି: ହୋଇଯାଆନ୍ତୁ ସାବଧାନ !



ସାଧାରଣତଃ ଡାକ୍ତରଙ୍କ ପାଖକୁ ଗଲେ ସେମାନେ ପ୍ରଥମେ ରୋଗୀର ଆଖି ଡୋଳା ଓ ନଖ ଦେଖି ଥାଆନ୍ତି । ଏଥିରୁ ସେମାନେ ଶରୀରରେ ଥିବା କିଛି ରୋଗକୁ ଚିହ୍ନଟ କରି ଥାଆନ୍ତି । ତେବେ ଆସନ୍ତୁ ଜାଣିବା ନଖରେ କେଉଁକେଉଁ ସମସ୍ୟା ଦେଖାଗଲେ ଆମେ ପୂର୍ବରୁ ସତର୍କ ହୋଇଯିବା । ପ୍ରଥମତଃ ଆପଣଙ୍କ ନଖର ଯଦି ଅସ୍ୱାଭାବିକ ଭାବରେ ବଢିବାକୁ ଲାଗେ କିମ୍ବା ସ୍ତର ମୋଟା ହେବାକୁ ଲାଗେ, ତେବେ ଏହା ମଧୁମେହ, ଫୁସଫୁସ ସଂକ୍ରମଣର ଲକ୍ଷଣ ହୋଇପାରେ ବୋଲି କୁହାଯାଏ । ସେହିପରି ନଖ ଯଦି ବଢ଼ିବା ସହିତ ବଙ୍କା ହୋଇଯାଉଛି ତେବେ ଯକୃତ ସମ୍ବନ୍ଧୀୟ ସମସ୍ୟା କିମ୍ବା ହାଇପୋକ୍ରୋମିକ୍ ରକ୍ତହୀନତାର ଲକ୍ଷଣ ହୋଇପାରେ ବୋଲି କୁହାଯାଏ । ତେଣୁ ଯଥାଶୀଘ୍ର ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ । ଏଥିସହିତ ନଖରେ ଯଦି ଗାରଗାର ପଡ଼ି ଯାଉଛି, ତେବେ ଶରୀରରେ ଭିଟାମିନ୍-ବି, ବି -୧୨, ଜିଙ୍କ ଅଭାବକୁ ସୂଚିତ କରେ । ଏତଦ ବ୍ୟତୀତ ନଖ ଯଦି ସମୟସମୟରେ ନୀଳ ପଡ଼ି ଯାଉଛି ତେବେ ହୃଦୟ ଓ ଫୁସଫୁସରେ ସମସ୍ୟା ରହିବା ସହିତ ଅମ୍ଳଜାନ ଅଭାବ ରହିଛି ବୋଲି କୁହାଯାଏ । ଯଦି ନଖଗୁଡ଼ିକରେ ଉଜ୍ଜ୍ୱଳତା ନାହିଁ, ତେବେ ଏହା ଥାଇରଏଡ୍ ପରି ସମସ୍ୟାର ଶିକାର ହେବାର ସଙ୍କେତ ହୋଇପାରେ ।





## ପସନ୍ଦ କରିପାରନ୍ତି ଗ୍ରୀଷ୍ମ ପରିଧାନ

ଖରାରେ ତେଜ ବଢିବା ସାଙ୍ଗକୁ ଝାଞ୍ଜି ପବନ ବହିବ । ଅସହ୍ୟ ଗରମରେ ଅତିଷ୍ଠ ହେବାକୁ ପଡିବ । ଘର ଭିତରେ ଫ୍ୟାନ୍, କୁଲର ବା ଏସି ଲଗେଇ କୌଣସି ପ୍ରକାରେ ରହି ହେବ, କିନ୍ତୁ ମୁସ୍କିଲ ହେବ ବାହାରକୁ ବାହାରିବା । ଯଦି କର୍ମଜୀବୀ ହୋଇଥାନ୍ତି ବା କୌଣସି କାମରେ ବାହାରକୁ ଯିବାର ଅଛି ତା'ହେଲେ କ'ଣ ପିନ୍ଧିବେ ସେ ନେଇ ଆପଣଙ୍କୁ ଚିନ୍ତା କରିବାକୁ ପଡିବ । କର୍ମଜୀବୀ ଆଧୁନିକ ମହିଳା ଓ ଯୁବତୀମାନଙ୍କ ପାଇଁ ବର୍ତ୍ତମାନ ଫେସନରେ ଥିବା କିଛି ବିକଳ୍ପ ଏଠାରେ ଉପସ୍ଥାପନ କରୁଛୁ । ପସନ୍ଦ କରିପାରନ୍ତି ।

***ଓ୍ୱାନପିସ୍ ଜମ୍ପସୁଟ:*** ଆଧୁନିକ ଯୁବତୀ ଓ କର୍ମଜୀବୀ ମହିଳାମାନେ ପସନ୍ଦ କରୁଥିବା ଓ୍ୱାନପିସ୍ ଜମ୍ପସୁଟ ଗ୍ରୀଷ୍ମଋତୁ ପାଇଁ ଏକ ଉତ୍ତମ ବିକଳ୍ପ । ଏହା ଆପଣଙ୍କ ବ୍ୟକ୍ତିତ୍ୱକୁ ପ୍ରଭାବଶାଳୀ କରିବା ସହ 'ମଡର୍ଣ୍ଣ ଲୁକ୍' ମଧ ଦେବ ।

***ଟ୍ୟାଙ୍କ୍ ଟପ୍ସ:*** ଏହାକୁ ଆପଣ ଜିନ୍ସ ସହିତ ପିନ୍ଧି ପାରିବେ । ହାଲୁକା ରଙ୍ଗର ଜିନ୍ସ ଉପରେ ସାମାନ୍ୟ ଗାଢ ରଙ୍ଗର ଟ୍ୟାଙ୍କ୍ ଟପ୍ସ ଭଲ ଦେଖାଯିବ । ବିଶେଷ କରି ପତଳା ମହିଳା ବା ତରୁଣୀଙ୍କ ପାଇଁ ଏହା ବେଶୀ ଉପଯୋଗୀ ।

***ପ୍ରିଣ୍ଟେଡ୍ କଟନ ପ୍ୟାଣ୍ଟ ଓ ଗ୍ରାଫିକ୍ ଟି-ସାର୍ଟ :***

କର୍ମଜୀବୀ ମହିଳା ଓ ଯୁବତୀମାନଙ୍କ ମଧରେ ଏହାର ପ୍ରଚଳନ ବେଶି । ଅଧିକାଂଶ ଯୁବତୀ ଜିନ୍ସ ଅପେକ୍ଷା ପ୍ରିଣ୍ଟେଡ କଟନ ପ୍ୟାଣ୍ଟ ପିନ୍ଧିବାକୁ ଅଧିକ ପସନ୍ଦ କରୁଛନ୍ତି । ଏହା ସହିତ ଆପଣ ଟପ୍ସ ମଧ ପିନ୍ଧି ପାରିବେ, ତେବେ ତା' ତୁଳନାରେ ଗ୍ରାଫିକ ଟି-ସାର୍ଟ ଅଧିକ ମାନିବ ।




## ଦୃଷ୍ଟି ଶକ୍ତି ହ୍ରାସ ପାଉଥିଲେ ଆପଣାନ୍ତୁ ଏସବୁ ଉପାୟ



ଆଖି ଆମ ଶରୀରର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । କିନ୍ତୁ, ଆଜିକାଲିର ଆଧୁନିକ ଜୀବନଶୈଳୀ ହେତୁ ଆଖି ଉପରେ ଏହାର ଖରାପ ପ୍ରଭାବ ପଡୁଛି । କମ୍ପ୍ୟୁଟର କିମ୍ବା ଲାପଟପ୍ ସାମ୍ନାରେ ବସି ଘଣ୍ଟା ଘଣ୍ଟା କାମ କରିବା, ଧୂଳି ପ୍ରଦୂଷଣ, ଅସମ୍ପୂର୍ଣ୍ଣ ନିଦ ଭଳି କିଛି ସମସ୍ୟା ଆଖି ଉପରେ ସିଧାସଳଖ ପ୍ରଭାବ ପକାଇଥାଏ । ଏଭଳି ପରିସ୍ଥିତିରେ ଆଖିର ଯତ୍ନ ପ୍ରତି ଅଧିକ ଧ୍ୟାନ ଦେବା ଜରୁରୀ ଅଟେ । ଆଖିକୁ ସୁସ୍ଥ ରଖିବା ପାଇଁ ଭିଟାମିନ୍ ଏ, ଭିଟାମିନ୍ ସି, ବିଟା କାରୋଟିନ୍, ଓମେଗା -୩ ଏବଂ ଭିଟାମିନ୍ ଇ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଯଦି ଆପଣ ଭାବୁଛନ୍ତି ପୂର୍ବ ଅପେକ୍ଷା ଆଖିର ରଶ୍ମି ହ୍ରାସ ପାଉଛି ତେବେ ଏଭଳି ପରିସ୍ଥିତିରେ ଉପରୋକ୍ତ ଭିଟାମିନ ସବୁକୁ ଖାଦ୍ୟରେ ସାମିଲ କରିବା ନିହାତି ଆବଶ୍ୟକ ହୋଇଥାଏ୧ ଏଥିସହିତ ସବୁଜ ପତ୍ରଯୁକ୍ତ ପନିପରିବା, ଗାଜର, ଅଁଅଳା ଆଦି ଖାଇବା ଉଚିତ । ସେହିପରି ରାତିରେ ପାଦରେ ସୋରିଷ ତେଲ କିମ୍ବା ଶୁଦ୍ଧ ଘିକୁ ମାଲିସ୍ କରିବା ମଧ ଅତ୍ୟନ୍ତ ଲାଭଦାୟକ ବୋଲି ବିବେଚନା କରାଯାଏ । ପାଦକୁ ମସାଜ୍ କରିବା ଦ୍ୱାରା ସ୍ନାୟୁ ସକ୍ରିୟ ହୋଇଥାଏ ଏବଂ ରକ୍ତ ସଞ୍ଚାଳନରେ ଉନ୍ନତି ହୋଇଥାଏ ଫ ଯାହା ଦୃଷ୍ଟି ଶକ୍ତି ବୃଦ୍ଧି କରିଥାଏ । ଯଦି ଆପଣ ସକାଳେ କିମ୍ବା ସନ୍ଧ୍ୟାରେ କୋମଳ ଘାସ ଉପରେ ଖାଲି ପାଦରେ ଚାଲନ୍ତି, ତେବେ ଏହା ଦୃଷ୍ଟି ଶକ୍ତି ବୃଦ୍ଧି କରିଥାଏ । ଏଥିସହିତ ଯଦି ଅଧିକ ସମୟ ଲାପଟପ କିମ୍ବା କମ୍ପ୍ୟୁଟରରେ କାମ କରୁଛନ୍ତି ତେବେ କିଛି ସମୟ ପାଇଁ ଆଖି ବନ୍ଦ କରନ୍ତୁ । ନଚେତ ଆଖି ଡୋଳାକୁ ଚାରିଆଡେ ୫ରୁ ୧୦ମିନିଟ ବୁଲାନ୍ତୁ । ଏହାଦ୍ୱାରା ଆଖିକୁ ଆରାମ ମିଳିଥାଏ ।

## ସାତ ବର୍ଷୀୟ ଚିତ୍ରକରଙ୍କ ଆଠ ଲକ୍ଷ ଟଙ୍କିଆ ଚିତ୍ର

ଜର୍ମାନ ସ୍ଥିତ ବର୍ଲିନ୍‌ରେ ରହୁଥିବା ସାତ ବର୍ଷୀୟ ଚିତ୍ରକର ମିଖାଇଲ ଆକରଙ୍କ ଚିତ୍ର ୧୨ ହଜାର ଡଲାର ବା ୮.୫୧ ଟଙ୍କାରେ ବିକ୍ରି ହୋଇଛି । ସେ ଚାରି ବର୍ଷ ବୟସରୁ ଚିତ୍ର କରିବା ଆରମ୍ଭ କରି ଦେଇଥିଲେ । ଚିତ୍ରରେ ସେ ଫୁଟ୍‌ବଲ୍ ଖେଳାଳୀ ମାନୁଏଲ୍ ନେୟୁଏର୍‌ଙ୍କ ଚିତ୍ର ଆଙ୍କିଥିଲେ । ମିଖାଇଲଙ୍କୁ ବିଦ୍ୟାଳୟରେ ସମସ୍ତେ 'ପ୍ରି ସ୍କୁଲ୍ ପିକାସୋ' ନାମରେ ଡାକିଥାନ୍ତି । ପାବ୍ଲୋ ପିକାସୋ ହେଉଛନ୍ତି ସ୍ପେନ୍‌ର ଜଣେ ପ୍ରସିଦ୍ଧ ଚିତ୍ରକର । ନିକଟରେ ମିଖାଇଲ ଆଉ ଏକ ଚିତ୍ର କରୁଛନ୍ତି । ତାହା ହେଲା 'ଥ୍ରୀ ଡି' ଚିତ୍ର । ସେହି ଚିତ୍ରରେ ବିଭିନ୍ନ ରଙ୍ଗ ବ୍ୟବହାର କରାଯାଇଛି ଓ ଚିତ୍ର ମଝିରେ ଥ୍ରୀଡି ଶୈଳୀରେ ପ୍ରସ୍ତୁତ ଏକ ଫୁଟ୍‌ବଲ୍‌ର ଚିତ୍ର ହୋଇଛି । ମିଖାଇଲଙ୍କ ଚିତ୍ର ବିକ୍ରି କରିବାର ଦାୟିତ୍ୱ ତାଙ୍କ ପିତା କେରମ୍‌ଙ୍କର । ଚିତ୍ରରୁ ସଂଗ୍ରହ ହେଉଥିବା ଅର୍ଥ କିଖାଇଲ ଚାରିଟିକୁ ଦାନ କରିଥାନ୍ତି । ଏହିପରିକି ଇନ୍‌ଷ୍ଟାଗ୍ରାମ୍‌ରେ ସେ ନିଜ ଚିତ୍ର ପ୍ରଦର୍ଶନ କରିଥାନ୍ତି । ଏବେ ତାଙ୍କର ୪୭ ହଜାର ଫଲୋଅର୍ସ ରହିଛନ୍ତି ।

## 'ଇ-ସିଗାରେଟ୍' ବ୍ୟବହାରକାରୀଙ୍କୁ ହେଉଛି କର୍କଟ

**ସିଗାରେଟ୍ ବାବଦରେ ଆପଣମାନେ ସମସ୍ତେ ଜାଣନ୍ତି, କିନ୍ତୁ ଇ-ସିଗାରେଟ୍ କଥା ଶୁଣିଲାବେଳକୁ ଟିକିଏ ନୂଆ ଲାଗୁଛି । ତେବେ ଇ-ସିଗାରେଟ୍ ବ୍ୟବହାରକାରୀ ଅଧିକ ସଂଖ୍ୟାରେ କର୍କଟ ରୋଗରେ ଆକ୍ରାନ୍ତ ହେଉଥିବା ଆଶଙ୍କା ରହିଛି । ପ୍ରତିକାର ସ୍ୱରୂପ ଏହାର ବ୍ୟବହାର ଉପରେ କେନ୍ଦ୍ର ସରକାର ନିଷେଧାଦେଶ ଜାରି କରିଥିବାବେଳେ କଲେଜ ଓ ବିଶ୍ୱବିଦ୍ୟାଳୟଗୁଡିକ ଇ-ସିଗାରେଟ୍‌ମୁକ୍ତ କରିବାକୁ ନିର୍ଦ୍ଦେଶ ଜାରି ହୋଇଛି । ତଥାପି ଯୁବପିଢି ଇ-ସିଗାରେଟ୍ ଟାଣିବା ଏକ ପ୍ରକାର ପ୍ରତିଯୋଗିତା ଚାଲିଛି । ଭୁବନେଶ୍ୱର ଓ କଟକ ସମେତ ରାଜ୍ୟର ଅନ୍ୟ ଛୋଟବଡ ସହରରେ ଇ-ସିଗାରେଟ୍ ବ୍ୟବହାରକାରୀଙ୍କ ସଂଖ୍ୟା ଧୀରେ ଧୀରେ ବଢିବାରେ ଲାଗିଛି । ଦିନକୁ ଦିନ ଇ-ସିଗାରେଟ୍ ଟ୍ରେଣ୍ଡ ଯୁବପିଢିଙ୍କୁ କବଳିତ କରିବାରେ ଲାଗିଛି ।**



### ସ୍ୱାସ୍ଥ୍ୟ ପାଇଁ ହାନିକାରକ

ଇ-ସିଗାରେଟ୍ ଅର୍ଥ ଇଲେକ୍ଟ୍ରୋନିକ୍ ସିଗାରେଟ୍ । ୧୯୨୭ରେ ଜୋଶେଫ୍ ରବିନ୍‌ସନ୍ ଜଣେ ରୋଗୀଙ୍କୁ ପରୀକ୍ଷା କରିବାକୁ ଯାଇ କଲେକ୍ଟ୍ରୋନିକ୍ ଭାପୋରାଇଜର୍ ବ୍ୟବହାର କରିଥିଲେ । ଏହା ପରବର୍ତ୍ତୀ ସମୟରେ ଇ-ସିଗାରେଟ୍ ରୂପ ନେଇଛି । ସିଗାରେଟ୍ ଟାଣିବା ସ୍ୱାସ୍ଥ୍ୟ ପାଇଁ ହାନିକାରକ ଓ କର୍କଟ ଭଳି ଦୁରାରୋଗ୍ୟ ଆକ୍ରାନ୍ତ ହେବାର ସମ୍ଭାବନା ରହିଥିବା ଜାଣିଥିଲେ ସୁଦ୍ଧା ବୋଲି ଜାଣିଥିଲେ ସୁଦ୍ଧା ଅନେକ ସିଗାରେଟ୍ ଟାଣି ଧୂଆଁ ଛାଡିବାରେ ଧୁରନ୍ଦର । ନିୟମିତ ସିଗାରେଟ୍ ଟାଣୁଥିବା




ବ୍ୟକ୍ତିର ଓଠ କଳା ପଡିଯାଇଥାଏ । ଅପରପକ୍ଷରେ ଇ-ସିଗାରେଟ୍‌ରେ ତମାଖୁବିହୀନ ହୋଇଥିବାବେଳେ ଏଥିରେ ଥିବା ଭାପୋରାଇଜର୍ ଗୋଟିଏ ବ୍ୟାଟେରି ଦ୍ୱାରା ପରିଚାଳିତ ହୋଇ ଧୂଆଁ ବାହାରିବାରେ ସହାୟକ ହୋଇଥାଏ । ସମାନ ଢଙ୍ଗରେ ଇଲେକ୍ଟ୍ରୋନିକ୍ ସିଗାରେଟ୍ ଟାଣି ଧୂଆଁ ଛାଡି ଦେଉଥିବାରୁ ପ୍ରଥମେ ଏହା ଏକ ସଉକ ଭାବେ ଯୁବପିଢିଙ୍କ ଠାରେ ପରିଲକ୍ଷିତ ହୋଇଥିଲା । ଇ-ସିଗାରେଟ୍ ଟାଣିବା ଦ୍ୱାରା ଓଠ କଳା ପଡୁନଥିବା ଜାଣିବା ପରେ ପାଟିରୁ ଧୂଆଁ ଛାଡିବା ନିଶାରେ ପରବର୍ତ୍ତୀ ପର୍ଯ୍ୟାୟରେ ଏଥିପ୍ରତି ସେମାନଙ୍କ ଆଗ୍ରହ ବୃଦ୍ଧି ପାଇଛି । ଇ-ସିଗାରେଟ୍ ବ୍ୟବହାରକାରୀ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ଦେଖାଯାଉଛି । ଫଳରେ ଏହା ଯୁବପିଢିଙ୍କ ପାଇଁ ନୂଆ ବିପଦ ଭାବେ ଉଭା ହୋଇଛି ।

### ନକାରାତ୍ମକ ପ୍ରଭାବ ପକାଏ, ମସ୍ତିଷ୍କକୁ କ୍ଷତି ପହଞ୍ଚାଏ :

ନିୟମିତ ଇଲେକ୍ଟ୍ରୋନିକ୍ ସିଗାରେଟ୍ ବ୍ୟବହାର କରିବା ଦ୍ୱାରା ବିଭିନ୍ନ ପ୍ରକାରର ହୃଦ୍‌ରୋଗ ହେବା ସହିତ ନିଃଶ୍ୱାସ ପ୍ରଶ୍ୱାସ ନେବାରେ ବିଭିନ୍ନ ବାଧା ଦେଖାଦିଏ । ସେହିପରି ଯୁବପିଢିଙ୍କର ମସ୍ତିଷ୍କକୁ ଏହା କ୍ଷତି ପହଞ୍ଚାଇବା ସହିତ ନକାରାତ୍ମକ ରୋଗ ସୃଷ୍ଟି ହେଉଥିବା ଜଣାପଡିଛି । ଇ-ସିଗାରେଟ୍ ଭୟାବହତା ଓ ନିକୋଟିନ୍ ବ୍ୟବହାର ଦ୍ୱାରା ବିଭିନ୍ନ ମାରାତ୍ମକ ରୋଗରେ ଯୁବପିଢି ଆକ୍ରାନ୍ତ ହେଉଥିବାରୁ ଦି ପ୍ରୋହିବିସନ୍ ଅଫ୍ ଇଲୋକ୍ଟ୍ରୋନିକ୍ ସିଗାରେଟ୍ ଅର୍ଡିନାନ୍ସ, ୨୦୧୯ ଅନୁଯାୟୀ କେନ୍ଦ୍ର ସରକାରଙ୍କ ପକ୍ଷରୁ ଇ-ସିଗାରେଟ୍‌କୁ ଦେଶରେ ବନ୍ଦ କରାଯାଇଛି । ନିକଟରେ ଦେଶର ସମସ୍ତ କଲେଜ ଓ ବିଶ୍ୱବିଦ୍ୟାଳୟ କ୍ୟାମ୍ପସକୁ ଇ-ସିଗାରେଟ୍ ମୁକ୍ତ କରିବାକୁ ୟୁଜିସି ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି ।

### ଲୋଭନୀୟଅଫର ଜାଲରେ ପଡନ୍ତୁ ନାହିଁ

ଦିନକୁ ଦିନ ଇ-ସିଗାରେଟ୍ ବ୍ୟବହାରକାରୀଙ୍କ ସଂଖ୍ୟା ବୃଦ୍ଧି ଓ ନୂଆ ବଜାରରେ ଏହାର ଚାହିଦା ଆଶାତୀତ ଭାବେ ବଢିବାରେ ଲାଗିଛି । ତେଣୁ ବହୁ କମ୍ପାନୀ ଏବେ ଇ-ସିଗାରେଟ୍ ପ୍ରସ୍ତୁତ କରି ଏହାର ପ୍ୟାକେଟ୍‌କୁ ଆକର୍ଷଣୀୟ କିରବା ସହିତ ଲୋଭନୀୟ ଅଫର ଦେଉଛନ୍ତି । ଏହା ସ୍ୱାସ୍ଥ୍ୟପାଇଁ ହାନିକାରକ ବୋଲି ଜାଣିଥିଲେ ସୁଦ୍ଧା ବିଭିନ୍ନ ଘରୋଇ କମ୍ପାନୀଗୁଡିକ ପକ୍ଷରୁ ଯୁବପିଢିଙ୍କୁ ଆକୃଷ୍ଟ କରିବାକୁ ସୁନ୍ଦର ଡିଜାଇନ କରି ତା'ର ପ୍ରଚାର ପ୍ରସାର କରାଯାଉଛି । ଅଫ୍‌ଲାଇନ୍ ଓ ଅନ୍‌ଲାଇନ୍‌ରେ ଇ-ସିଗାରେଟ୍ ବିକ୍ରି କରାଯାଉଥିବା ଦେଖିବାକୁ ମିଳୁଛି । ଅଧିକାଂଶ ସମୟରେ କୋମଳମତି ପିଲାମାନେ ଓ ଯୁବପିଢି ଏଭଳି ଲୋଭନୀୟ ବିଜ୍ଞାପନକୁ ଦେଖି ଶରୀର ପାଇଁ କ୍ଷତିକାରକ ଥିବା ଇ-ସିଗାରେଟ୍ ପ୍ରତି ଆକୃଷ୍ଟ ହୋଇଥାନ୍ତି । ପ୍ରଥମେ ସଉକରେ ଟାଣୁଥିବା ଯୁବପିଢି ପରବର୍ତ୍ତୀ ସମୟରେ ଏହାକୁ ନିଶା ଭାବରେ ଗ୍ରହଣ କରିନିଅନ୍ତି । ତେଣୁ ଲୋଭନୀୟ ଅଫର ଜାଲରେ ନ ପଡିବାକୁ ବହୁ ଚିକିତ୍ସା ବିଜ୍ଞାନି ଓ ମନୋବିଜ୍ଞାନୀ ପରାମର୍ଶ ଦେଇଛନ୍ତି ।

## ସେଓ ରାବିଡି

**ବ୍ୟସ୍ତ ଜୀବନରେ ରବିବାରର ଗୁରୁତ୍ୱ ଯଥେଷ୍ଟ ଗୁରୁତ୍ୱ ଅଧିକ । ଏହି ଦିନଟିକୁ ଆଉ ଟିକେ ବିଶେଷ କରିବା ଲାଗି କିଛି ପାଟି ସୁଆଦିଆ ଖାଦ୍ୟ ପ୍ରସ୍ତୁତ କରି ଦେଖନ୍ତୁ ତ ! ଖାଲି ସେଓ ଖାଇବାକୁ ଭଲ ଲଗେନାହିଁ । ସେଓ ରାବିଡି ଖରାଦିନ ଆରମ୍ଭରେ ଅପରାହ୍ନର ଖୁବ୍ ସ୍ୱାଦିଷ୍ଟ ଏବଂ ସ୍ୱାସ୍ଥ୍ୟକର ଖାଦ୍ୟ ହୋଇପାରିବ ।**

**ଆବଶ୍ୟକ ସାମଗ୍ରୀ :**

୩ଟି ମଧମ ଆକାରର ସେଓ, ୧ଲିଟର କ୍ଷୀର, ବଡ ଚାମଚରେ ୪ ଚାମଚ ଚିନି କିମ୍ବା ମହୁ, ୧/୨ଛୋଟ ଚାମଚ ଗୁଜରାଟି ଗୁଣ୍ଡ, ୮ରୁ ୧୦ଟି ଲେଖାଏଁ ବାଦାମ ଏବଂ ପିସ୍ତା ସରୁସରୁ କଟା ଯାଇଥିବ ।

**ପ୍ରସ୍ତୁତି :**

ଏକ ପାତ୍ରରେ କ୍ଷୀର ଫୁଟାଇବେ । ଫୁଟିଗଲା ପରେ ହାଲ୍‌କା ଆଁରେ କ୍ଷୀରକୁ ଭଲଭାବେ ସିଝିବା ପାଇଁ ଛାଡି ଦିଅନ୍ତୁ । ଏହ ସିଝି ଅଧା ରହିଲା ପରେ ଏଥିରେ ଚିନି ପକାଇ ମିଶାଇଦେବେ । ଏହାପରେ ଗୁଜରାଟି ଗୁଣ୍ଡ, ବାଦାମ ଏବଂ ପିସ୍ତା ପକାଇ ଓହ୍ଲାଇ ଦେବେ । ଥଣ୍ଡା ହେବା ପରେ ଏହାକୁ କିଛି ସମୟ ଫ୍ରିଜ୍‌ରେ ରଖି ପରଷିବା ବେଳେ ପିସ୍ତା ଏବଂ କଟା ବାଦାମ ପକାଇ ସଜାଇ ଦିଅନ୍ତୁ । ଇଚ୍ଛା କଲେ ଅଧା ଚିନି ଏବଂ ଅଧା ମହୁ ମିଶାଇ ମିଠା କରିପାରିବେ ।



## ଗ୍ଲୋବାଲ ଓ୍ୱାମଙ୍ଗ୍‌ର ପ୍ରଭାବ

ଆଣ୍ଟାର୍କଟିକାର ସମୁଦ୍ର ତଳେ ଥିବା ଏକ ବଡ କ୍ଷେତ୍ରଫଳ ବିଶିଷ୍ଟ ଗ୍ଲେସିୟର ତରଳୁଥିବାରୁ ଏହା ଏକ ଚିନ୍ତାର ବିଷୟ ହୋଇପଡିଛି । ଏହାଦ୍ୱାରା ଦିନିଆର ସମସ୍ତ ସମୁଦ୍ରର ତରଳ ଜଳସ୍ତର ଆସନ୍ତା ୫୦ ବର୍ଷରେ ଦୁଇ ଫୁଟ୍ ଓ ୭୦ ବର୍ଷରେ ପାଖାପାଖି ପାଞ୍ଚ ଫୁଟ୍ ପର୍ଯ୍ୟନ୍ତ ବୃଦ୍ଧି ପାଇବ । ଏହି ଗ୍ଲେସିୟର ୨୧୦୦ ମସିହା ପର୍ଯ୍ୟନ୍ତ ଯଦି ପୁରା ତରଳି ଯାଏ ତେବେ ୧୨ଟି ବିକାଶଶୀଳ ଦେଶର ନଅ କୋଟି ଜନସଂଖ୍ୟାଙ୍କୁ ରହିବା ପାଇଁ ନୂତନ ସ୍ଥାନର ଆବଶ୍ୟକ ହେବ । ଏତେ ବଡ ସଂଖ୍ୟାର ବିସ୍ଥାପନ ବିଶ୍ୱ ସହ୍ୟ କରିବା କଠିନ ହୋଇପଡିବ । ଅନେକ ଦେଶର ଆର୍ଥିକ ସ୍ଥିତି ବିଗିଡି ଯିବ । ଏହି ଗ୍ଲେସିୟରର ନାମ ଥ୍ୱାୟଟେସ । ଏହା ଆଣ୍ଟାର୍କଟିକାର ପଶ୍ଚିମ ପାର୍ଶ୍ୱରେ ଅବସ୍ଥିତ । ଏହାକୁ ଲୋକମାନେ ଡୁମ୍ସ ଡେ ଗ୍ଲେସିୟର ବୋଲି ମଧ କହନ୍ତି । ବିଗତ ୩୦ ବର୍ଷ ମଧରେ ଏହା ଦ୍ରୁତ ଗତିରେ ତରଳୁ ଥିବାର ଜଣାପଡିଛି । ଏହି ଗ୍ଲେସିୟରର କ୍ଷେତ୍ରଫଳ ୧୯୨ କି.ମି । ଏହି ଗ୍ଲେସିୟରରୁ ଲଗାତର ବଡ ବଡ ବରଫଖଣ୍ଡ ଭାଙ୍ଗି ଯାଉଛି । ନିକଟରେ ଏହି ଗ୍ଲେସିୟରରେ ଏକ ଛିଦ୍ର କରାଯାଇ ଏକ ରୋବୋଟକୁ ଏହାର ଛିଦ୍ର ଭିତରକୁ ପଠାଯାଇଥିଲା । ଏହାଦ୍ୱାରା ସମୁଦ୍ର ଭିତରେ ଏହି ଗ୍ଲେସିୟର ଦ୍ରୁତ ଗତିରେ ତରଳି ଭାଙ୍ଗି ଯାଉଥିବାର ଜଣାପଡିଛି । ଏହା ଭିତରେ ଏକ ବିଶାଳ ଛିଦ୍ର ହୋଇଯାଇଥିବାର ମଧ ଜଣାପଡିଛି । ଆସନ୍ତା ୨୫୦ ବର୍ଷ ମଧରେ ତାପମାନ ୨ରୁ ୨.୭ ଡିଗ୍ରୀ ସେଲ୍‌ସିୟମ ବୃଦ୍ଧି ପାଇବ । ଏହାଦ୍ୱାରା ଏହି ଗ୍ଲେସିୟର ସଂପୂର୍ଣ୍ଣ ତରଳିଯିବାର ସମ୍ଭାବନା ରହିଛି । ଏହା ପଛରେ ଗ୍ଲୋବାଲ ଓ୍ୱାର୍ମିଙ୍ଗ ସବୁଠାରୁ ବଡ କାରଣ । ସେଥିପାଇଁ ସମୁଦ୍ରଗୁଡିକର ଜଳସ୍ତର ପାଞ୍ଚ ଫୁଟ୍ ବୃଦ୍ଧି ପାଇବ । ଏହାର ପ୍ରଭାବରେ ତଟବର୍ତ୍ତୀ ଅଞ୍ଚଳ ଯେପରି ମାଳଦ୍ୱୀପ ପରି ଅନେକ ଦ୍ୱୀପୀୟ ଦେଶ ବୁଡିଯିବ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ଦୋଛକିରେ ଆମେ....

ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ଏବଂ ଗୋଟିଏ ପରେ ଗୋଟିଏ ସହରକୁ ଦଖଲ କରି ଚାଲିବା ତଥା ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କର ୟୁକ୍ରେନ୍ ସମର୍ଥନରେ ଜାତିସଂଘରେ ନିନ୍ଦା ପ୍ରସ୍ତାବ ଉପାରିତ କରିବା ନିମନ୍ତେ ଭୋଟ୍‌ଦାନ ଏବଂ ଭାରତର ଏଥିରୁ ଦୂରେଇ ରହିବା ପୁଣିଥରେ ମାନସ ପଟରେ ଜାଗ୍ରତ କରାଇଛି ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ (ନାମ) ପ୍ରସଙ୍ଗକୁ । ରୁଷିଆର ସାମ୍ପ୍ରତିକ ଆକ୍ରମଣ ଗୋଟିଏ ପଟେ ଆମେରିକା ନେତୃତ୍ୱାଧୀନ ନାଟୋ ଗୋଷ୍ଠୀ- ବସ୍ତୁତଃ ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କୁ ରୁଷିଆ ବିରୁଦ୍ଧରେ କିଛି ଗୋଟାଏ ପଦକ୍ଷେପ ନେବା ଏକାଠି କରି ଦେଇଥିବା ବେଳେ ଭାରତକୁ ଠିଆ କରାଇ ଦେଇଛି ଦୋଛକିରେ । କାରଣ, ରୁଷିଆ ଭାରତର ଦୀର୍ଘ ଦିନର ମିତ୍ର ରାଷ୍ଟ୍ରଅତୀତରେ ବିପଦ ସମୟରେ ଏହା ଭାରତକୁ ବଳ ଯୋଗାଇ ଦେଇଛି ଏବଂ ଆମେରିକା ବର୍ତ୍ତମାନ । ସମୟରେ ଭାରତର ସବୁଠୁ ଭଲ ବନ୍ଧୁ ପାଲଟି ଯାଇଛି । ତେଣୁ ଭାରତ କେଉଁ ଗୋଟିଏ ପଟକୁ ଢଳିବା । ଅପେକ୍ଷା ଦୁଇ ଶକ୍ତିଙ୍କ ସହିତ ଭାରସାମ୍ୟ ରକ୍ଷା କରିବାକୁ ଏଯାବତ୍ ଉଦ୍ୟମ କରି ଆସିଛି । ଆଉ ଏହା ହିଁ ବହନ କରି ଆଣିଛି ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନର ସ୍ମୃତିକୁ। ନାମ୍ ଏବେ ଏକ ପୁରୁଣାକାଳିଆ କଥା । ଅର୍ଥାତ୍, ସଂକ୍ଷେପରେ, ସ୍ୱାଧୀନତା ପରଠାରୁ ଭାରତର ବିଦେଶ ନୀତିର ଏକ ସ୍ତମ୍ଭ ଭାବରେ ରହି ଆସିଥିବା ଏହି ଦର୍ଶନ ବାବଦରେ ନରେନ୍ଦ୍ର ମୋଦୀଙ୍କ ସରକାର ଉପରୋକ୍ତ ବିଚାରଧାରା ପୋଷଣ କରି ଆସିଛନ୍ତି । ପରନ୍ତୁ, ଭାରତ ସରକାରଙ୍କର ଗତ କିଛିଦିନର କାର୍ଯ୍ୟକଳାପ ଦର୍ଶାଇଛି ଯେ ଏହା ଗ୍ରହଣ କରିବାକୁ ପ୍ରସ୍ତୁତ ନଥିଲେ ସୁଦ୍ଧା ଏବଂ ଏହାର କାର୍ଯ୍ୟ ୧୯୫୦ ଦଶକର ଗୋଷ୍ଠୀ-ନିରପେକ୍ଷତା ଦର୍ଶନଠାରୁ ଭିନ୍ନ ହୋଇଥିଲେ ମଧ୍ୟ ଗୋଷ୍ଠୀ ନିରପେକ୍ଷତା ଏବେ ବି ଠିକ୍‌ଠାକ୍ ଓ ଜୀବିତ ରହିଛି । ୟୁକ୍ରେନ୍ ଉପରେ ରୁଷିଆର ବେଆଇନ୍ ଆକ୍ରମଣ ବିରୁଦ୍ଧରେ ଜାତିସଂଘରେ ହୋଇଥିବା ଗୁରୁତ୍ୱପୂର୍ଣ୍ଣ । ଭୋଟଦାନଗୁଡ଼ିକରୁ ଭାରତ ବାରମ୍ବାର ଦୂରେଇ ରହିଛି । ଭାରତ ନା ତ ରୁଷିଆକୁ ସମର୍ଥନ କରିଛି, ନା ଏହାର ଅର୍ଥନୀତି ସମେତ ଏହାର ସଂସ୍କୃତିକ ଓ କ୍ରୀଡ଼ା ବ୍ୟକ୍ତିମାନଙ୍କୁ ଲକ୍ଷ୍ୟଭୁକ୍ତ କରି ଏହାକୁ ଏକଘରିକିଆ କରିବା ନିମନ୍ତେ ପାଶ୍ଚାତ୍ୟ ରାଷ୍ଟ୍ରମାନେ ଉଠାଇ ଥିବା ସ୍ୱର ସହିତ ସ୍ୱର ମିଳାଇଛି । ବିଦେଶ ମନ୍ତ୍ରୀ ଏସ୍ ଜୟଶଙ୍କର ପୂର୍ବରୁ ବିଶ୍ୱ ପ୍ରତି ଭାରତର ଆଭିମୁଖ୍ୟକୁ ଗୋଷ୍ଠୀ-ନିରପେକ୍ଷ ଅପେକ୍ଷା ବହୁପକ୍ଷୀୟ ବୋଲି ବର୍ଣ୍ଣନା କରିଥିଲେ, ଯାହାର ଅର୍ଥ, ବିଶ୍ୱର କୌଣସି ରାଷ୍ଟ୍ର ସହିତ ଅତ୍ୟଧିକ ନିବିଡ଼ତାପୂର୍ଣ୍ଣ ସମ୍ପର୍କ ପ୍ରଦର୍ଶନ ନ କରିବା ପାଇଁ ପରୋକ୍ଷ ନାସ୍ତିବାଚକ କାର୍ଯ୍ୟ କରିବା ପରିବର୍ତ୍ତେ ଅନେକଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାରଙ୍କ ସହିତ ମିଳିମିଶି କାର୍ଯ୍ୟ କରିବା । କିନ୍ତୁ ନିକଟରେ ଜାତିସଂଘରେ ଭାରତର ଭୋଟ୍‌ଦାନ ସମ୍ବନ୍ଧିତ କାର୍ଯ୍ୟଗୁଡ଼ିକ ଆଉ ଯାହା କିଛି ହେଉ କି ନହେଉ, ନିଶ୍ଚିତ ଭାବରେ ଏକ ସାହସିକତାର କଥା । ଏହି ପଦକ୍ଷେପଗୁଡ଼ିକ ହେଉଛି ଆତ୍ମରକ୍ଷାମୂଳକ ଏବଂ ଏକ ବିଶ୍ୱାସ ଉପରେ ଆଧାରିତ ଯେ ଏହାର ଗୁରୁତ୍ୱପୂର୍ଣ୍ଣ ସାମରିକ ଅଂଶୀଦାର ମସ୍କୋ ହେଉ କି ସାମ୍ପ୍ରତିକ ସମୟର ପ୍ରମୁଖ ବନ୍ଧୁ ୱାଶିଂଟନ୍‌କୁ କ୍ଷୁବ୍ଧ କରିବା ଭଳି କୌଣସି ପ୍ରକାରର କାର୍ଯ୍ୟ ନ କରି ଭାରତ ଏହାର କୌଶଳପୂର୍ଣ୍ଣ ସ୍ୱାର୍ଥ ଏବଂ ନୀତିଗୁଡ଼ିକ ମଧ୍ୟରୁ ଗୋଟିକୁ ବାଛିବା ଉଚିତ । କିନ୍ତୁ ଏ ଦୁଇଗୋଟିଯାକ ପରସ୍ପରର ବିରୋଧାଚରଣ କରିବା ଉଚିତ ନୁହେଁ । ସ୍ପଷ୍ଟ ଭାବରେ କହିଲେ, ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କର ଏକତରଫା ଆକ୍ରମଣ ଭଳି ଛଳ କପଟପୂର୍ଣ୍ଣ ଆଚରଣ ଭାରତକୁ ସମାଲୋଚନା କରିବା ନିମନ୍ତେ କୌଣସି ପ୍ରକାରର ନୈତିକତା ବହନ କରେନାହିଁ । କିନ୍ତୁ ଭାରତ ଏହାର ନିଜର ପରମ୍ପରାର ମାପଦଣ୍ଡରେ ନିଜକୁ ମାପିବା ଉଚିତ । ଗୋଷ୍ଠୀ-ନିରପେକ୍ଷତା ବିରୁଦ୍ଧରେ ଅନେକ ସମୟରେ ଲଗା ଯାଉଥିବା ଆରୋପର ବିପରୀତରେ ଏହି ନୀତି କେବେହେଲେ ବିଶ୍ୱସ୍ତରୀୟ ସଙ୍କଟଗୁଡ଼ିକର ସମାଧାନ କରିବା ନିମନ୍ତେ ଭାରତକୁ ଏକାଧିକ ରାଷ୍ଟ୍ରଙ୍କ ସହିତ ଭାଗୀଦାର ହେବାରୁ ଅଟକାଇ ପାରିନାହିଁ । ବସ୍ତୁତଃ, ଏହା ଭାରତକୁ ଆବଶ୍ୟକୀୟ ନୈତିକ ସମର୍ଥନ ଯୋଗାଇ ଆସିଛି କହିଲେ ଅତ୍ୟୁକ୍ତି ହେବନାହିଁ । ଏହି ପରିପ୍ରେକ୍ଷୀରେ ୧୯୫୬ ମସିହାରେ ସୁଏଜ୍ ସଙ୍କଟଠାରୁ ଅଧିକ ଉତ୍ତମ ଉଦାହରଣ ଆଉ କିଛି ହୋଇ ନପାରେ । ଏହି କ୍ଷେତ୍ରରେ ଇସ୍ରାଏଲ, ବ୍ରିଟେନ୍ ଏବଂ ଫ୍ରାନ୍ସ ଇଜିପ୍ଟ ଉପରେ ଆକ୍ରମଣ କରିଥିଲେ । ତତ୍କାଳୀନ ଘଟଣାବଳୀ ବର୍ତ୍ତମାନ ସମୟର ରୁଷିଆର ୟୁକ୍ରେନ୍ ଆକ୍ରମଣ ଭଳି ଥିଲା । ସେତେବେଳେ ମଧ୍ୟ ବର୍ତ୍ତମାନ ସମୟ ଭଳି ଜାତିସଂଘ ସୁରକ୍ଷା ପରିଷଦ ଦୁଇ ଭାଗରେ ବିଭକ୍ତ ହୋଇ ଯାଇଥିଲା, କାରଣ ଆକ୍ରମଣକାରୀମାନଙ୍କ ମଧ୍ୟରେ ଏହାର ସ୍ଥାୟୀ ସଦସ୍ୟମାନେ ଥିଲେ । ପରିଣତି ସ୍ୱରୂପ, ଚଳିତ ସପ୍ତାହରେ ଯେମିତି ଭୋଟଦାନ ନିମନ୍ତେ ଶାନ୍ତି ପାଇଁ ଏକାଠି’ ଶିରୋନାମାରେ ଜାତିସଂଘ ସାଧାରଣ ପରିଷଦର ବୈଠକ ଆହୂତ ହୋଇଥିଲା, ସେତେବେଳେ ମଧ୍ୟ ଏକ ନିଷ୍ପତ୍ତି ଗ୍ରହଣ କରିବା ଉଦ୍ଦେଶ୍ୟରେ ଠିକ୍ ସେମିତି ଏକ ବିଶେଷ ଅଧିବେଶନ ଡକା ଯାଇଥିଲା । କିନ୍ତୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହରୁଙ୍କ ଅଧୀନରେ ଭାରତ ପରଦା ପଛରେ ରହି ଯୁଦ୍ଧରେ ବ୍ୟାପ୍ତ ଥିବା ସାମରିକ ଶକ୍ତିମାନଙ୍କୁ ଅଲଗା ରଖି ଏକ ଶାନ୍ତି ରକ୍ଷାକାରୀ ବାହିନୀ ଗଠନ କରିବା ନିମନ୍ତେ ଅଧିକାଂଶ ପାଶ୍ଚାତ୍ୟ ରାଷ୍ଟ୍ର ଏକାଠି ମିଶି ଭୋଟ୍ ଦାନ କରିବାକୁ ସୁନିଶ୍ଚିତ କରାଇବା ଉଦ୍ଦେଶ୍ୟରେ ଯୁକ୍ତରାଷ୍ଟ୍ର ଆମେରିକା ସହିତ ମିଶି କାର୍ଯ୍ୟ କରିଥିଲା । ଆଉ ଏହିଭଳି ଭାବରେ ଏକ ଗୋଷ୍ଠୀ-ନିରପେକ୍ଷ ଭାରତ ଏକ ଯୁଦ୍ଧର ପରିସମାପ୍ତି ଘଟାଇ ପାରିଥିଲା । ସାମ୍ପ୍ରତିକ ପରିସ୍ଥିତି ଯାହା ଦର୍ଶାଉଛି, ସେହି ଧାରା ଏବେ ସୁଦ୍ଧା ପୁରୁଣାକାଳିଆ ହୋଇ ଯାଇନାହିଁ । ତେଣୁ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ଭାରତ ସରକାର ସେହିଭଳି କିଛି ପଦକ୍ଷେପ ନେବାକୁ ଆଗେଇ ଆସିବେ କି ?

## ପରମାଣୁ ଯୁଦ୍ଧ ବଳୟରେ ବିଶ୍ୱ ସମୁଦାୟ



**ଶରତ କୁମାର ଦାସ**

କିଏ ପୋଛିଦେବ ନିରୀହ ଓ ନିରସ୍ତ୍ର ମଣିଷ ଆଖି କୋଣରୁ ଲୁହ ? କିଏ ସଜାଡି ଦେବ ତା’ ଉଜୁଡା ସଂସାର ଧରିତ୍ରୀ ମାତାର ଆକୁଳ ଓ ବୁକୁ ଫଟା କ୍ରନ୍ଦନର ଗମ୍ଭୀରତାକୁ କିଏ ବା ବୁଝିବ ? ଅସୂୟା, ଅମାନବିକତା, କ୍ଷମତାର ଅଦ୍ଭୁତ ଲାଳସା, ହିଂସା, ଅହଙ୍କାର, ସଠତା ଓ କପଟତାର ମାୟାଜାଲରେ ଛନ୍ଦିହୋଇ ପଡିଥିବା ମଣିଷ ସମାଜ ଯେ ଏତେ ହିଂସ୍ର ହୋଇପାରେ ତାହା ବିଶ୍ୱାସ ନହେଲେ ମଧ ଧ୍ରୁବ ସତ୍ୟ ଅଟେ। କ୍ରମଶଃ ହଜିଯାଉଛି ମଣିଷର ବିଶ୍ୱସନୀୟତା । ଲିଭିଯାଉଛି ମାନବବାଦର ଅମୃତ ମନ୍ତ୍ର । ମଣିଷ ସାମନାରେ ପ୍ରତି ମୁହୂର୍ତ୍ତରେ ଜଳୁଛି ପ୍ରତିଶୋଧର ଅଗ୍ନି।

ଆଉ ସେହି ଅଗ୍ନିଶିଖାର ପ୍ରଚଣ୍ଡ ବିଷଜ୍ୱାଳାରେ ଜର୍ଜରିତ ଆଜିର ତଥାକଥିତ ସଭ୍ୟ ମଣିଷ ସମାଜ । ସ୍ୱାର୍ଥପରତାର ଖିଆଲି ନିଶାରେ ଉବୁଟୁବୁ ହେଉଥିବା ପୃଥିବୀ ଆଜି ଧ୍ୱଂସ ମୁଖରେ । ଅନ୍ୟ ଏକ ଆଣବିକ ଯୁଦ୍ଧ ଆଶଙ୍କାରେ ପ୍ରମାଦ ଗଣୁଛି ବିଶ୍ୱ ସମୁଦାୟ । ଏହା ମଧରେ ଦୁଇ ଦେଶ ରୁଷ୍ ଓ ୟୁକ୍ରେନ ମଧରେ ଶାନ୍ତି ଆଲୋଚନାର ଦ୍ୱିତୀୟ ପର୍ଯ୍ୟାୟ ମଧ ବିଫଳ ହୋଇଛି । ୟୁକ୍ରେନର ନିଉକ୍ଲିୟର ପ୍ଲାଣ୍ଟ୍ ଉପରେ ରୁଷ୍‌ର କ୍ଷେପଣାସ୍ତ୍ର ମାଡ ଓ ପରବର୍ତ୍ତୀ ସମୟରେ ଆଣବିକ କେନ୍ଦ୍ର ଅକ୍ତିଆର ଯୁଦ୍ଧର ଭୟାବହତା ପ୍ରତିପାଦନ କରେ। ମାତ୍ର ଏହାର ଫଳାଫଳ ଯେ ଅତୀବ ଯନ୍ତ୍ରଣାଦାୟକ, ଯାହାକୁ ବୁଝି ବି ବଝି ନ ପାରିବା ଏ ଉଦ୍‌ଭ୍ରାନ୍ତ ମଣିଷର ବୋକାମି ଛଡା ଆଉ କ’ଣ ହୋଇପାରେ ? ଏ ପ୍ରସଙ୍ଗରେ ରାଧାନାଥ ରାୟଙ୍କ ଉକ୍ତିଟି ମନେପଡେ, ‘ଇଚ୍ଛନ୍ତି ଦାମ୍ଭିକେ ହସ୍ତେ ରଖିବାକୁ ସମସ୍ତଙ୍କ ଭାଗ୍ୟ ଡୋରୀ, ନିଜ ଭାଗ୍ୟଡୋରୀ କାଳ ହସ୍ତେ ବନ୍ଧା ପକାନ୍ତି ହେଲେ ପାଶୋରୀ ।’

ରୁଷ୍ ସୈନ୍ୟବାହିନୀର ଭୟଙ୍କର ଆକ୍ରମଣ ଫଳରେ ଧ୍ୱଂସସ୍ତୁପରେ ପରିଣତ ହେଲାଣି ଏକଦା ନିଜର ଅଂଶବିଶେଷ ଥିବା ଓ ଏବର ପଡୋଶୀ ଦେଶ ୟୁକ୍ରେନ । ଏ ପ୍ରବନ୍ଧ ଲେଖିଲାବେଳକୁ ଯୁଦ୍ଧ ଦଶମ ଦିନରେ ପହଞ୍ଚିଲାଣି। ଅନେକ ସହର ପ୍ରଚଣ୍ଡ ଆକ୍ରମଣର ସମ୍ମୁଖୀନ ହୋଇ ଧରାଶାୟୀ ହେଲେଣି । ୟୁକ୍ରେନର ରାଜଧାନୀ କିଭ୍ ଓ ଅର୍ଥନୈତିକ ପ୍ରାଣକେନ୍ଦ୍ର ଖାର୍କିଭ୍ ସହରରେ ଘନ ଘନ କ୍ଷେପଣାସ୍ତ୍ର ମାଡ ଅବ୍ୟାହତ ରହିଛି । ଖର୍ସୋନ୍ ସହରକୁ ଅକ୍ତିଆର କରିଥିବା ରୁଷ୍ ସେନା ଦାବି କରିଛି । ବୁକା, ମାରିୟପୋଲ ଓ ଜିତମୋର ସହର ଜଳୁଛି ।

ଗୁଳିଗୋଳା ଓ କମାଣ ଶବ୍ଦରେ ପ୍ରକମ୍ପିତ ହେଉଛି ସମଗ୍ର ୟୁକ୍ରେନ । ହୁତୁହୁତୁ ଜଳୁଛି ସୁରମ୍ୟ ତଥା ସୁଉଚ୍ଚ ଅଟ୍ଟାଳିକା ।

ଭାଙ୍ଗିରୁଜି ଚୂରମାର ହୋଇ ମାଟିରେ ମିଶୁଛି ଅନେକ ସରକାରୀ କାର୍ଯ୍ୟାଳୟ, ମେଡିକାଲ୍, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ, ରେଳ ଷ୍ଟେସନ ଇତ୍ୟାଦି । ଜୀବନ ବିକଳରେ ଅନେକ ଲୋକ ବଙ୍କର ଭିତରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇ ଆତ୍ମଗୋପନ କରିବା ଅତି ଦୁର୍ଭାଗ୍ୟଜନକ ବିଷୟ । ହତ୍ୟା ଓ ରକ୍ତପାତର ହୃଦୟ ବିଦାରକ ଦୃଶ୍ୟରେ ସମଗ୍ର ମାନବ ସମାଜ ସ୍ତବ୍ଧ । ସତ କହିବାକୁ ଗଲେ ଦିନକୁ ଦିନ ବିଗିଡିବାରେ ଲାଗିଛି ୟୁକ୍ରେନ ପରିସ୍ଥିତି । ଅନ୍ୟପଟରେ ଦେଖିବାକୁ ଗଲେ ସମଗ୍ର ବିଶ୍ୱ ନୀରବଦ୍ରଷ୍ଟା ସାଜିଛି ୟୁକ୍ରେନର ଏଭଳି ଏକ ଦୁର୍ଦ୍ଦିନ ଓ ଘଡିସନ୍ଧି ମୁହୂର୍ତ୍ତରେ। ଏହା ବାସ୍ତବିକ ନିନ୍ଦନୀୟ । ସଭ୍ୟ ସମାଜ ପାଇଁ ଏହା କେବେବି ଗ୍ରହଣୀୟ ନୁହେଁ । ଖଳନାୟକ ଭୂମିକାରେ ଅବତୀର୍ଣ୍ଣ ତଥା ୟୁକ୍ରେନର ବୁଦ୍ଧିଦାତା ଆମେରିକା ରୁଷ୍ ବିରୋଧରେ କେବଳ କିଛି ଲୋକ ଦେଖାଣିଆ କଟକଣା ଲାଗୁକରିଦେଇ ଧ୍ୱଂସର ତାଣ୍ଡବଲୀଳା ମନ ଭରି ଉପଭୋଗ କରୁଛି କହିଲେ ସତ୍ୟର ଅପଳାପ ହେବନାହିଁ ।

ମାତ୍ର ପାଂଚ ଦିନ ଭିତରେ ୟୁକ୍ରେନ ଦଖଲ କରିବା ନେଇ ରୁଷ୍ ଯେଉଁ ଲକ୍ଷ୍ୟ ସ୍ଥିର କରିଥିଲା ତାହା କ୍ରମଶଃ ବିଳମ୍ବିତ ହେଉଛି। ୟୁକ୍ରେନର ସେନା ଓ ନାଗରିକମାନଙ୍କ ପକ୍ଷରୁ ରୁଷ୍ ସେନାକୁ ତୀବ୍ର ବିରୋଧର ସମ୍ମୁଖୀନ ହେବାକୁ ପଡୁଛି । ନିଜ ମାଟି ପାଇଁ ଲଢିବା ନିମନ୍ତେ ୟୁକ୍ରେନର ୫୦ ହଜାର ନାଗରିକ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବା ସେମାନଙ୍କର ଦେଶ ଭକ୍ତିର ଜ୍ୱଳନ୍ତ ପ୍ରମାଣ ଅଟେ। ଏହାକୁ ଦୃଷ୍ଟିରେ ରଖି ରୁଷ୍ କ୍ରମଶଃ ଅଧିକ ଆକ୍ରମଣାତ୍ମକ ହେବା ସ୍ୱାଭାବିକ ମନେହୁଏ ।

ଆମେରିକା ସମେତ ୟୁରୋପୀ ରାଷ୍ଟ୍ରସଂଘ ଓ ‘ନାଟୋ’ ପରୋକ୍ଷରେ ୟୁକ୍ରେନକୁ ସାହାଯ୍ୟ କରୁଥିବାରୁ ୟୁକ୍ରେନ ରୁଷ୍ ବିରୋଧୀ ଲଢେଇରେ ଏପର୍ଯ୍ୟନ୍ତ ତିଷ୍ଠି ରହିଛି। ଏହାକୁ ଦେଖି ଦୁଇଦିନ ତଳେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମୀର ପୁଟିନ୍ ପରମାଣୁ ଆକ୍ରମଣ ଧମକ ଦେଇଥିବା ବେଳେ ଏହାର ବିଦେଶମନ୍ତ୍ରୀ ସେଗେଇ ଲାଭରୋଭ୍ ମଧ ଅନୁରୂପ ଚେତାବନୀ ଦେଇଛନ୍ତି। ମସ୍କୋ ଚଳାଇଥିବା ଅଭିଯାନରେ ପଶ୍ଚିମୀ ରାଷ୍ଟ୍ର ଯେଉଁଭଳି ହସ୍ତକ୍ଷେପ କରୁଛନ୍ତି ତାହା ପରମାଣୁ ଯୁଦ୍ଧ ଆଡକୁ ମୁହାଁଉଛି ଏବଂ ଏହାଦ୍ୱାରା ତୃତୀୟ ବିଶ୍ୱଯୁଦ୍ଧର ସମ୍ଭାବନା ସୃଷ୍ଟି କରିଛି ବୋଲି ଲାଭରୋଭ୍ କହିଛନ୍ତି । ଏହି ତୃତୀୟ ବିଶ୍ୱଯୁଦ୍ଧରେ ପରମାଣୁ ବୋମା ପ୍ରୟୋଗର ଆଶଙ୍କା ଥିବାରୁ ଏହା ବିଶ୍ୱ ପାଇଁ ଭୟଙ୍କର ବିପର୍ଯ୍ୟୟ ଆଣିବ ବୋଲି ସେ ପଶ୍ଚିମୀ ରାଷ୍ଟ୍ରଗୁଡିକୁ ଚେତାବନୀ ମଧ ଦେଇଛନ୍ତି ।

ଅନ୍ୟ ପକ୍ଷରେ ‘ନାଟୋ’ ସମେତ ପ୍ରାୟ ୩୯ଟି ପଶ୍ଚିମୀ ରାଷ୍ଟ୍ର ରୁଷ୍‌କୁ ମଧ ବିଭିନ୍ନ କଟକଣା ଲାଗୁ କରିବା ସହିତ ପରମାଣୁ ଯୁଦ୍ଧର ପ୍ରତିଧମକ ଦେବା ସମଗ୍ର ବିଶ୍ୱ ପାଇଁ ଯେ ବିପର୍ଯ୍ୟୟର କଳାପାହାଡ଼ ଘନେଇ ଆସୁଛି ଏଥିରେ କୌଣସି ଦ୍ୱିମତ ହେବାର ଅବକାଶ ହିଁ ନାହିଁ କହିଲେ ଚଳେ। ପ୍ରକୃତ କଥା ହେଉଛି ଯେ ୟୁକ୍ରେନକୁ କୌଣସି ପରିସ୍ଥିତିରେ ପରମାଣୁ ଶକ୍ତି ସମ୍ପନ୍ନ ରାଷ୍ଟ୍ର ହେବାକୁ ରୁଷିଆ ସୁଯୋଗ ଦେବନାହିଁ । କାରଣ ଏହା ରୁଷିଆ ପାଇଁ ପ୍ରତ୍ୟକ୍ଷ ବିପଦ ସୃଷ୍ଟି କରିବ। ଇତିମଧରେ ରୁଷିଆ ମଧ ଏହାର ପରମାଣୁ ଅସ୍ତ୍ରକୁ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦେଇଛି। ଏଥିପାଇଁ ବାରନେଟ ସାଗରରେ ରୁଷିଆର ଅଣୁଅସ୍ତ୍ର ବାହିନୀର ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଯାଇଛି । ରୁଷ୍‌ର ୟୁକ୍ରେନ ଦଖଲ ବିଳମ୍ବ ହେବା ସହିତ ପଶ୍ଚିମୀ ରାଷ୍ଟ୍ରଗୁଡିକ ଅର୍ଥନୈତିକ କଟକଣା ଜାରି କରି ରୁଷ୍‌ର ଅର୍ଥନୈତିକ ମେରୁଦଣ୍ଡ ଭାଙ୍ଗିବା ଲକ୍ଷ୍ୟକୁ ରୁଷିଆ ଗୁରତ୍ୱର ସହ ଗ୍ରହଣ କରିପାରେ । ଯାହାର ପରିଣାମସ୍ୱରୂପ ରୁଷ୍ ପରମାଣୁ ବୋମା ପ୍ରୟୋଗ କରିବାର ନିଷ୍ପତ୍ତି ନେବାକୁ ବାଧ ହୋଇପାରେ ବୋଲି ଅନ୍ତର୍ଜାତୀୟ ସ୍ତରରେ ଆଲୋଚନା ଜୋର୍ ଧରିଛି । ଅନ୍ୟପଟେ ଜାତିସଂଘ ନିରାପତ୍ତା ପରିଷଦର ଜରୁରୀ ବୈଠକ ଡାକିଛି ବ୍ରିଟେନ । ବିଶ୍ୱରେ ଭୟଙ୍କର ପରିସ୍ଥିତି ଉପୁଜିବାର ସମ୍ଭାବନା ସୃଷ୍ଟି ହୋଇଛି ବୋଲି ଚେତାବନୀ ଦେଇଛି ଅନ୍ତର୍ଜାତୀୟ ପରମଣୁ ସଂସ୍ଥା । ଏହାକୁ ନେଇ ସାରା ୟୁରୋପରେ ଆତଙ୍କ ଖେଳିଯାଇଛି । ଫ୍ରାନ୍ସ ମଧ ପରମାଣୁ ଯୁଦ୍ଧର ଆଶଙ୍କା କରି ସତର୍କ ରହିବାକୁ ଚେତାବନୀ ଦେଇଛି। ଏଭଳି ପରିସ୍ଥିତି ପାଇଁ ରୁଷ୍ ବୈଦେଶିକ ମନ୍ତ୍ରଣାଳୟ ୟୁକ୍ରେନକୁ ହିଁ ଦାୟୀ କରିଛି।

ଅନ୍ୟ ଏକ ଘଟଣା କ୍ରମରେ ରୁଷିଆର ପରମାଣୁ ଧମକ ପରେ ପ୍ରାୟ ୧୦ ଲକ୍ଷ ୟୁକ୍ରେନବାସୀ ଦେଶ ଛାଡିଛନ୍ତି। ସେମାନଙ୍କ ମଧ୍ୟରୁ ଅନେକ ପୋଲାଣ୍ଡ, ହଙ୍ଗେରୀ, ମାଲଡୋଭା, ରୋମାନିଆ ଓ ସ୍ଲୋଭାକିଆ ଶରଣ ନେଇଛନ୍ତି ବୋଲି କୁହାଯାଉଛି । ଅନ୍ୟ ପକ୍ଷରେ ରୁଷିଆର ପ୍ରାୟ ୯ ହଜାର ସୈନ୍ୟଙ୍କର ମୃତ୍ୟୁ ଘଟିଥିବା ୟୁକ୍ରେନ ରାଷ୍ଟ୍ରପତି ଭ୍ଲାଦିମିର ଜେଲେନସ୍କି ଦାବି କରିଛନ୍ତି । ଇତିମଧରେ ରୁଷ୍ ବିମାନ ପାଇଁ ଆମେରିକା ନିଜ ଆକାଶ ପଥକୁ ବନ୍ଦ କରିଦେଇଛି । ୟୁରୋପୀୟ ରାଷ୍ଟ୍ରଗୁଡିକ ମଧ ରୁଷ୍ ପାଇଁ ବାୟୁସୀମା ସିଲ୍ କରିଦେଇଛନ୍ତି, ଯାହାକି ରୁଷ୍ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି । ସେହିପରି ରୁଷ୍ ଜାହାଜକୁ ବନ୍ଦର ଛାଡିବାକୁ ବ୍ରିଟେନ ନିର୍ଦ୍ଦେଶ ଦେଇଛି । ରୁଷ୍ ରାଷ୍ଟ୍ରପତି ପୁଟିନ ୟୁରୋପକୁ ଖଣ୍ଡ ବିଖଣ୍ଡିତ କରିବା ପାଇଁ ଚାହୁଁଥିବା ଜୋ ବାଇଡେନ କହିଛନ୍ତି । ଏହା ସହ ତୃତୀୟ ବିଶ୍ୱଯୁଦ୍ଧ ପାଇଁ ପ୍ରସ୍ତୁତ ରହିବାକୁ ସେ ଆମେରିକା ସଂସଦରେ ଉଦବୋଧନ ଦେଇଛନ୍ତି ।ଅନ୍ୟପଟେ ୟୁକ୍ରେନ ରାଷ୍ଟ୍ରପତି ଦେଶର ଛାଡି ପୋଲାଣ୍ଡ ଚାଲିଯାଇଥିବାର ଦାବି କରିଛି ରୁଷ୍ ।

ବେଲାରୁଷ୍‌ର ରାଷ୍ଟ୍ରପତି ତଥା ପୁଟିନଙ୍କ ଘନିଷ୍ଠ ସହଯୋଗୀ ଆଲେକଜାଣ୍ଡାର ରୁଷିଆର ପରିବର୍ତ୍ତୀ ଅଭିଯାନ ପଡୋଶୀ ରାଷ୍ଟ୍ର ମାଲଡୋଭା ହୋଇପାରେ ବୋଲି କହିବା ପରେ ଏହା ଅନ୍ୟ ଏକ ଆତଙ୍କ ସୃଷ୍ଟି କରିଛି ।

ଏ ତମାମ୍ ଘଟଣାକୁ ଅନୁଧ୍ୟାନ କଲେ ଗୋଟିଏ କଥା ଦୃଷ୍ଟି ଗୋଚର ହୁଏ ଯେ ବର୍ତ୍ତମାନ ସମଗ୍ର ପୃଥିବୀ ଧ୍ୱଂସ ପଥରେ ଦଣ୍ଡାୟମାନ । ମାତ୍ର ସାମ୍ପ୍ରତିକ ପରିସ୍ଥିତିରେ ପରମାଣୁ ଯୁଦ୍ଧ କେବେ ବି ଗ୍ରହଣୀୟ ନୁହେଁ । ପରମାଣୁ ଯୁଦ୍ଧ ତୃତୀୟ ବିଶ୍ୱଯୁଦ୍ଧ ସୃଷ୍ଟି କରିବାର ସମ୍ଭାବନା ସୃଷ୍ଟି କରିପାରେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜାପାନର ହିରୋସୀମା ଓ ନାଗାସାକୀ ସହର ଦ୍ୱୟ ଉପରେ ଆମେରିକାର ପରମାଣୁ ବୋମା ପ୍ରୟୋଗର ଭୟାବହତା ଏବେ ବି ଜନମାନସରେ ତାଜା ସ୍ମୃତି ବହନ କରି ରହିଥିବା ବେଳେ ତୃତୀୟ ବିଶ୍ୱଯୁଦ୍ଧର ସମ୍ଭାବ୍ୟ କରାଳତା ବିଶ୍ୱ ସମୁଦାୟକୁ କେବଳ ବ୍ୟତିବ୍ୟସ୍ତ କରୁନି ବରଂ ଧ୍ୱଂସର ତାଣ୍ଡବ ମଧ୍ୟକୁ ଆଗେଇ ନେବାର ରାସ୍ତା ପରିଷ୍କାର କରୁଛି। ସମଗ୍ର ବିଶ୍ୱ କ୍ଷତିଗ୍ରସ୍ତ ହେବା ସହିତ ଏହାର ଦାରୁଣ ଫଳାଫଳ ମାନବ ସମାଜକୁ ସବୁଦିନ ପାଇଁ ବିକଳାଙ୍ଗ କରିଦେବ। ଏବେ ସମୟ ଆସିଛି ଏହା ବିରୁଦ୍ଧରେ ପ୍ରତିବାଦ କରିବାର। ‘ଯୁଦ୍ଧ ନୁହେଁ, ଆମେ ଶାନ୍ତି ଚାହୁଁ’- ମହାମନ୍ତ୍ରରେ ସମଗ୍ର ମାନବ ସଭ୍ୟତାକୁ ଅଭିମନ୍ତ୍ରିତ କରିବାର। ରୁଷିଆ ହେଉ ବା ୟୁକ୍ରେନ, ଆମେରିକା ହେଉ ବା ବ୍ରିଟେନ ଆମ ସମସ୍ତଙ୍କୁ ପରମାଣୁ ଯୁଦ୍ଧର ଭୟାବହତା ସମ୍ପର୍କରେ ସହୃଦୟତା ସହ ବୁଝିବା ଦରକାର ।

ରୁଷ୍ ଓ ୟୁକ୍ରେନ ମଧରେ ଥିବା ବିବାଦ ଦ୍ୱିପାକ୍ଷିକ କୂଟନୈତିକ ଶାନ୍ତି ଆଲୋଚନା ମାଧମରେ ସମାଧାନ ହେବା ସମୟର ଆହ୍ୱାନ ଅଟେ। ୟୁକ୍ରେନ ମଧ ଆମେରିକାର ଘର ଭଙ୍ଗା ଗୁଣ ସମ୍ପର୍କରେ ସହଜରେ ବୁଝିଯିବା ଦରକାର । ଆମେରିକା ବା ‘ନାଟୋ’ ୟୁକ୍ରେନକୁ ଢାଲ କରି ରୁଷିଆକୁ ଖଣ୍ଡବିଖଣ୍ଡିତ କରିବାର ହୀନଚକ୍ରାନ୍ତରୁ ନିବୃତ୍ତ ରହିବା ସର୍ବାଗ୍ରେ ଆବଶ୍ୟକ । ଅନ୍ୟପଟେ ରୁଷ୍ ମଧ ଅତିମାତ୍ରାରେ ପ୍ରତିହିଂସା ପରାୟଣ ନ ହୋଇ ବିଶ୍ୱର ମଙ୍ଗଳ ପାଇଁ ଶାନ୍ତି ପ୍ରସ୍ତାବ ଉପରେ ଆଲୋଚନା କରିବା ଆବଶ୍ୟକ । ପରସ୍ପର ଜିଦ୍ ଖୋର ମନୋବୃତ୍ତିରୁ ଦୂରେଇ ରହି ସାର୍ବଜନୀନ ଶାନ୍ତି ଓ ନିରାପତ୍ତା ପାଇଁ ସହଯୋଗ ପୂର୍ଣ୍ଣ ପରିବେଶ ସୃଷ୍ଟି କରିପାରିଲେ ସମଗ୍ର ମାନବ ସମାଜ ଭୟଙ୍କର ପରିସ୍ଥିତିରୁ ନିଶ୍ଚୟ ମୁକ୍ତ ହୋଇପାରିବ । ଏ ଦିଗରେ ସମଗ୍ର ବିଶ୍ୱ ନୀରବଦ୍ରଷ୍ଟା ନହୋଇ ବା ପରସ୍ପରକୁ କାଦୁଅ ନ ଫିଙ୍ଗି ହାତରେ ହାତ ଓ ପାଦରେ ପାଦ ମିଳାଇ ଏ ସଙ୍କଟଜନକ ପରିସ୍ଥିତିର ସମାଧାନ ପାଇଁ ସ୍ୱତଃସ୍ଫୂର୍ତ ଭାବେ ଆଗେଇ ଆସିବା ବାଂଛନୀୟ । ସନ୍ଥକବି ଭୀମଭୋଇଙ୍କ ଭାଷାରେ,’ ପ୍ରାଣୀଙ୍କ ଅରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେ ବା ସାହୁ, ମୋ ଜୀବନ ପଛେ- ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ ।’


ଅଧ୍ୟାପକ
ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ,
ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧


## ଆମ ଦେଶରେ ଗଣତନ୍ତ୍ର ଏବେ ବି ମଜବୁତ୍



**ସୁବ୍ରତ କର**

ଆମ ଦେଶର ନିଶ୍ଚୟ ଗଣତନ୍ତ୍ର ଭୀଷଣଭାବେ ମଜବୁତ୍ । ଦେଶର ଜନମତ ସରକାର ପାଇଁ ହେଉ ବା ଦେଶ ପାଇଁ ଶେଷ କଥା କହେ । ସ୍ୱାଧୀନତା ପାଖରୁ ଏହା ଠିକ୍ ଭାବରେ ଚଳି ଆସୁଛି । ସରକାର ଜାତୀୟ ସ୍ତରରେ ହେଉ ବା ରାଜ୍ୟ ସ୍ତରରେ ଆମର ସମ୍ବିଧାନକୁ ଟପି ଯାଇ ପାରିନାହାନ୍ତି । ଥରେ ସତୁରୀ ଦଶକରେ ଦେଶର ପ୍ରଧାନମନ୍ତ୍ରୀ ଇମାରଜେନ୍ସି ଜାହିର କରିଥିଲେ କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ଏହା ପାଇଁ ଦେଶକୁ ସରକାରଙ୍କୁ ବହୁ ମୂଲ୍ୟ ଦେବାକୁ ପଡ଼ିଛି ଏବଂ ଇତିହାସ ଏହାକୁ କେବେହେଲେ ଭଲରେ ଗ୍ରହଣ କରିବ ନାହିଁ । ସବୁ ସରକାର ଏହାକୁ ଏବେ ମଧ ମାନି ଚଳୁଛନ୍ତି । ଏହାର ଦୁଇ ତିନୋଟି ଉଦାହରଣ ଆପଣମାନଙ୍କ ପାଖରେ ଥୋଇବି । କିଛିଦିନ ତଳେ ଆମ ରାଜ୍ୟରେ ଘଟିଥିବା ଏକ ଘଟଣାକୁ ଆପଣମାନଙ୍କ ନଜରକୁ ଆଣିବି । ବାରିପଦାରେ କେନ୍ଦ୍ରମନ୍ତ୍ରୀ ଏବଂ ମୟୂରଭଞ୍ଜର ସାଂସଦ ଶ୍ରୀ ବିଶେଶ୍ୱର ଟୁଡୁ ଦୁଇଜଣ ପଦସ୍ଥ ସରକାରୀ ଅଫିସରଙ୍କୁ ମାଡ଼ ମାରିଥିବାର ଅଭିଯୋଗ ଆସିଥିଲା । ମନ୍ତ୍ରୀ ମହୋଦୟ ନିଜକୁ ବଞ୍ଚାଇବା ପାଇଁ ଉଚ୍ଚ ନ୍ୟାୟାଳୟର ଆଶ୍ରା ନେଇଥିଲେ । ଗତ ୯ ତାରିଖ ମନ୍ତ୍ରୀ ମହୋଦୟଙ୍କ ଅନ୍ତରୀଣ ସୁରକ୍ଷା ପ୍ରଦାନ କରାଯାଇଥିଲା ଏବଂ ତଦନ୍ତକାରୀ ଅଧିକାରୀଙ୍କୁ ସମସ୍ତ ପ୍ରକାରର ସାହାଯ୍ୟ କରିବା ପାଇଁ କୁହା ଯାଇଥିଲା । ମାର୍ଚ୍ଚ ୪ ତାରିଖ ଦିନ ମନ୍ତ୍ରୀ ମହୋଦୟ ବାରିପଦାର ଟାଉନ ଥାନା ଦାୟିତ୍ୱରେ ଥିବା ଅଫିସରଙ୍କ ନିକଟରେ ହାଜର ହେବା ପାଇଁ କୁହା ଯାଇଥିଲା । ହାଇକୋର୍ଟଙ୍କ ଆଦେଶକୁ ମାନି ଗତ ୪ ତାରିଖରେ ଥାନା ଅଧିକାରୀଙ୍କ ପାଖରେ ହାଜରା ଦେଇଥିଲେ ।

ଆଉ ଏକ ଘଟଣା ହେଲା ଏବେ ଏବେ ହୋଇଥିବା ଉତ୍ତରପ୍ରଦେଶରେ ଇଲେକ୍ସନର ଘଟଣା । ସେଥିରେ ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥ ତାଙ୍କ ନାମାଙ୍କନ ପତ୍ର ଦାଖଲ କରିବା ପାଇଁ ଦେଶର ଗୃହମନ୍ତ୍ରୀ ଅମିତ ଶାହାଙ୍କ ପାଖରେ କଲେକ୍ଟର ଅଫିସକୁ ଯାଇଥିଲେ ଏବଂ ନାମାଙ୍କନ ପତ୍ର ଦାଖଲ କଲେ । କିନ୍ତୁ ବଡ଼ କଥା ହେଲା ଦେଶର ଗୃହମନ୍ତ୍ରୀ ଏବଂ ରାଜ୍ୟ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଥିବା ସତ୍ତ୍ୱେ ଜିଲ୍ଲାର କଲେକ୍ଟର ତାଙ୍କର ସିଟ୍ ଛାଡ଼ି ନଥିଲେ ବା ଛିଡ଼ା ହୋଇ ନମସ୍କାର ମଧ କରିନଥିଲେ । ଯେଉଁ ଗୃହମନ୍ତ୍ରୀ ବା ମୁଖ୍ୟମନ୍ତ୍ରୀଙ୍କ ଗୋଟାଏ ଜିଲ୍ଲାର କଲେକ୍ଟରକୁ ସିଟ୍‌ରୁ ଉଠାଇବା ପାଇଁ ଗୋଟାଏ ଫୋନ କଲ ଯଥେଷ୍ଟ ଥିଲା । ସେହି ସମୟରେ ଦୁଇପଟ ବୁଝି ଥିଲେ ଯେ ଯାହାର କର୍ତ୍ତବ୍ୟ ପାଳନ କରୁଛନ୍ତି ଏବଂ କର୍ତ୍ତବ୍ୟ ଅନୁସାରେ ସବୁ ଠିକ୍ ଠାକ୍ ଥିଲା ।

ଉପରୋକ୍ତ ଏହି ଦୁଇଟି ଏବେ ଏବେ ଘଟିଥିବା ଘଟଣା ପରିଷ୍କାର ଭାବରେ ଜଣାଉଛି ଯେ ଆମ ଦେଶରେ ଗଣତନ୍ତ୍ର ଭୀଷଣ ଭାବରେ ମଜବୁତ୍ ଏବଂ ଏହାକୁ ଦୋହଲାଇବା ଏତେ ସହଜ ନୁହଁ । ଯେତେ ପର୍ଯ୍ୟନ୍ତ ଏହିଭଳି ସମସ୍ତେ ସମସ୍ତଙ୍କ କର୍ତ୍ତବ୍ୟ ଠିକ୍ ଭାବରେ କରୁଥିବେ ଆମ ଦେଶ ଆହୁରି ମଜବୁତ୍ ହୋଇ ଛିଡ଼ା ହେବ ଏବଂ ଦେଶ ଆଗେଇବ ।




### ଯୁଦ୍ଧର ଭାଷା ଓ ଆଶା



**ତାରାପ୍ରସାଦ ଜେନା**

ଯୁଦ୍ଧ ତାଣ୍ଡବ ରଚିଲା ଖେଳ
ଫୁଟିଲା ବମ୍ ଗୁଳି
ଖୁସିର ଥିଲା ନନ୍ଦନବନ
ନିମିଷେ ଗଲା ଜଳି ।

ବିଭୀଷିକାର କରୁଣ ସ୍ୱର
ଉଚ୍ଚାଟ କରେ ମନ
କେମିତି କିଏ କାଟିବ ଭଲା
ଦୁଃଖର ଭୁଲି ଦିନ ।

ଧ୍ୱଂସ ବିଧ୍ୱସ୍ତ ସ୍ତୂପ ଭିତରୁ
କିଏସେ ଆସି ଖୋଜେ
ନିଜ ରକ୍ତର ସମ୍ପର୍କ ଥିବା
ମଣିଷ ପରା ହଜେ ।

ଛିନ୍ ଛତର ମୁହଁଟା ଶବ
ବୀଭତ୍ସ ଦିଶେ ଦାଗ
ବିକଳେ କାନ୍ଦେ କିଏସେ ଗାଳି
ଶୁଝାଇ ଟିକେ ରାଗ ।

ଶବକୁ କିଏ ପାଇଲା ଫେରି
ସାମାନ୍ୟ କାଳେ ଖୁସି
କବର ଦେଇ ଈଶ୍ୱର ଡାକି
ମୁକତି ଭାଳେ ଆସି ।

ଘର ତ ନାହିଁ ମାଟିରେ ମିଶି
ହୋଇଛି ଏକାକାର
ଖରା ଶୀତରେ ଫୁଙ୍ଗୁଳା ଦେହେ
ଜୀଇବା ଏଠି ସାର ।

ଦୟାରେ କା’ର ଖାଦ୍ୟ ମୁଠିଏ
ମିଳିବ ଅବା କେବେ
ପରିବାରର ସୁଖ ହଜିଲା
ବଞ୍ଚିବା ଯାହା ଭାବେ ।

ମଣିଷ ସିନା ଗୋଟିଏ ଜାତି
ପ୍ରପଞ୍ଚ ଉଠେ ମାତି
ଶାସକ ଭୟ ତୋଷାମଦିର
ଚାଲିଛି ମିଛ ସ୍ତୁତି ।

ପୃଥିବୀ ଏକ ରାଷ୍ଟ୍ରକୁ କେବେ
ସତରେ ହେବ ଗଣା
ଦୁଃଖୀର ଦୁଃଖ ଚୂନା ହୋଇବ
ମଣିଷ ଥିବ ଜଣା ।

ବିବେକ ବୁଦ୍ଧି ମିଳିବ ଶାନ୍ତି
ନଥିବ ଯୁଦ୍ଧ ଶବ୍ଦ
କହିବ କିଏ ଜାଣିଛ ଯଦି
ଆସୁଛି କେଉଁ ଅବ୍ଦ !


♥ ରଣପୁର(ଗୋଡ଼ିପାଟଣା ସାହି)
ଡାକ-ରାଜ ରଣପୁର, ଜିଲ୍ଲା-ନୟାଗଡ଼,
ପିନ୍-୭୫୨୦୨୬, ଓଡ଼ିଶା
(ମୋ)୯୩୪୮୦୫୪୩୦୦


### ଛିନ୍ନ ଚିତ୍ର



**ରତନ କୁମାର ଶିଉଳି**

ବର୍ଷାର ଓଢ଼ଣୀ ଦେହରେ ବେଢ଼େଇ
ଝିଅଟା ରାସ୍ତାକୁ ଓହ୍ଲାଇ ଥିଲା
କାର୍ଯ୍ୟସ୍ଥଳ ଦୂର
ପାଗ ପ୍ରତିକୂଳ
ଫେରିବାକୁ ଡେରି ହୋଇଗଲା ।

ସଂଜ ଆକାଶରେ
ସ୍ୱାଭିମାନୀ ତାରାମାନେ
ଲୁଚକାଳି ଖେଳୁଥିଲା ବେଳେ
ତଳେ ମାଟି ଉପରେ
ନଗ୍ନତା ନାଚ କରୁଥିଲା ।

ନିସ୍ତବ୍ଧ ପଡ଼ିଥାଏ;
ଭଙ୍ଗାଘର
କ୍ଲାନ୍ତ ପୁରୁଷ ଦଳ
ଖାଲି ମଦ ବୋତଲ
ଆଉ ଅମାନୁଷିକ ଛିନ୍ନ ଚିତ୍ର ।

ଭୋର ଆଲୁଅରେ ସ୍ପଷ୍ଟହୋଇ ଉଠିଲା
ରକ୍ତର ଦାଗ
ଘରେ, ଚଟାଣରେ, ରାସ୍ତାରେ ।
ସେତେବେଳକୁ ନିଥର, ନିଃସ୍ପନ୍ଦ
ନାରୀ ଦେହଟାକୁ ଘେରି
ଶୈତ୍ୟ ପ୍ରବାହ-
ଆଉ ଖବର କାଗଜ ବାଲାଙ୍କ
କ୍ୟାମେରାର
କ୍ଲିକ୍...କ୍ଲିକ୍ ଶବ୍ଦ ।
ରାସ୍ତା ଧାର ଖୁଣ୍ଟରେ ଛିନ୍ନ ଚିତ୍ର ।
ନାରୀ ସୁରକ୍ଷା-
ଆମର ପ୍ରଥମ ଶପଥ !”


♥ ସନ୍ଧ୍ୟାନିଳୟ,
ସହଦେବଖୁଣ୍ଟା, ବାଲେଶ୍ୱର


### କେବଳ ତୋ ପାଇଁ



**ଦିବାକର ନାୟକ**

ତୋ ପ୍ରେମ କରିଛି ଆନମନା ମୋତେ
କରିଛି ଏମିତି ଏତେ ପାଗଳ
ଦିନରେ କହୁଛି ଶୁଭରାତ୍ରି ତୋତେ
ରାତିରେ କହୁଛି ଶୁଭ ସକାଳ ।

ଆଇନାରେ ଓଠ ଲଗାଇ ଚୁମୁଛି
ତୋ ଗୋଲାପୀ ଓଠ ଭାବି ମୁଁ ସତେ
ବହଳ ଅନ୍ଧାର ତୋ କବରୀ ଭାବି
ଫୁଲ ଖୋସିଦିଏ ଶୂନ୍ୟରେ କେତେ

କୁଆରୀଁ ଦେହକୁ ଗାଧଉଛୁ ଭାବେ
ଦେଖି କୁଳୁକୁଳୁ ଝରଣା ଜଳ...
ତୋ ପ୍ରେମ କରିଛି ଆନମନା ମୋତେ
କରିଛି ଏମିତି ଏତେ ପାଗଳ ।

ମଲ୍ଲୀ ମହକିଲେ ମନ ମୋ ଅଧୀର
ଅତର ବୋଲି ତୁ ଆସୁଛୁ ବୋଲି
ଗୋଧୂଳି ସୂରୁଯ ଦେଖିଲେ ମୁଁ ଭାବେ
ବଧୂ ସାଜି ଜାଳୁ ସଞ୍ଜ ଦିପାଳୀ

ଯେତେ କଳପନା ସେତେ ଆନମନା
ମଧୁର ଲାଗେ ତୋ ପାଇଁ କେବଳ...
ତୋ ପ୍ରେମ କରିଛି ଆନମନା ମୋତେ
କରିଛି ଏମିତି ଏତେ ପାଗଳ ।


♥ ପାଟପୁର,
କନିସି-୭୬୧ ୦୦୮
ଗୋଳନ୍ଥା, ଗଞ୍ଜାମ
ମୋ-୯୯୩୮୬୧୯୯୮୧


### ଆସ କହିବା...!!

**ତରଙ୍ଗ ଚଣ୍ଡି**

ଫୁଲ ନୁହେଁ ସିଏ ଭାରି ବାସଇ
ଠାକୁର ପାଦରେ ନିତି ଶୋଭଇ
ଦୀପନୁହେଁ କିନ୍ତୁ ଜଳି କି ସରେ
କହିବ କି ପିଲେ ତା ନାମ ଥରେ ।

ସଡକ ଅଛି ନାହିଁ ତ ମଟର
ଲୋକ ନାହାନ୍ତି ଅଛି ଯେ ନଗର
କେତେ ନଇଁ ନାଳ କେତେ ସାଗର
ଜିଜ୍ଞାସା ତୃଷ୍ଣା କରଇ ସେ ଦୂର
ଭାବି କରି ପିଲାଏ ଦେବ ତା ଉତ୍ତର ।

ପ୍ରଥମ ଦ୍ୱିତୀୟ ସଂଖ୍ୟା ବୁଝିବ
ଦ୍ୱିତୀୟ ତୃତୀୟ ତୀର ଜାଣିବ
ତୃତୀୟ ଚତୁର୍ଥ ଚକ୍ରଯୁକ୍ତ ଯାନ
ଚାରି ଅକ୍ଷରରେ ତାହାରି ନାମ
କହିବା ଆଗରୁ କର ସ୍ମରଣ ।

ସକଳ ବୋଝକୁ କାନ୍ଧେ ବୁହନ୍ତି
ନାଲି ଆଖି ରେ ଶାସନ କରନ୍ତି
ଲୁହ ପିଇ ନିଜେ ହସ ଦିଅନ୍ତି
ଆକାଶଠୁ ବଡ ବିଶାଳ ଛାତି
କିଏ ସିଏ ପିଲେ କହ ଝଟତି ।


♥ ଲିମସେର, କଳାହାଣ୍ଡି

# ଆପେକ୍ଷିତ ମୁହୂର୍ତ୍ତ



ଲଳିତ ମୋହନ ମିଶ୍ର
ନୟାଗଡ଼
ମୋ:୯୪୩୭୯୮୫୮୬୬

କଲୋନୀ ସାରା ସଙ୍ଗେ ସଙ୍ଗେ ପ୍ରଚାର ହୋଇଗଲା, ସମ୍ବାରିଆ ମାଆ ଚାଲିଗଲା । ଏକ ମେଘାଚ୍ଛନ୍ନ ଶିତୁଆ ସକାଳରେ... କଲୋନୀର ପରିବେଶକୁ ଶାନ୍ତ ଏବଂ ଗମ୍ଭୀର କରିଦେଲା। ସାମୟିକ ପରିବେଶର କୋଳାହଳକୁ ଉପେକ୍ଷା କରି କେତେଟା କ୍ରନ୍ଦନରତ ନାରୀ କଣ୍ଠ ସ୍ୱର ଶୁଭିଲା। ବିଦ୍ୟାଳୟ ପରିସରରେ ବିକଳ ଏବଂ କରୁଣ ଭାବ ଫୁଟିଉଠିଲା । କ୍ରନ୍ଦନରତ କଲୋନୀ ମଧ୍ୟକୁ ବର୍ହି ଲୋକଙ୍କ ଆଗମନ ଲାଗିଲା । ଆମର ଷ୍ଟାପ୍ ଏପଟେ କଥାବାର୍ତ୍ତା ହେଉଛନ୍ତି, କଲୋନୀରେ ଶବ ପଡିଥିଲେ ଖିଆପିଆ ହେବ ନାହିଁ। ବେହେରା ବାବୁଙ୍କ ମିସେସ୍ କହିଲେ ବଡ ଲୋକ ସିନା ଖାଇବେ ନାହିଁ, ପିଲାଙ୍କ ପାଇଁ କ'ଣ ଅଛି ? ବର୍ହିଲୋକ ସେତେବେଳକୁ ଶଙ୍ଖୁଳିବାକୁ ଧିରେ ଧିରେ ଗହଳି ହେଲେଣି। କିଏ କହୁଥାଏ କେତେ ସୁନ୍ଦର କଥାବାର୍ତ୍ତା ବୁଢୀର । କିଏ କହୁଥାଏ - ମୁଁ ପରା କାଲି କଥାବାର୍ତ୍ତା ହୋଇଥିଲି । କିଏ କହୁଥାଏ ପରକୁ ଆପଣାର କରିବାରେ ସିଦ୍ଧହସ୍ତ ସମ୍ବାରିଆ ମାଆ । ଯିଏ ଆସୁଛନ୍ତି ବୁଢୀର ଗୁଣ କୀର୍ତ୍ତନ, ଯଶଗାନ କରିବାରେ ଲାଗିପଡ଼ିଛନ୍ତି । ସମସ୍ତଙ୍କ ମୁଖରେ ସେହି ଗୋଟିଏ କଥା କେତେ ଭଲ ଲୋକ ଥିଲା ବୁଢୀଟା ।

ଏହା ଭିତରେ କିଏ କାଠ କାଢିବାରେ ବ୍ୟସ୍ତ ତ, କିଏ କୁଲା ହାଣ୍ଡି ଯୋଗାଡ କରିବାରେ । କିଏ ପୁଣି କହୁଥାଏ ବଡ ପୁଅ ସମ୍ବାରିଆ ନ ଆସିଲା ପର୍ଯ୍ୟନ୍ତ ଟୋକେଇ ଉଠିବ ନାହିଁ । କିଏ କାଠ ଯୋଗାଡ କରି ଦୁଆରେ ଆଣି ଗଦା କଲାଣି । ଏହା ଭିତରେ ସମ୍ପର୍କୀୟ ମାନଙ୍କ ଆସିବା ଲାଗିଲାଣି । କିଏ କିଏ ଛୁଆଁଚି ହୋଇଯିବ ଭାବି ଘର ଭିତରକୁ ଯାଉ ନାହାଁନ୍ତି । ବାହାରେ ସବୁ ଯୋଗାଡ ଯନ୍ତ୍ର ଚାଲିଛି। ଏପଟେ ଘର ଭିତରେ ବୁଢୀକୁ ଅନ୍ଧାରରେ ପକାଇ ଦେଇଛନ୍ତି । ଆମର ହେଡ୍ ମାଷ୍ଟର କହିଲେ - ଚାଲୁନ ! ବୁଢୀର ଶେଷ ଦର୍ଶନ କରିବା ? ଲାଇନ୍ କଟି ଯାଇଥିବା ହେତୁ ଘରଟି ପୁରା ଅନ୍ଧାର । ମୋବାଇଲ୍ ଟର୍ଚ୍ଚ ପକାଇ ବୁଢୀ ପାଖକୁ ଗଲୁ, ଦେଖିଲୁ । ବୁଢୀ ଗୋଟିଏ ଦୀର୍ଘ ନିଶ୍ୱାସ ଛାଡିଲା । ଆମେ ସମସ୍ତେ କହିଲୁ ବୁଢୀ ତ ବଞ୍ଚିଛି । ଆମେ ଦେଖିଲୁ ବୁଢୀ ବଞ୍ଚିଛି ବୋଧହୁଏ, ତେଣୁ ମେଡିକାଲ ନେବା । ଆମ କଥାରେ କିନ୍ତୁ ବୋହୂ ବୁଢୀକୁ ମେଡିକାଲ ନେବାକୁ ନାରାଜ । ଆମେ ଏକା ଯିଦି କଲୁ ବୁଢୀକୁ ମେଡିକାଲ ନେବା, ଡାକ୍ତରଙ୍କୁ ଦେଖାଇବା । କାଳେ ବୁଢୀର ଆୟୁଷ ଥାଇପାରେ ? ସେମାନଙ୍କ କଥା ନ ଶୁଣି.. ଆମର ଷ୍ଟାଫ୍ ବୁଢୀକୁ ଧରି ମେଡିକାଲ ଚାଲିଲୁ।

ବୁଢ଼ୀର ଦୁଇ ପୁଅ, ଦୁଇ ଝିଅ। ଝିଅ ଦୁଇଟିକୁ ପାଖ ଗାଁରେ ବିବାହ ଦେଇଛି । ଜୋଇଁମାନେ ଭଲ ଚାକିରୀ କରିଛନ୍ତି । ନାତିନାତୁଣୀ ଝିଅ ଜୋଇଁ ଭଲ ମନ୍ଦରେ ବୁଢୀକୁ ଦେଖିବାକୁ ଆସନ୍ତି । ସମ୍ବାରିଆ ବାପା ଚାଲି ଯିବା ଏହା ଭିତରେ କେତେ ବର୍ଷ ବିତି ଗଲାଣି । ହାଇସ୍କୁଲରେ ମାଷ୍ଟ୍ର ଥିଲେ । ହଠାତ୍ କି ବେମାର ହେଲା କେଜାଣି.. ସ୍କୁଲରେ ବସିଛନ୍ତି ଟଳି ପଡିଲେ । ଦେଖୁ ଦେଖୁ ସବୁ ଶେଷ । ବଡ ପୁଅ ସମ୍ବାରିଆ ... .. ବାପ ଚାକିରୀ କରିଛି । ବୁଢୀକୁ ପେନସନ ମିଳୁଛି । ଟଙ୍କା ପଇସାର ସେମିତି କିଛି ଅଭାବ ନାହିଁ । ସାନପୁଅ ଗାଁ ପାଖ ପ୍ରାଇମେରୀ ସ୍କୁଲରେ ଅଛି । ବୁଢୀ ତାର ପେନସନ ଟଙ୍କାରେ ଝିଅ ଝିଆରୀ ନାତିନାତୁଣୀଙ୍କ ପାଇଁ ଖର୍ଚ୍ଚ କରେ । କିଏ ଅଛି ଯେ.. ସଂସାର ବୋଇଲେ ତ ସେମାନେ ।

ବୁଢା ଅନ୍ତେ, ଫ୍ୟାମିଲି ପେନସନ୍ ମିଳୁଥିଲା ବୁଢୀକୁ । ବୁଢୀ ଶୋଉଥିବା ଖଟ ତଳେ ଗୋଟେ ବାକ୍ସ ଥିଲା । ଯାହାକୁ ସେ ତା ବାପଘରୁ ଆଣିଥିଲା । ନିଜର କିଛି ଭଲ ଲୁଗା ଓ ପେନସନ୍ ବହି ସେଇ ବାକ୍ସରେ ଥାଏ। ଯାହାକୁ ଅନ୍ୟମାନେ ବୁଢୀର ଟ୍ରେଜେରୀ ବୋଲି ଚିଡାଉ ଥିଲେ । ବାକ୍ସ ଅନୁଯାୟୀ ତାଲାଟି ବଡ । ସେହି ତାଲାର ଚାବିକାଠିଟି ଗୋଟେ ରୂପାପେନ୍ଥାରେ ବନ୍ଧା ହୋଇ ବୁଢୀ କାନିରେ ଝୁଲୁଥାଏ । ବାକ୍ସ ଭିତରେ ଥିବା ଜିନିଷ ଅପେକ୍ଷା ତାଲାର ଦାମ ବୋଧେ ଅଧିକ। ବୁଢୀ ଟ୍ରେଜେରୀର ତାଲାକୁ ଚୋର କାଟିବାକୁ କେବେ ବି ସାହାସ କରିବନି, ସେପରି ଲାଗେ ।

ବୁଢୀ ପ୍ରତିମାସରେ ପୁଅ ସାଥିରେ ବ୍ୟାଙ୍କକୁ ଯାଏ । କିଛି ଟଙ୍କା ନିଜେ ଉଠାଇ ଆଣେ । ସେଥିରେ ନିଜର ଔଷଧ ପତ୍ର ଏବଂ ନାତି, ନାତୁଣୀଙ୍କ ପାଇଁ ଉପହାର, ଘର ପାଇଁ ମିଠା, ବାରମଜା, ଚାକରାଣୀ ପାଇଁ କ୍ଲିପ, ଚୁଡ଼ି, ଘରେ କାମ କରୁଥିବା ପତିଆ ପାଇଁ ସାର୍ଟ କି ଲୁଙ୍ଗି ଓ ବୋହୂ ମାନଙ୍କ ପାଇଁ ନାଲି ଶଙ୍ଖା ସିନ୍ଦୁର ଆଣେ । ବୁଢୀ ସେହି ପେନସନ ଟଙ୍କାରୁ ନାତି, ନାତୁଣୀଙ୍କୁ ହାତ ଖର୍ଚ୍ଚ ଦିଏ। ପାଞ୍ଜି ଦେଖି ସେଇ ମାସରେ କ'ଣ ପୁନେଇ ପରବ ପଡିବ ? ତାକୁ ଦେଖି ବ୍ୟାଙ୍କରୁ ଫେରିଲା ବେଳେ ପୁଅ ସମ୍ବାରିଆ ହାତରେ ପେନସନ ଟଙ୍କା କିଛି ଦେଇଦିଏ । ଘରକୁ ଅମୁକ ଅମୁକ ଜିନିଷ ଆଣିବାକୁ ବରାଦ କରି ଲମ୍ବା ତାଲିକାଟିଏ ବଢାଇଦିଏ । ବୁଢୀକୁ ଭଲ କରି ଦିଶୁ ନଥିଲା କି ଶୁଭୁ ନଥିଲା । ତଥାପି ସବୁ ହିସାବ କିତାବ ଦେଖେ ଓ ପଚାରେ ।

ବୁଢୀ ସାଙ୍ଗରେ ନାତିନାତୁଣୀ ମାନେ ସବୁବେଳେ ଲଗାନ୍ତି -

ଜେଜେମା, ତମ ପେନସନ ଖାତାରେ କେତେ ଟଙ୍କା ହେଲାଣି ? ଆମ ନାଁକୁ ଟ୍ରାନ୍ସଫର କରିଦିଅ।'

ବୁଢୀ କୁହେ ରୁହ ! ମୁଁ ମଲେ ସବୁ ତୁମର । ତମ ଜେଜେ ପରା ମୋ ବାଟ ଅନେଇ ବସିଛନ୍ତି ।'



ବୁଢୀର ମଧୁର ବଚନରେ ସମସ୍ତେ ବିମୋହିତ ହୁଅନ୍ତି । ଦୁଃଖି ରଙ୍କି, ଚଡେଇ ଚିରୁଙ୍ଗିଣୀଙ୍କ ପେଟ ଚିହ୍ନିଲା ବାଲା ବୁଢୀଟି ।

ଡାକ୍ତର ବୁଢୀର ନାଡି ପରୀକ୍ଷା ନିରୀକ୍ଷା କଲେ । ସାଲାଇନ୍ ଇଞ୍ଜେକସନ୍ ଓ ଔଷଧ ପତ୍ର ଦେଲେ। ସନ୍ଧ୍ୟା ବେଳକୁ ବୁଢୀ ଉଃ ଆଃ ହେଲାଣି । ଆଖି ଖୋଲି ସମସ୍ତଙ୍କୁ ଦେଖିଲାଣି, ଚିହ୍ନିଲାଣି । ଡାକ୍ତର କହିଲେ ଦିନେ ଅଧେ ବୁଢୀ ମେଡିକାଲରେ ରହୁ ! ଦେଖିବା କ'ଣ ହେଉଛି ।

ବୁଢ଼ୀ ମେଡିକାଲ୍‌ରେ ଦିନେ ରହିଲା, ସାଥିରେ ପୁଅ ବୋହୂ । ଯେ ଯାହାର ଜଂଜାଳ । ଡାକ୍ତର ପୁଅ ମାନଙ୍କୁ ଡାକି ଶୁଣାଇ ଦେଲେ - ବୁଢୀ ଆଉ ବେଶୀ ଦିନ ନୁହେଁ କିନ୍ତୁ କେବେ ତା ବି କହି ପାରିବୁ ନାହିଁ । ଆପଣ ଘରକୁ ନେଇ ଯାଆନ୍ତୁ, ଖାଇବା ପିଇବା ସେବା ଯତ୍ନ କରନ୍ତୁ। ଦେଖନ୍ତୁ ବୁଢୀର ଆଉ କେତେ ଦିନ ଆୟୁଷ ଅଛି ?

ଏଥର ସମସ୍ତେ ଠିକ୍ କଲେ ବୁଢୀକୁ ଗାଁକୁ ନେଇଯିବା । ଗାଁ ଭାଇ, ଗାଁ ମାଟି, ଗାଁ ମଶାଣୀରେ ଗଲେ ବୁଢୀ ପୂଣ୍ୟ ଅର୍ଜନ କରିବ। ଏହା କହି ଡାକ୍ତରଙ୍କଠାରୁ ପରାମର୍ଶ ନେଇ ବୁଢୀକୁ ଆଉ କଲୋନୀକୁ ନ ନେଇ ଗାଁକୁ ନେଇଗଲେ ।

ଗାଁ ଘର ଖଟଟା ଉପରେ ପଡି ବୁଢୀ ଜୁଳୁଜୁଳୁ କରି ଚାହିଁଛି ଉପରକୁ। ତା ପେଜୁଆ ଶେଥା ଆଖିରେ । ବେଳେବେଳେ ଡୋଳା ବୁଲେଇ ଦେଖୁଛି ଏପାଖ ସେପାଖ କରୁଛି । ଶିରାଳ ହାତଗୋଡ଼ ସବୁ ଅବଶ ହୋଇ ପଡିଛନ୍ତି ଶେଯରେ। ହଲଚଲ ନାହିଁ। ଛାତିଟା ଖାଲି ଯାହା ଢୁକ୍ ଢୁକ୍ ହେଉଛି।

ଘରଲୋକ ମଝିରେ ମଝିରେ ଆସି ଖାଲି ଚାହିଁ ଦେଇ ଯାଉଛନ୍ତି ବୁଢୀକୁ । ଆଉ ଆଲୋଚନା କରୁଛନ୍ତି ନିଜ ନିଜ ଭିତରେ । ବୁଢୀର ସିନା ହଲଚଲ ହୋଇ ପ୍ରତିକ୍ରିୟା ଦେବାକୁ ଜୁ ନାହିଁ କିନ୍ତୁ କାନ ତ ସବୁ ଶୁଣୁଛି ନା । ଏହି ଭିତରେ ପଡିଶା ଘର ରଙ୍ଗଣୀ ମା' ଆସିଥିଲା ବୁଢୀକୁ ଦେଖିବାକୁ । ବଡ ବୋହୂ ବସିଥିଲା ଦୁଆର ମୁହଁରେ । ବୋହୁକୁ କହିଲା .... ଆଲୋ ! ମୁଁ କ'ଣ ଶୁଣିଲି ଡାକ୍ତର ଫେରେଇ ଦେଲେ । କହିଛନ୍ତି ପୁଣି ଏଇ ଦିନେ ଦୁଇ ଦିନ ଭିତର କଥା ବୋଲି। କହିସାରି ଖଣ୍ଡେ ଦୂରରେ ଠିଆ ହୋଇ ମୁହଁରେ ଲୁଗାକାନିକୁ ଚାପି ଚାହିଁଲା ବୁଢୀକୁ।

ପୁଣି କହିଲା ..... ଆଲୋ ଆଲୋ.... ଡାକ୍ତର ଠିକ କହିଛନ୍ତି ଲୋ ଲୀନା ବୋଉ । ହେଇ ଶୁଣୁନୁ ବୁଢୀର କଫ ଘଡ଼ଘଡ଼ ହେଲାଣି ପରା। ମୁହଁ ନାକ ବଙ୍କା ବଙ୍କା ଦିଶିଲାଣି । ଆଉ କାମ ନୁହେଁ। ଆଜି ରାତିଟା କଟିଗଲେ ବଡ଼ କଥା। ଡାକପାରି ବାହୁନି କାନ୍ଦି ପକେଇଲା ବଡ ବୋହୂ । ବଡ ବୋହୂ କାନ୍ଦ ଶୁଣି ରୋଷେଇ ଘରୁ ଧାଇଁ ଆସିଲା ସାନବୋହୂ । ସାନବୋହୂକୁ କୁଣ୍ଢେଇ ଧରି ଆହୁରି ଜୋରରେ ବାହୁନି କାନ୍ଦିଲା ବଡବୋହୂ ...

ସାନବୋହୂ ବୋଧ ଦେଲା ବଡବୋହୂକୁ। କହିଲା ନାନୀ ... ମାଆ ତ ବଞ୍ଚିଛନ୍ତି , ଆଉ ଆପଣ କାନ୍ଦୁଛନ୍ତି ଯେ ...

ବଡବୋହୂ ସାଙ୍ଗେ ସାଙ୍ଗେ ଆଖିରୁ ଲୁହ ପୋଛି କହିଲା .... ଆଲୋ ବଞ୍ଚିଛନ୍ତି କ'ଣ ? ଆଜି କି କାଲି... ଏ ଭିତରେ ଚାଲିଯିବେ ପରା ! ! ଦେଖୁନୁ କେତେ ଜୋରରେ କଫ ଘଡ଼ଘଡ଼ କଲେଣି। ଡାକ୍ତର ଯାହା କହିଥିଲା । ରଙ୍ଗଣୀ ମା' ବି ସେଇଆ କହିଲା । ତୁ ଯା' ମୀନା , ଯେତିକି ଦରକାର ସେତିକି ଲୁଗାପଟା ବାହାରେ ରଖି ଆଉ ସବୁକୁ ସେ ଠାକୁର ଘର ପାଖ ବଖରାରେ ରଖି ବନ୍ଦ କରିଦେ। ସବୁ ଘଣ୍ଟାଘଣ୍ଟି ହୋଇଗଲେ ପୁଣି ଦଶତୁଠ ଦିନ ଧୋଇ ଧୋଇ ଆମ ପ୍ରାଣ ଯିବ।

ହଁ ହଁ ଯାଉଛି ନାନୀ... ବୁଢୀ ଆଖି ଆଗରେ ସବୁ ଲୁଗାପଟା, କନ୍ଥା, କମ୍ବଳ, ଚାଦରକୁ ଗଣ୍ଠିଲି ବାନ୍ଧି ଆଡ କରି ଅଲଗା ଘରେ ରଖିଦେଲା। ତା ପରେ ଆସିଲା ସାନବୋହୂ। ବୁଢ଼ୀର ଖଟ ପାଖରେ ଠିଆ ହୋଇ କହିଲା ,

'ହେଇଟି ଅପା ... ଦେଖୁଛଟି, ମାଆଙ୍କ ଖଟରେ ଭଲ ଭଲ କନ୍ଥା ତିନିଖଣ୍ଡ.. ଆଉ ବନାରସୀ ଚାଦର.. ଭଲ ଦାମିକା ବେଡ଼ସିଟ୍‌ଟି ପଡିଛି । ମାଆ ତି ଉପରେ ଶୋଇକି ଚାଲିଗଲେ ଏଗୁଡା ବି ମୁର୍ଦ୍ଦାର ସାଙ୍ଗରେ ଶ୍ମଶାନ ପଳେଇବ ଯେ ? ଏହାକୁ ବଦଳେଇ ଦେଲେ କେମିତି ହୁଅନ୍ତା ?

ତା ପରେ ଦି ବୋହୂ ମିଶି ବୁଢୀକୁ ଟେକାପକା କରି ସେ ଖଟ ଉପରୁ କନ୍ଥା ଚାଦର ଗୁଡାକ କାଢି ଆଣିଲେ ସବୁ। ଆଉ ପୁରୁଣା ଚାଦର ବେଡ଼ସିଟ ବିଛେଇ ଦେଲେ। ଲୁଗାପଟା, କନ୍ଥା, କମ୍ବଳ କାଢି ସାରି ଡାକ ପକେଇଲେ ବୋହୂ ମାନେ ଖିଆପିଆ କରିବା ପାଇଁ।

ଶୀଘ୍ର ଶୀଘ୍ର ଖିଆପିଆ ସାରିଦିଅ । କେତେବେଳେ କୋଉ କଥା। ଏବେ ଯଦି ମାଆ ଚାଲିଯିବେ ନା ... ଦିନଯାକ ଉପାସ ପଡିବା କଥା। ପୋଡ଼ାପୋଡି ସରିଲେ ସିନା ଗାଧେଇ ପାଧୋଇ ଖାଇବ । ସେ ପୁଣି ଚୁଡା କଦଳୀ । ବାପା ଗଲାବେଳେ କେତେ ଅସୁବିଧା ଭୋଗ କରିଥିଲେ ? ସେ କଥା କ'ଣ ତୁମର ଟିକେ ମନେ ନାହିଁ ?

ଖାଇବା ପିଇବା ଆରମ୍ଭ ହେଲା । ଖାଇବା ମଝିରେ ସାନପୁଅ କହିଲା ... ଆଜି ଭଲ ଆଇଁଷ ବାରଟା ଅଛି। ରାତିରେ ଟିକେ ଭଲକି ରୋଷେଇ କର । ଚିକେନ୍ ଟିକେ ହେଉ । ଏବେ ଆଉ ଦଶ ପନ୍ଦର ଦିନ ପର୍ଯ୍ୟନ୍ତ ଆଇଁଷ ଟିକେ ଆଉ ପାଟିରେ ବାଜିବ ନାହିଁ । ଆଃ ..... ବଢିଆ । ଆଜି ଟିକେ ମନ ଭରି ଖାଇବା ସବୁ। ନହେଲେ କିଏ ଜାଣେ କାଲିଠାରୁ ଏବେ ଦଶ ବାର ଦିନ ଯାଏ ବେଳିକିଆ ସେ ହବିଷାନ୍ନକୁ ଅଣଫୁଟା ସିଝା ପରିବା ଖାଇ ଖାଇ ପାଟି ସିଝିଯିବ । କଣ କହୁଚ ସବୁ ??

ବଡ଼ପୁଅ କହିଲା .... ଯିଏ ଯାହା କରୁଛ କର । ମୁଁ ଯାଉଛି ଖାଇ ସାରି ଘଣ୍ଟାଏ ଦିଘଣ୍ଟା ବିଶ୍ରାମ ନେଇଯିବି । ରାତି ଅଧରେ ମା' ଯଦି ଯିବ ନା ... ପୁରା ରାତି ଅନିଦ୍ରା ହେବାକୁ ପଡିବ। ମୋର ପୁଣି ବେଶୀ କଷ୍ଟ । ମୁଖାଗ୍ନି ଦେଇ କ୍ରିୟା ଧରିବି ନା ।

ବୁଢୀ ଖଟ ଉପରେ ଶୋଇ ସବୁ ଶୁଣୁଥିଲା। ତାକୁ ସନ୍ଦେହ ହେଲା ଟିକେ ନିଜ ସ୍ଥିତି ଉପରେ । ମୁଁ ବଞ୍ଚିଛି ତ !! ନା ମରିଗଲିଣି !!! ମୁଁ ଏବେ ଜୀବିତ ନା ଗୋଟେ ମୂର୍ଦ୍ଦାର ? ? ନା ...ତ, ମୁଁ ବଞ୍ଚିଛି । ହେଇ ତ ଆଗ ପରି ସେମିତି ଯନ୍ତ୍ରଣା ହେଉଛି ଛାତି ଭିତରେ । ଆଖିରୁ ବେଳେବେଳେ ଲୁହ ବି ଜକେଇ ଆସୁଛି।

ପୁଅ, ବୋହୂ, ନାତିନାତୁଣୀ ସମସ୍ତଙ୍କ କଥା ଶୁଣି ପାରୁଛି.. ସେ। ସବୁ ଦେଖି ପାରୁଛି ସେ । କିନ୍ତୁ ଏ ପ୍ରାଣ ଯାଉନାହିଁ କାହିଁକି ? ପ୍ରଶ୍ନ କରୁଛି ?? ଏହିପରି ମୋ ପରିବାର। ଯେଉଁ ମାନଙ୍କ ମୁଁ ଏତେ ଭଲ ପାଉଥିଲି ? ଯେଉଁମାନଙ୍କ ପାଇଁ ମୁଁ ଏତେ କଷ୍ଟ କରିଥିଲି । ମୋ ପାଇଁ ଆଜି ସେମାନଙ୍କର ସମୟ ନାହିଁ କାହାପାଖରେ। ଅପେକ୍ଷା କରିଛନ୍ତି କେତେବେଳେ ମୁଁ ଚାଲିଗଲେ, ଏମାନେ ମୋତେ ସତ୍କାର କରି ନିଜର କର୍ତ୍ତବ୍ୟ ସାରିଦେବେ ।

ସେଦିନର ରାତି ପାହିଲା । ସାନ ବୋହୂ ଆଉ ବଡ଼ବୋହୂ ଉଭୟ ଆସିଲେ ବୁଢୀ ରୁମକୁ। ବଡ଼ବୋହୂ କହିଲା - ରୁହ ! ମୁଁ ଟିକେ ଆଗ ମାଆଙ୍କୁ ଦେଖିଦିଏ । ତା ପରେ ଭାତ ପାଣି ବସେଇବି। ନହେଲେ ସବୁ ନଷ୍ଟ ହେବ ଯେ...

ବୋହୂ ବୁଢୀ ପାଖକୁ ଯାଇ ହଲେଇ ଦେଲା ଟିକେ। ଡାକିଲା ! ମାଆ..... ମାଆ ....। ବୁଢୀ ଆଖିପତା ଖୋଲିଲା ଧୀରେ ଧୀରେ ଆଉ ଠାରିଲା ତା ପାଟିରେ ପାଣି ଟୋପେ ଦେବାପାଇଁ । ବଡ଼ବୋହୂ ବୁଢୀ ପାଟିରେ ପାଣି ଦେଉ ଦେଉ ସାନ ବୋହୂକୁ କହିଲା , ' ଆଲୋ ମାଆ ବଞ୍ଚିଛନ୍ତି ଲୋ... ଯା ଯା ସଅଳ ସଅଳ ଭାତ ପାଣି ବସା। ଜଲଦି ରୋଷେଇ ସାରି ଖିଆପିଆ କରିବା।'

ଏମିତି ଖିଆପିଆ , କଥାବାର୍ତ୍ତା, ଆଲୋଚନା ଭିତରେ ଦିନ ଯାଇ ସନ୍ଧ୍ୟା ହେଲା । ପୁଅ ଦୁଇଜଣ ଅଫିସରୁ ଘରକୁ ଫେରିଲେ । ଅଫିସରୁ ଫେରୁ ଫେରୁ ଉଭୟଙ୍କ ପାଟିରେ ଗୋଟିଏ କଥା ...' ମାଆ ଭଲ ଅଛି ତ... ? ହଁ ସେ ଭଲ ଅଛନ୍ତି... ଘର ଭିତରେ ବୁଢୀ ସ୍ପଷ୍ଟ ଶୁଣିପାରୁଛି ... ! ! !'

ରାତିରେ ସେଦିନ ବୁଢ଼ୀର ଉର୍ଦ୍ଧ୍ୱଶ୍ୱାସ ଉଠିଲା । ବଡ଼ପୁଅ କହିଲା ସାନ ପୁଅକୁ .... ଦେଖିଲୁ ଦେଖିଲୁ , ମାଆ ଏଇ ଯେଉଁ ଘରଟାରେ ଶୋଇଛନ୍ତି, ଗଲାପରେ ତ ବହୁତ ଅସୁବିଧା ହେବ । ଏ ଘରୁ ମୂର୍ଦ୍ଦାର କାଢ଼ିବା ବଡ କଷ୍ଟ । ହଜାରେ ବାହାର ଲୋକ ଆସି ଘର ଭିତରେ ପଶିବେ ଶବ ଦେଖିବା ପାଇଁ । ମାଆକୁ ସେ ଦାଣ୍ଡଘରେ ଶୁଆଇ ଦେଲେ କେମିତି ହୁଅନ୍ତା ? ସେଇଠୁ ଶ୍ମଶାନ ନେବା ପାଇଁ ସୁବିଧା ହୁଅନ୍ତା । ଏଇ ଦିନେ ଦୁଇ ଦିନର କଥା ତ....

ଦୁଇ ପୁଅ ମିଶି ବୁଢୀକୁ ଟେକା ଟେକି କରି ନେଇ ଶୁଆଇଦେଲେ ଦାଣ୍ଡ ଘରେ ଗୋଟେ ଖଟିଆ ଉପରେ ବେଡ଼ସିଟ ଖଣ୍ଡେ ପକେଇ।

ରାତିର ନିର୍ଜନତା ସହ ବଢୁଥିଲା ଘର ଭିତରର ନୀରବତା। କେହି କୁଆଡେ ନାହିଁ। ଯିଏ ଯୁଆଡେ ଶୋଇ ଗଲେଣି । ମଝିରେ ମଝିରେ ରହି ରହି ଶୁଭୁଛି କଫର ଘଡ଼ଘଡ଼ ଶବ୍ଦ। ବୁଢୀ ଆଖି ମିଟିମିଟି କରି ଡୋଳା ବୁଲେଇଲା ସବୁଆଡେ। ମୁଣ୍ଡ ଉପରେ ଫ୍ୟାନଟା ଘୁରୁଛି ଘିର୍ ଘିର୍ ହୋଇ। କାନ୍ଥରେ ଟଙ୍ଗା ହୋଇଥିବା କ୍ୟାଲେଣ୍ଡରଟା ଫ୍ୟାନ ପବନରେ ଫଡଫଡ ଶବ୍ଦ କରି ପିଟି ହେଉଛି କାନ୍ଥରେ।

ବୁଢୀ ଚାହିଁଲା କ୍ୟାଲେଣ୍ଡରକୁ । ଆପେକ୍ଷିତ ମୁହୂର୍ତ୍ତର ପ୍ରତୀକ୍ଷାରେ ବୁଢୀ। ବୁଢୀକୁ ଲାଗିଲା ପ୍ରଭୁ ଯେମିତି ତା ସହ ଲୁଚକାଳି ଖେଳୁଛନ୍ତି । ଆଖି ବନ୍ଦ କଲା ବୁଢୀ । ମନ ଭିତରେ ସ୍ମରଣ କଲା ସେଇ ଭୁବନମୋହଙ୍କର ରୂପକୁ । ଭାବି ହେଉଥାଏ.. ଏ ମାଟିର ମଣିଷ ମାଟିରେ କେବେ ଲୀନ ହେବ ? ଆଉ କହିଲା ... ଆହୁରି କେତେ ସମୟ ପ୍ରଭୁ ...... ଏମିତି କଷ୍ଟ ଦେଉଥିବ।

# ଭାଇଚାରା

ଘନଶ୍ୟାମ ପଲେଇ



ସରିଯାଇଥିଲା ଇଲେକସନ୍ । ତା'ସହ ହଜି ଯାଇଥିଲା ଗାଁର ହସଖୁସି। ପୂରାପୂରି ବାଟବଣା ଭାଇଚାରା । ମନ ସଭିଁଙ୍କ ଝାଉଁଳି ଯାଇଥିଲା ଠିକ୍ ଖରା ଧାସରେ ମଉଳି ପଡିଥିବା ଚାରାଗଛଟି ପରି । ଚାକିରି କ୍ଷେତ୍ରରୁ ଛୁଟି ଆସିଥିଲା ପ୍ରଣବ ଭୋଟ ଦେବାକୁ। ଭୋଟ ତ ଥିଲା ଖାଲି ବାହାନା। ବହୁତ ଦିନ ହେଲା ଯାଇ ନଥିଲା ଗାଁକୁ। ଭୋଟକୁ ମିଳିଛି ତିନିଦିନ ସ୍ପେସାଲ୍ ଛୁଟି। ଗୋଟିଏ ଗୁଳିରେ ଦୁଇଟା ଶୀକାର, ଗାଁ ବୁଲାକୁ ଭୋଟ। ହେଲେ ପରସ୍ଥିତି ପୂରା ଓଲଟା। ଗାଁ ଆଉ ଗାଁ ହେଇ ନାହିଁ ପାଲଟିଛି ରଣକ୍ଷେତ୍ର। ସରପଞ୍ଚରେ କିଏ ପ୍ରାର୍ଥୀ ଜଣାପଡୁ ନଥିଲା । ବରଂ ସମର୍ଥନ କରୁଥିବା ଗାଁର କୁଜି ନେତାଙ୍କ ହାବଭାବରୁ ଲାଗୁଥିଲା ସେମାନେ ଗୋଟେ ଗୋଟେ ଭାବି ସରପଞ୍ଚ । ଅବଶ୍ୟ ସବୁଦଳ ଫୋନକରି କହିଥିଲେ ତାକୁ ଭୋଟ ଦେବାକୁ ନିଜ ନିଜ ସମର୍ଥିତ ଦଳ ଚିହ୍ନରେ।

ସଂନ୍ଧ୍ୟାକୁ ପାଲା ପେଣ୍ଡାଲରେ ସଭିଏଁ ଏକାଠି ବସିଥିଲେ ସତ ହେଲେ ଲାଗୁଥିଲା ସଭିଏଁ ସାତପର ଜଣେ ଜଣଙ୍କ ପାଇଁ । ପରିସ୍ଥିତି ଏକପ୍ରକାରର ଅଲଗା । ଭାଇଭାଇ ଭିତରେ ମାଳିନତା ଇଲେକସନକୁ ନେଇ । ଚିନ୍ତାରେ ପଡିଲା ପ୍ରଣବ ସତରେ କ'ଣ ତା' ଗାଁ ଆଜି ବିଗିଡି ଯିବ ତୁଚ୍ଛା ରାଜନୀତିର ପଶାପଲିରେ । କଥାଟା ଆରମ୍ଭିବାକୁ ଯାଇ ପ୍ରଣବ କହିଲା----- ଭାଇମାନେ ! ଭୋଟ ଗଣତି ହେବାକୁ ଅଛି ତ ଆହୁରି ପାଞ୍ଚ ଦିନ । ଏଣେ ଦୋଳ ପୁନେଇଁ ପହଞ୍ଚିଲାଣି । କିଛି କିଛି ଗାଁ କଥା ବି ଭାବ । ଏ ବର୍ଷ ଡ୍ରାମାଫ୍ରାମା ହେବ ନା ନାଇଁ ?

ଡ୍ରାମା କଥା ଶୁଣି ସଭିଁଙ୍କ ଚେହେରାରେ ଆସିଗଲା ଚମକ । ସଭିଏଁ ପ୍ରଣବ ଆଡିକୁ ଦେଲେ ଧ୍ୟାନ। ସମ୍ଭାଳି ପାରିଲା ନି ମଦନା । ଉତ୍ସୁକତାର ସହ ବଖାଣିଲା ତା' ନାଟୁଆ ଷ୍ଟାଇଲରେ ପୁରୁଣା ସ୍ମୃତି -----ଥରେ ରଜକୁ ଡ୍ରାମା କରୁଥିଲେ ପୌରାଣିକ ବିଷୟ ବସ୍ତୁକୁ ନେଇ । ରାମ ରାବଣ ଯୁଦ୍ଧର ଥିଲା ଦୃଶ୍ୟ । ମଇଦାନରେ ସମସ୍ତ ସରିଥିଲା ଯୁଦ୍ଧର ପ୍ରସ୍ତୁତି । ଚାଲିଲା ବାକ ଯୁଦ୍ଧ ।

ଭୟଙ୍କର ଅଟ୍ଟହାସ୍ୟ ସହ ରାବଣ ------ ରେ ! ରେ ! ଜଟିଆ ରାମ । ତୁ ମୋତେ ଚିହ୍ନି ନୁ। ଯାର ନାଁ ଶୁଣିଲେ ଭୟରେ ତ୍ରିଭୁବନ କମ୍ପେ । ତା' ସଙ୍ଗେ ପୁଣି ଯୁଦ୍ଧ । ତ୍ରିଭୁବନ ବିଜୟୀ ରାବଣ ସହ ଯୁଦ୍ଧ। ହା ---- ହା--- (ବିକଟାଳ ହସ) ।

ରାମ ----- ରେ ! ରେ ! ଦଶାନନ ରାବଣ । ତୋର ମୃତ୍ୟୁ ସୁନିଶ୍ଚିତ। ହସି ହସି ସ୍ମରିନେ ଇଷ୍ଟକୁ ଶେଷ ଥର ପାଇଁ ।

ରାବଣ --- ଧର ଅସ୍ତ୍ର କର ରଣ। ଆଉ ତୋର ନାହିଁ ନିସ୍ତାର। ଯୁଦ୍ଧ ଘୋଷଣା ପୂର୍ବକ ଚିତ୍କାର ସହ ପୁଣି କହଲା --- ଚାଲୁ ଯୁଦ୍ଧ ! ଅଣ୍ଡାରେ ଅଣ୍ଡାଳିଲା ଖଣ୍ଡା। ହେଲେ ପାଇଲାନି ଖଣ୍ଡା । ସଙ୍ଗେ ସଙ୍ଗେ ପାଟି କରି କହିଲା ---- ରହ ନଟିଆଭାଇ! ରହ ! ଖଣ୍ଡାଟା ଭୁଲିଗଲି । ଦେଢିଲା ଭିତରକୁ ।

ସଭିଏଁ ହସିହସି ଗଡିଗଲେ ଠିକ୍ ସେଦିନ ଭଳି ।

କ୍ଲବ ସେକ୍ରେଟାରୀ ମହାଶୟ ଉଠି କହିଲେ ---- ଇଲେକସନ୍ ଫିଲେକସନ୍ ଢେର ହେଲା । ମଥାରୁ ଇଲେକସନ୍ ଭୁତର ସବାରକୁ ଉହ୍ଲେଇବାର ଏକମାତ୍ର ଉପାୟ ---- ମନୋରଞ୍ଜନ। ନାଚଗୀତର ଆସର, ହରିନାମ ସଂକୀର୍ତ୍ତନ ସହ ଭୋଜି ଭାତ ଗାଁର ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣକୁ ଫେରେଇ ଆଣି ପାରିବ।

ସଭିଏଁ ଏକ ସ୍ୱରରେ କହି ଉଠିଲେ---- ନିଶ୍ଚୟ ହେବ ଏଥର ଦୋଳକୁ ଡ୍ରାମା।

ଚେପଟା ନାକିଆ ହରିଆଟା ଥଙ୍ଗେଇ ଥଙ୍ଗେଇ କହୁଥିଲା ---ରୋଲ କରିବ ସୃପଣରେଖା ।

ସଭିଏଁ ଏକା ସଙ୍ଗେ ହସି ଉଠିଲେ । ଆଉ ହସର ସୁଅ ବନ୍ଦ ହେଉ ନଥିଲା।

ବଡ ଆମୁଁଣି, ହାଣ୍ଡିଭଙ୍ଗା, ଝୁମ୍ପୁରା,
କେନ୍ଦୁଝର-୭୫୮୦୩୧
ମୋ:୯୪୩୭୭୧୮୫୦୦

# ସେଇ ଝିଅଟି

କନ୍ଦର୍ପ ବେହେରା



ଶୀତୁଆ ସଂଧ୍ୟା । ସେ ଦିନ ଏଇ ଶୀତୁଆ ସଂଧ୍ୟାରେ ସେ ଝିଅଟିକୁ ମୁଁ ଫୋନ୍ କରିବା ମାତ୍ରକେ ଚିହିଁକି ଉଠିଲା । କହିଲା - ମୋ ପାଖକୁ କଣ ପାଇଁ ଫୋନ୍ କରୁଛଁ । ଗୋଟେ ଝିଅ ପାଖରେ ଆପଣଙ୍କର କାମ କଣ ? ଝିଅଟିର ଏପରି କଥାରେ ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ଏମିତି ଅନେକ ଅସମାହିତ ପ୍ରଶ୍ନ ମୋ ମନରେ । ମୁଁ କଣ ଭୂଲ୍ କଲିକି ! ଝିଅଟିକୁ ମୁଁ ଭଲ ଭାବରେ ଜାଣେ । ସେ ଲେଖାଲେଖି କରେ । ସୁନ୍ଦର ସୁନ୍ଦର ଗପ ଓ କବିତା ଲେଖେ ସେ । ମୋ ସଂପାଦିତ ସାହିତ୍ୟ ପତ୍ରିକାରେ ଲେଖାଟିଏ ତାର ଛାପିବା ପାଇଁ ମୁଁ ଥରେ ନୁହଁ ଦି ଥର ଫୋନ୍ କରିଥିଲି । କାର୍ଯ୍ୟବ୍ୟସ୍ତତାରେ ଅଛି ସାର୍ ସଂଧ୍ୟାରେ କଥା ହେବା କହି ସେ ଦିନ ଫୋନ୍‌ଟି କାଟି ଦେଇଥିଲା ସେ ଝିଅଟି ।

କିଛିଦିନ ଅତିବାହିତ ହୋଇଯାଇଥାଏ । ପୁଣି ଥରେ ମୁଁ ଫୋନ୍ କଲି ତା ପାଖକୁ । ମୋର କଲ୍‌କୁ ଗ୍ରହଣ କଲା ସେ । ସେ ପୂର୍ବପରି ଉଗ୍ରରୂପ ଦେଖାଇ କୃର ଭାଷାରେ କଣ ଗୁଡାଏ ବକି ଗଲା ଯେ ମୁଁ କିଛି ବି ବୁଝି ପାରିଲି ନାହିଁ। ମୁଁ କିଛି କହିବାକୁ ଇଚ୍ଛା କରିଥିଲେ ମଧ୍ୟ ସେ ପାଗଳିଙ୍କ ପରି ଗପି ଚାଲିଥାଏ । ଆପଣ ଜଣେ ପୁରୁଷ ହୋଇ ଗୋଟେ ଝିଅ ପାଖରେ କଣ କାମ । ମୋର ପରିଚୟ ସେ ଆଗରୁ ଜାଣିଥିଲେ ମଧ୍ୟ ସେ ପାଗଳୀଙ୍କ ପରି ବାଜେ କଥା ଗୁଡାଏ କହି ଚାଲିଲା । ଯାହା ଭାଷାରେ ବର୍ଣ୍ଣନା କରିବା ସଂଭବ ନୁହଁ । ମୁଁ ଅବା କଣ କରନ୍ତି । ସେ ତ ନାରୀଟିଏ । ମା' ଟିଏ । ପୁଣି କାହାର ଝିଅଟିଏ । ନାରୀ ହିଁ ସବୁ କିଛି । ନାରୀକୁ ସମ୍ମାନ ଦେବା ଜଣେ ପୁରୁଷର କର୍ତ୍ତବ୍ୟ । ମୁଁ ସେଇଥିପାଇଁ ତା ପ୍ରତି ଉତ୍ତମ ବ୍ୟବହାର ଦେଉଥାଏ । ସେ ଦିନ ରବିବାର । ଛୁଟିଦିନ । ମୋର ଅଫିସ୍ କାମରୁ ସେଦନି ପୁରାପୁରି ନିସ୍ତାର । ସକାଳର ତାଜା ଖବର ସାଙ୍ଗକୁ ସାହିତ୍ୟ ପୃଷ୍ଠାଗୁଡିକ ପଢିବାକୁ କାହିଁକି ଯେ ମୋର ଅତି ପ୍ରିୟ । ସତେ ଯେମିତି ମୋର ପ୍ରିୟତମାକୁ ପାଇଯାଇଛି ।

ଖବରକାଗଜର ପୃଷ୍ଠା ପରେ ପୃଷ୍ଠା ଓଲଟାଇ ଯାଉଥାଏ ମୁଁ । ଚିହ୍ନା ଅଚିହ୍ନା କବି ଓ ଲେଖକର ଲେଖା ଓ ଫଟୋ । ତା ଭିତରେ ମୋର ଏକ ଗପ । ବଂଧୁ ଲକ୍ଷ୍ମୀନାରାୟଣ, ମହାଶ୍ୱେତା, ଗାୟତ୍ରୀ, ସଂଗ୍ରାମ, ସ୍ୱାଗତିକା ଆଦିଙ୍କର ଗପ ଓ କବିତା ସେ ଦିନର ସାହିତ୍ୟ ପୃଷ୍ଠାକୁ ଆଉ ଟିକେ ଚମତ୍କାର କରିପକାଉଥାଏ । ସମସ୍ତଙ୍କର ଲେଖା ଗୁଡିକ ମୋତେ ମନ୍ତ୍ରମୁଗ୍ଧ କରିପକାଉଥାଏ । ତାରି ଭିତରେ ଆଉ ଜଣେ ଝିଅର ଗପ - ପ୍ରେମ କରୁଥିବା ଝିଅ ପ୍ରକାଶ ପାଇଥିଲା । ଗଳ୍ପଟି ମୁଁ ଏକା ନିଶ୍ୱାସକେ ପଢି ପକାଇଲି । ଗପର ଚରିତ୍ର , ଶବ୍ଦ ସଂଯୋଜନା ସତରେ ଗପଟି ଜୀବନ୍ତ ପରି ଲାଗୁଥାଏ ମୋତେ । ଦୁଇ ଜଣ ପ୍ରେମିକ ପ୍ରେମିକାର ପ୍ରେମ ସଂପର୍କକୁ ନେଇ ଗପର ଚରିତ୍ର । ଏମିତି ପଢୁ ପଢୁ ମୋବାଇଲଟି କଲ୍ ହେଲା । ମୁଁ ଗପ ପଢିବି ନା ମୋବାଇଲ ରିସିଭ୍ କରିବି ଏମିତି ଦ୍ୱନ୍ଦରେ ପଡିଗଲି । ତଥାପି ନିଃସଂକୋଚରେ ରିସିଭ୍ କଲି । ଜଣେ ଝିଅର କଣ୍ଠ ସ୍ୱରରେ ମୁଁ ଚମକି ପଡିଲି । । କିଛି କହିବା ଆଗରୁ ସେ ଝିଅଟି ମୋତେ ବହେ ଗପିଚାଲିଲା। ମୁଁ ତାର କଥାକୁ କେବଳ ଏକାନିଶ୍ୱାସକେ ଶୁଣିପକାଉଥିଲି । ଆପଣଙ୍କ ଗପଟି ବହୁତ ବଢିଆ ହୋଇଛି ସାର୍ । ସତରେ ଏପରି ଗପ ପୂର୍ବରୁ ମୁଁ କେବେବି ପଢିନି । ଏଥିପାଇଁ ଆପଣଙ୍କୁ ଧନ୍ୟବାଦ ନ ଜଣାଇ ରହିପାରୁନି ।

ମୁଁ ଝିଅଟିକୁ ପଚାରିଲି ଆପଣଙ୍କ ନାଁ ଟା କଣ ?

ଝିଅଟି କହିଲା କାବେରୀ ।

ଘରଟି ତମର ? -

ଝିଅଟି କହିଲା - ଭୂବନେଶ୍ୱର

କଣ କରୁଚ ?

ଝିଅଟି କହିଲା ମୁଁ ପଢା ପଢି କରେ ସାର୍ । ସମୟ ପାଇଲେ ଲେଖାଲେଖି କରେ ମଧ୍ୟ । ସତରେ ଆପଣଙ୍କ ପ୍ରେମ ଗପଟି ମୋ ମନକୁ ଏକବାର ଛୁଇଁଲା । ମୁଁ ଝିଅଟିକୁ ପଚାରିଲି - ତୁମେ ମୋତେ ଦିନେ ଫୋନ୍ କରିଥିଲା ଭଳି ଲାଗୁଚି । ସତରେ ତୁମେ ମୋ ସହ କ୍ରୁର ଭାଷାରେ କଥାବାର୍ତ୍ତା କରୁଥିଲ ନା । ଝିଅଟି ମୋ କଥା ଶୁଣୀ କିଛି ବି କହିବାକୁ ସାହାସ କରିପାରିଲାନି । ପାଟିରୁ ତାର ଭାଷା ବି ବାହାରିଲାନି । ଖନେଇ ଖନେଇ କହିଲା । ମୋତେ କ୍ଷମା କରିଦିଅନ୍ତୁ । ମୁଁ ବୁଝିବାରେ ଭୁଲ୍ ହୋଇଛି ସାର୍ । ଆଉ କେବେ ବି ଏପରି ଭୁଲ୍ ମୋ ଜୀବନରେ କରିବିନି । ଆପଣ ଜଣେ ଭଦ୍ର ବ୍ୟକ୍ତି । ମୁଁ ସେଥିପାଇଁ ଅନୁତପ୍ତ ଓ ଦୁଃଖୀତ ।

ଜୀବନରେ ଏମିତି ଭୂଲ୍ କେବେ ବି କରିବି ନାହିଁ । ରହୁଛି ବାଏ ..ବାଏ । ଏହା ମଧ୍ୟରେ ଫୋନ୍‌ଟି କଟି ଯାଇଛି ।

ମୁଁ ଖାଲି ସେ ଦିନର ସେଇ ଅଭୂଲା ସ୍ମୃତିକୁ ମନେପକାଉଥାଏ । ମନେ ମନେ ସେ ଝିଅଟିର କେଇପଦ କଥାକୁ ବାରମ୍ବାର ଭାବୁଥାଏ ।

+କବି କୁଟୀର , ଡଇଁଚା , ରେଢାଖୋଲ,
ସମ୍ବଲପୁର-୭୬୮୧୦୬ , ମୋ-୭୦୭୭୫୭୯୩





# ୨୮-୨୯ ମାର୍ଚ୍ଚରେ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନମାନଙ୍କ ଧର୍ମଘଟ

ଭୁବନେଶ୍ୱର,୦୬/୦୩ (ନି.ପ୍ର): କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନମାନଙ୍କ ଆହ୍ୱାନରେ ୧୨ ଦଫା ଦାବି ନେଇ ଆସନ୍ତା ୨୮-୨୯ ମାର୍ଚ୍ଚ ରେ ସର୍ବଭାରତୀୟ ସାଧାରଣ ଧର୍ମଘଟ ଅନୁଷ୍ଠିତ ହେବ। ଏହାର ସଫଳତା ପାଇଁ ଆଜି ଏ.ଆଇ.ଟି.ୟୁ.ସି. ରାଜ୍ୟ କାର୍ଯ୍ୟାଳୟ ପ୍ରାଙ୍ଗଣରେ ସ୍କିମ୍ ୱାର୍କର କୋ-ଅର୍ଡ଼ିନେସନ୍ କମିଟି, ଓଡ଼ିଶାର ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ୧୨ ଦଫା ଦାବି ମଧ୍ୟରେ ଅଙ୍ଗନୱାଡ଼ି, ଆଶାକର୍ମୀ, ମଧ୍ୟାହ୍ନ ଭୋଜନ ପାଚିକା ସହାୟିକାଙ୍କ ସମେତ ବିଭିନ୍ନ ସ୍କିମ୍ ୱାର୍କରମାନଙ୍କୁ ୱାର୍କର ମାନ୍ୟତା ପ୍ରଦାନ ସହ ଏମାନଙ୍କ ପାଇଁ ଆଇନଗତ ସର୍ବନିମ୍ନ ମଜୁରୀ ପ୍ରଦାନ ବ୍ୟବସ୍ଥା ସହ ସାମାଜିକ ସୁରକ୍ଷା ବ୍ୟବସ୍ଥା ପ୍ରଣୟନ, ସ୍କିମ୍ ୱାର୍କରମାନଙ୍କୁ ସ୍ଥାୟୀ ସରକାରୀ ନିଯୁକ୍ତି ସହ ସମାନ କାମକୁ ସମାନ ବେତନ ବ୍ୟବସ୍ଥା, ସମସ୍ତ ଅଣସଂଗଠିତ କ୍ଷେତ୍ରର ଶ୍ରମିକମାନଙ୍କ ପାଇଁ ସାର୍ବଜନିକ ସାମାଜିକ ସୁରକ୍ଷା ବ୍ୟବସ୍ଥା, ମହାମାରୀ ସମୟରେ ସମ୍ମୁଖ ଧାଡ଼ିରେ କରୋନା ଯୋଦ୍ଧା କାର୍ଯ୍ୟ କରିଥିବା ଓ କରୁଥିବା ସମସ୍ତ କର୍ମଚାରୀଙ୍କୁ ସାମାଜିକ ସୁରକ୍ଷା ସହ ବୀମା ବ୍ୟବସ୍ଥା, ଆୟକର ତଳକୁ ଥିବା ପ୍ରତ୍ୟେକ ପରିବାରକୁ ମାସିକ ୭୫୦୦ ଟଙ୍କା ସହ ରାସନ ବ୍ୟବସ୍ଥା, କ୍ରୀତଦାସ ପ୍ରଥାର ପୁନଃ ପ୍ରଣୟନ ପାଇଁ ପ୍ରଣୀତ ୪ଟି ଶ୍ରମ କୋଡ୍ ରଦ୍ଦ କରିବା, ନେସନାଲ୍ ମନିଟାଇଜେସନ୍ ପାଇପ୍‌ଲାଇନ୍ ନାମରେ ଦେଶ ବିକ୍ରୀ ବ୍ୟବସ୍ଥାକୁ ବନ୍ଦ କରିବା, କୃଷକ ବିରୋଧୀ କୃଷି ଆଇନ ରଦ୍ଦ ପରେ ସଂଯୁକ୍ତ କୃଷକ ମୋର୍ଚ୍ଚାର ୬ ସୂତ୍ରୀ ଚୁକ୍ତିକୁ କାର୍ଯ୍ୟକାରୀ କରିବା ଇତ୍ୟାଦି ୧୨ ଦଫା ଦାବି ନେଇ ଏହି ଧର୍ମଘଟ ଅନୁଷ୍ଠିତ ହେଉଥିବା ବେଳେ ଏଥିରେ ସମଗ୍ର ଦେଶର ଜନଗଣ ସାମିଲ ହେବାପାଇଁ ବ୍ୟାପକ ପ୍ରଚାର ଓ ପ୍ରସାର କାର୍ଯ୍ୟକ୍ରମ ବ୍ଲକ୍ ସ୍ତରରୁ ରାଜ୍ୟ ସ୍ତର ପର୍ଯ୍ୟନ୍ତ ଗ୍ରହଣ କରାଯାଇଛି। ଏ.ଆଇ.ଟି.ୟୁ.ସି. ରାଜ୍ୟ ସଭାପତି ଅଶୋକ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଏଆଇଟିୟୁସିର ରାଜ୍ୟ ଉପ-ସାଧାରଣ ସମ୍ପାଦକ ବିଜୟ ଜେନା, ଜାତୀୟ ପରିଷଦ ସଦସ୍ୟ ଜୟନ୍ତ ଦାସ, ସି.ଆଇ.ଟି.ୟୁ.ର ରାଜ୍ୟ ନେତ୍ରୀ ପୁଷ୍ପା ଦାଶ ଏବଂ ହୃଦାନନ୍ଦ ଯାଦବ, ଏନ୍.ଏଫ୍.ଆଇ.ଟି.ୟୁ.ର କେନ୍ଦ୍ରୀୟ ଆବାହକ ପ୍ରଶାନ୍ତ କୁମାର ପାଢ଼ୀ, ନିଖିଳ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ସଂଘ, ପଶ୍ଚିମ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ସଂଘ, ଓଡ଼ିଶା ଅଙ୍ଗନୱାଡ଼ି ୱାର୍କରସ୍ ଆଣ୍ଡ ହେଲପରସ୍ ଆସୋସିଏସନ୍, ନିଖିଳ ଓଡ଼ିଶା ଆଶାକର୍ମୀ ସଂଘ, ଓଡ଼ିଶା ଆଶାକର୍ମୀ ଆସୋସିଏସନ୍, ପଶ୍ଚିମ ଓଡ଼ିଶା ଆଶାକର୍ମୀ ସଂଘ, ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକା ଓ ସହାୟିକା ସଂଘ, ନିଖିଳ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକା ଓ ସହାୟିକା ସଂଘ ପ୍ରମୁଖ ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା କରିଥିଲେ।

# ସାଙ୍ଗ ପରିଚୟ ଦେଇ ହକି ଖେଳାଳିଙ୍କ ବାପାଙ୍କଠାରୁ ସୁନା, ଟଙ୍କା ଲୁଟ୍

ଭୁବନେଶ୍ୱର ,୦୬/୦୩ (ନି.ପ୍ର): ରେଳବାଇରେ କାର୍ଯ୍ୟରତ ଜଣେ ହକି ଖେଳାଳିଙ୍କ ପରିବାର ଲୋକଙ୍କ ଠାରୁ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟ୍ ହୋଇଛି। ଲୁଟ୍‌ର ଶିକାର ହୋଇଥିବା ହକି ଖେଳାଳି ଜୋସେଫ୍ ଟପ୍ପୋଙ୍କ ପତ୍ନୀ ସୀମାରାଣୀ ଏକ୍କା ଏ ନେଇ ମଞ୍ଚେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। କିନ୍ତୁ ଲୁଟେରାର ଟେର୍ ପାଇପାରି ନାହିଁ ପୁଲିସ। ଅଭିନବ ଉପାୟରେ ହୋଇଥିବା ଲୁଟ୍ ଘଟଣା ପୁଲିସକୁ ମଧ୍ୟ ଅଡୁଆରେ ପକାଇଛି। ମିଳିଥିବା ସୂଚନା ଅନୁସାରେ, ଜୋସେଫ୍ ରେଳବାଇରେ ଚାକିରି କରନ୍ତି। ହକି ଖେଳିବା ପାଇଁ ସେ ଏବେ ପଞ୍ଜାବ ଯାଇଛନ୍ତି। ଗତ ୩ ତାରିଖରେ ଜଣେ ଯୁବକ ମଞ୍ଚେଶ୍ୱରସ୍ଥିତ ତାଙ୍କ ରେଳବାଇ କ୍ୱାର୍ଟର୍ସରେ ପହଞ୍ଚି ଘର କବାଟ ବାଡ଼େଇଥିଲେ। ପତ୍ନୀ ସୀମାରାଣୀ ବାହାରକୁ ଆସିବା ପରେ ଯୋସେଫ୍ ଅଛନ୍ତି କି ବୋଲି ଲୁଟେରା ପଚାରିଥିଲା। ସେ ହକି ଖେଳିବାକୁ ପଞ୍ଜାବ ଯାଇଥିବା କହିଥିଲେ ପତ୍ନୀ। ଲୁଟେରା ଜଣଙ୍କ କହିଥିଲା ଯୋସେଫଙ୍କର ୪ ଜଣ ସାଙ୍ଗଙ୍କ ସହ ଗଣ୍ଡଗୋଳ ହୋଇଛି। ଏ ନେଇ ପୁଲିସରେ ଅଭିଯୋଗ ମଧ୍ୟ ହୋଇଛି। ସେମାନଙ୍କର ସାମଗ୍ରୀ ଚୋରି ମଧ୍ୟ ହୋଇଯାଇଛି। ପୁଲିସ ଏ ନେଇ ଖୁବଶୀଘ୍ର ଘର ଛାନଭିନ୍ କରିବାକୁ ଆସିବ। ତେଣୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ସୁନା ଅଳଙ୍କାର, ଟଙ୍କା ଲୁଚାଇ ରଖିବା ପାଇଁ ଲୁଟେରା ସୀମାରାଣୀଙ୍କୁ କହିଥିଲା। ଏପରିକି ତା'ର କଟକରେ କାମ ଥିବା ବେଳେ ସେ ସବୁକୁ ବାତିଲ କରି ସେ ଏହି ଖବର ଦେବା ପାଇଁ ଆସିଥିବା କହି ବିଶ୍ୱାସ ଜନ୍ମାଇଥିଲା। ସୀମାରାଣୀ ୧ ଲକ୍ଷ ୨୦ ହଜାର ଟଙ୍କାର ଅଳଙ୍କାର, ୧୫ ହଜାର ଟଙ୍କା, କାଗଜପତ୍ର ଏକ ବ୍ୟାଗରେ ପୂରାଇ ଜଣେ ପଡ଼ୋଶୀଙ୍କ କ୍ୱାର୍ଟର୍ସକୁ ରଖିବା ପାଇଁ ଯାଉଥିଲେ। ପଡ଼ୋଶୀଙ୍କ କ୍ୱାର୍ଟର୍ସ ମଧ୍ୟ ସର୍ଚ୍ଚ ହେବ ବୋଲି କହି ଯୋସେଫଙ୍କ ବାପାଙ୍କୁ ବୁଲେଟରେ ବସାଇ ଏକ କ୍ୟାମ୍ପସକୁ ନେଇ ଯାଇଥିଲା। ନିଜେ ବ୍ୟାଗ ଧରିବା ସହ ପାଚେରି କଡ଼ରେ ବାପାଙ୍କୁ ଲୁଚିବାକୁ ପରାମର୍ଶ ଦେଇଥିଲା। କିଛି ସମୟ ପରେ ପୁଲିସ ପଳାଇ ଥିବା କହି ତାଙ୍କୁ ବ୍ୟାଗ ଧରାଇ ଲୁଟେରା ବୁଲେଟରେ ପଳାଇଥିଲା। ଘରକୁ ଆସି ବ୍ୟାଗ ଖୋଲିବା ପରେ ସେଥିରେ ସୁନା ଅଳଙ୍କାର, ଟଙ୍କା ନ ଥିବା ସେ ଦେଖିବାକୁ ପାଇଥିଲେ। ଏ ନେଇ ପୁଲିସ ଠକେଇ ଦଫାରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ମହଙ୍ଗା ହେଲା ମେଡିକାଲ ପାଠପଢ଼ା : ଛାତ୍ରଛାତ୍ରୀଙ୍କୁ ଏଣିକି ଅଧିକ ଫି' ଦେବାକୁ ପଡ଼ିବ

ଭୁବନେଶ୍ୱର ,୦୬/୦୩ (ନି.ପ୍ର): ମହଙ୍ଗା ହେଲା ମେଡିକାଲ ପାଠପଢ଼ା। ଓଡ଼ିଶାରେ ଥିବା ସରକାରୀ ମେଡିକାଲ କଲେଜରେ ପଢ଼ିବାକୁ ଚାହୁଁଥିବା ଛାତ୍ରଛାତ୍ରୀଙ୍କୁ ଏଣିକି ଅଧିକ ଫି' ଦେବାକୁ ପଡ଼ିବ। ସୁପର ସ୍ପେସିଆଲିଟି ପାଠ୍ୟକ୍ରମ ଲାଗି ୪୯ ପ୍ରତିଶତ ଫି' ବୃଦ୍ଧି କରାଯାଇଛି। ଏମ୍‌ବିବିଏସ୍ ଓ ବିଡିଏସ୍ ପାଠ୍ୟକ୍ରମ ଲାଗି ମଧ୍ୟ ୨୭.୮୦% ଫି' ବଢ଼ାଇବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଗୋଟିଏ ପଟେ କରୋନା ମାଡ଼ରେ ଲୋକଙ୍କ ଆର୍ଥିକ ସ୍ଥିତି ଭୁଶୁଡ଼ି ପଡ଼ିଥିବା ବେଳେ ଅନ୍ୟପଟେ ଫି' ବୃଦ୍ଧି ଅଭିଭାବକଙ୍କ ପାଇଁ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ଓଡ଼ିଶାରେ ମେଡିକାଲ ପାଠପଢ଼ା ଫି' ଅଧିକ ରହୁଥିବାରୁ ବହୁ ଯୋଗ୍ୟ ଛାତ୍ରଛାତ୍ରୀ ବାହାର ଦେଶକୁ ଯାଇ ଶିକ୍ଷା ଗ୍ରହଣ କରୁଛନ୍ତି। ପ୍ରତିବର୍ଷ ହଜାର ହଜାର ଛାତ୍ରଛାତ୍ରୀ ଚୀନ୍, ୟୁକ୍ରେନ୍, ଫିଲିପାଇନ୍ସ, ଜର୍ମାନୀ, ରୁଷ୍ ଭଳି ଦେଶକୁ ଯାଉଛନ୍ତି। ଆଉ ସେଠାରୁ ଶିକ୍ଷା ଗ୍ରହଣ କରିବା ପରେ ଡାକ୍ତର ହେବାର ସ୍ୱପ୍ନ ଦେଖୁଛନ୍ତି। ବହୁ କମ୍ ପିଲାଙ୍କୁ ସଫଳତା ମିଳୁଥିବା ବେଳେ ଅଧିକାଂଶଙ୍କୁ ବିଫଳତାର ସ୍ୱାଦ ଚାଖିବାକୁ ପଡୁଛି। ଓଡ଼ିଶାରେ ମହଙ୍ଗା ଶିକ୍ଷା ପାଇଁ ଏବେ ୟୁକ୍ରେନ୍‌ରେ ଶହ ଶହ ଓଡ଼ିଆ ଛାତ୍ରଛାତ୍ରୀ ଜୀବନ ବଞ୍ଚାଇବାକୁ ସଂଘର୍ଷ କରୁଛନ୍ତି। ମେଡିକାଲ ଶିକ୍ଷାର ଏଭଳି ଏକ ଘଡ଼ିସନ୍ଧି ମୂହୁର୍ତ୍ତରେ ରାଜ୍ୟ ସରକାର ଫି' ବୃଦ୍ଧି କରିବା ଅଭିଭାବକଙ୍କ ଚିନ୍ତା ବଢ଼ାଇଛି। ସେପଟେ ସରକାରୀ କଲେଜର ଫି' ବୃଦ୍ଧିକୁ ଦେଖି ଘରୋଇ ମେଡିକାଲ କଲେଜ ଏବେ ଫି' ବଢ଼ାଇବାକୁ ଅଣ୍ଟା ଭିଡ଼ିଲେଣି।

ସୁପର ସ୍ପେସିଆଲିଟି ପାଠ୍ୟକ୍ରମର ନାମଲେଖା ସମେତ ଅନ୍ୟ ସମସ୍ତ ଫି'କୁ ବଢ଼ାଇ ଦିଆଯାଇଛି। ମେଡିକାଲ କଲେଜର ଉଭୟ ସରକାରୀ ଓ ବେସରକାରୀ ଫି' ବୃଦ୍ଧି ଘଟିଛି। ସୁପର ସ୍ପେସିଆଲିଟି ଛାତ୍ରଛାତ୍ରୀଙ୍କ ୱାନ୍ ଟାଇମ୍ ନାମଲେଖା ଫି' ଦୁଇଗୁଣ ବଢ଼ିଛି। ଅର୍ଥାତ୍ ପୂର୍ବରୁ ୨୫୦୦ ଟଙ୍କା ଥିବା ବେଳେ ଏବେ ୫ ହଜାର ଟଙ୍କାକୁ ବୃଦ୍ଧି ପାଇଛି। ବାର୍ଷିକ ଟ୍ୟୁସନ ଫି' ୩୦ ହଜାରରୁ ୪୦ ହଜାରକୁ ବଢ଼ିଥିବା ବେଳେ ଲାଇବ୍ରେରି ଫି' ୬୦୦ରୁ ୩ ହଜାର, ଜର୍ଣ୍ଣାଲ ଫି' ୧ ହଜାରରୁ ୩୫୦୦କୁ ବଢ଼ାଇ ଦିଆଯାଇଛି। ସରକାରୀ ଫି' ବାବଦରେ ଛାତ୍ରଛାତ୍ରୀଙ୍କୁ ପୂର୍ବରୁ ୩୪ ହଜାର ୧୦୦ ଟଙ୍କା ଦେବାକୁ ପଡୁଥିଲେ। ଏଣିକି ୫୧ ହଜାର ୫୦୦ ଟଙ୍କା ଦେବାକୁ ହେବ। ବେସରକାରୀ ଫି' କଥା ଯଦି ଦେଖିବା ୱାନ୍ ଟାଇମ୍ ସିକ୍ୟୁରିଟି ଡିପୋଜିଟ୍(ଫେରସ୍ତ ପାଇବେ) ୧୦ରୁ ୧୨ ହଜାର ଟଙ୍କାକୁ ବଢ଼ିଛି। ଛାତ୍ର ସଂସଦ ଫି' ୬୦୦ରୁ ୨ ହଜାର, ଏକାଡେମିକ ସୋସାଇଟି ଫି' ୩୦୦ରୁ ୧୦୦୦, ଡ୍ରାମାଟିକ୍ ସୋସାଇଟି ଫି' ୩୦୦ରୁ ୧୦୦୦, ଓଡ଼ିଶା ରେଡ୍‌କ୍ରସ ସୋସାଇଟି ଫି' ୧୦୦ରୁ ୨୦୦ ଟଙ୍କା ହୋଇଛି। ପରିଚୟପତ୍ର ବାବାଦରେ ଫି' ବୃଦ୍ଧି ହୋଇନି। ବେସରକାରୀ ଫି' ୧୧ ହଜାର ୪୦୦ରୁ ୧୬ ହଜାର ୩୦୦କୁ ବୃଦ୍ଧି ପାଇଛି। ମୋଟ ଉପରେ ଦେଖିବାକୁ ଗଲେ ସୁପର ସ୍ପେସିଆଲିଟି ପାଠ୍ୟକ୍ରମ ଛାତ୍ରଛାତ୍ରୀଙ୍କ ଫି' ୬୭ ହଜାର ୮୦୦ ଟଙ୍କା ହୋଇଛି।

# ଦୁର୍ଘଟଣାରେ ସାମ୍ବାଦିକ ମୃତ



ଭୁବନେଶ୍ୱର ,୦୬/୦୩ (ନି.ପ୍ର): ଖଣ୍ଡଗିରି-ଆମ୍ରି ହସ୍ପିଟାଲ୍ ରାସ୍ତାରେ ଶନିବାର ରାତିରେ ସଡ଼କ ଦୁର୍ଘଟଣାରେ ଜଣେ ସାମ୍ବାଦିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ାସ୍ଥିତ ଅନ୍ଧୁଳି ଗାଁର ଜିତେନ୍ଦ୍ର ପ୍ରସାଦ ଦାସ(୪୨)। ସେ ଦୈନିକ 'ପ୍ରମେୟ' ଖବରକାଗଜରେ ବରିଷ୍ଠ ସହସଂପାଦକ ଭାବେ କାର୍ଯ୍ୟ କରୁଥିଲେ। ଖବର ଅନୁଯାୟୀ, ଜିତେନ୍ଦ୍ର ରବିବାର ରାତିରେ ଖଣ୍ଡଗିରି ପାହାଡ଼ ନିକଟରେ ଥିବା ଓଏସ୍‌ଆରଟିସି ବସ୍ ଡିପୋ ସମ୍ମୁଖରେ ଚାଲିକି ଯାଉଥିବା ବେଳେ ଜଣେ ଡାକ୍ତର ବାଇକ୍‌ରେ ଦ୍ରୁତଗତିରେ ଆସି ତାଙ୍କୁ ପଛପଟୁ ଧକ୍କା ଦେଇଥିଲେ। ଫଳରେ ଜିତେନ୍ଦ୍ର ଛିଟିକି ଯାଇ ପାଖ ଡିଭାଇଡରରେ ପିଟି ହୋଇଥିଲେ। ତାଙ୍କ ମୁଣ୍ଡ ଡିଭାଇଡରରେ ପିଟି ହେବା ଯୋଗୁଁ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ସ୍ଥାନୀୟ ଲୋକେ ଜିତେନ୍ଦ୍ରଙ୍କୁ ଉଦ୍ଧାର କରି ଆମ୍ରି ହସ୍ପିଟାଲରେ ଭର୍ତ୍ତି କରିଥିଲେ ହେଁ ତାଙ୍କର ମୃତ୍ୟୁ ଘଟିଥିଲା। ଭରତପୁର ଥାନା ପୁଲିସ ଡାକ୍ତରଖାନା ଓ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲା। ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ପୁଲିସ ଜବତ କରି ଏକ ମାମଲା ରୁଜୁ କରିଛି। ଜିତେନ୍ଦ୍ରଙ୍କ ମୃତ୍ୟୁରେ ସମଗ୍ର ଗଣମାଧ୍ୟମ ଜଗତରେ ଶୋକର ଛାୟା ଖେଳିଯାଇଛି।

# ରାଜଧାନୀରେ ଲୁଟେରା ଗ୍ୟାଙ୍ଗ୍ ସକ୍ରିୟ : ସାହାଯ୍ୟ ଆଳରେ ଏଟିଏମ୍ ବଦଳାଇ କରୁଛନ୍ତି ଲୁଟ୍



ଭୁବନେଶ୍ୱର ,୦୬/୦୩ (ନି.ପ୍ର): ସାହାଯ୍ୟ ଆଳରେ ଲୋକଙ୍କ ଏଟିଏମ୍ କାର୍ଡ ଅଦଳବଦଳ କରି ଟଙ୍କା ଲୁଟୁଥିବା ଏକ ଗ୍ୟାଙ୍ଗ୍ ବେଶ୍ କିଛି ଦିନ ହେବ ରାଜଧାନୀରେ ସକ୍ରିୟ ହୋଇଉଠିଛି। ଗତ ଫେବ୍ରୁଆରି ମାସରେ ଏହି ଗ୍ୟାଙ୍ଗ୍ ରାଜଧାନୀରେ ନୂଆପଲ୍ଲୀ, କ୍ୟାପିଟାଲ ଓ ଏୟାରପୋର୍ଟ ଥାନା ଅଞ୍ଚଳରୁ ଦେଢ଼ଲକ୍ଷରୁ ଅଧିକ ଟଙ୍କା ଲୁଟି ସାରିଲାଣି। କିନ୍ତୁ ପୁଲିସ୍ ଏ ପର୍ଯ୍ୟନ୍ତ ଏହି ଗ୍ୟାଙ୍ଗ୍‌ର ପର୍ଦ୍ଦାଫାସ୍ କରିବାରେ ସଫଳ ହୋଇପାରିନାହିଁ। ଫେବ୍ରୁଆରି ୫ ତାରିଖରେ ଏୟାରପୋର୍ଟ ଥାନାର ପୋଖରୀପୁଟ ଓ କ୍ୟାପିଟାଲ ଥାନା ଅଞ୍ଚଳରେ ଦୁଇଜଣ ଲୋକ ଏହି ଗ୍ୟାଙ୍ଗ୍ କବଳରେ ପଡ଼ି ଲକ୍ଷାଧିକ ଟଙ୍କା ହରାଇଥିବା ବେଳେ ମାର୍ଚ୍ଚ ପହିଲାରେ ନୂଆପଲ୍ଲୀ ସ୍ୱପ୍ନେଶ୍ୱର ମନ୍ଦିର ନିକଟରେ ଥିବା ଏଟିଏମ୍ କାଉଣ୍ଟରରେ ଆଉ ଜଣେ ଲୋକ ଠକେଇର ଶିକାର ହୋଇଛନ୍ତି। ଏନେଇ ୩ ଥାନାରେ ଅଭିଯୋଗ ହେବା ପରେ ପୁଲିସ୍ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସଂପୃକ୍ତ ଏଟିଏମ୍‌ଗୁଡ଼ିକରେ ଲାଗିଥିବା ସିସି କ୍ୟାମେରା ଯାଞ୍ଚ କରି ଦୁର୍ବୃତ୍ତଙ୍କୁ ବି ଠାବ କରିଛି। କିନ୍ତୁ ଏହା ପରଠାରୁ ତଦନ୍ତ ଆଉ ଆଗକୁ ବଢ଼ିପାରିନାହିଁ। ପିଓପିଡି ଟିମ୍ ଓ ସ୍ପେସାଲ୍ ସ୍କ୍ୱାଡ୍‌କୁ ବି ଏହି ଫଟୋ ଜାରି କରି ଚୁପ୍ ବସି ପଡ଼ିଛି। ଫଳରେ ଅଭିଯୁକ୍ତମାନେ ଏବେ ବି ଖୁଲମ୍‌ଖୁଲା ବୁଲି ଲୋକଙ୍କୁ ଟାର୍ଗେଟ୍ କରିବା ପାଇଁ ଜାଲ ବିଛାଉଛନ୍ତି।

ଏହି ଗ୍ୟାଙ୍ଗ୍ ବିଶେଷକରି ବରିଷ୍ଠ ନାଗରିକ ଓ ଏଟିଏମ୍‌ରୁ ଟଙ୍କା ଉଠାଣ ବାବଦରେ କମ୍ ଜ୍ଞାନ ଥିବା ଲୋକଙ୍କୁ ଟାର୍ଗେଟ୍ କରୁଛନ୍ତି। ଏଟିଏମ୍ ଖରାପ ଅଛି ନଚେତ୍ ସ୍ଲଟ୍‌ରେ ଓଲଟା କାର୍ଡ ପୂରାଇଛ କହି ଲୋକଙ୍କୁ ଦ୍ୱନ୍ଦ୍ୱରେ ପକାଉଛନ୍ତି। ସାହାଯ୍ୟ କରିବାକୁ କହି ସେମାନଙ୍କ ଏଟିଏମ୍ କାର୍ଡକୁ ନିଜ ପାଖରେ ଥିବା ଏଟିଏମ୍ କାର୍ଡ ସହ ବଦଳାଉଛନ୍ତି। ପରେ ବିଭିନ୍ନ ଫନ୍ଦି କରି ସେମାନଙ୍କ ପାସୱାର୍ଡ ଆଣି ଟଙ୍କା ଉଠାଉଛନ୍ତି। ଏକାଥରକେ ୧୦ ହଜାର ବା ତା'ଠାରୁ ଅଧିକ ଟଙ୍କା ଉଠାଇବାକୁ ହେଲେ ମୋବାଇଲ୍ ଫୋନ୍‌ର ଓଟିପି ଆବଶ୍ୟକ ହେଉଥିବାରୁ ଲୁଟେରାମାନେ ଥରକରେ ୯୫୦୦ ଟଙ୍କା ଲେଖାଁଏ ହିସାବରେ ବାରମ୍ବାର କାଉଣ୍ଟରରୁ ଟଙ୍କା ଉଠାଇଥା'ନ୍ତି। ଏହିଭଳି ୩ଟି ମାମଲାରେ ପ୍ରାୟ ଦେଢ଼ଲକ୍ଷ ଟଙ୍କା ସେମାନେ ଲୁଟି ନେଇଛନ୍ତି।

# ରାଜ୍ୟରେ ୧୦୮ ଆମ୍ବୁଲାନ୍‌ସକୁ ୯ବର୍ଷ ପୂରିଲା : ମାଗଣା ସେବା ପାଇଲେଣି ୭୫ଲକ୍ଷରୁ ଅଧିକ ଲୋକ



ଭୁବନେଶ୍ୱର ,୦୬/୦୩ (ନି.ପ୍ର): ରାଜ୍ୟରେ ୧୦୮ ଆମ୍ବୁଲାନ୍‌ସ ନିଜର ୯ବର୍ଷ ପୂରଣ କରିଛି। ୨୦୧୩ ମସିହାରେ ମାଗଣା ଆମ୍ବୁଲାନ୍‌ସ ସେବା ଆରମ୍ଭ ହେବା ପରଠାରୁ ଏ ପର୍ଯ୍ୟନ୍ତ ୭୫ଲକ୍ଷରୁ ଅଧିକ ଲୋକଙ୍କୁ ସେବା ମିଳିପାରିଛି। ରାଜ୍ୟର ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଲୋକମାନଙ୍କୁ ଜରୁରୀ ସମୟରେ ହସ୍ପିଟାଲରେ ପହଞ୍ଚାଇବାରେ ୧୦୮ ଆମ୍ବୁଲାନ୍‌ସର ପ୍ରମୁଖ ଭୂମିକା ରହିଛି।

ରାଜ୍ୟର ୩୦ ଜିଲ୍ଲାରେ ୧୧୨୪ଟି ୧୦୮ ଆମ୍ବୁଲାନ୍‌ସ କାର୍ଯ୍ୟ କରୁଛି। ଏହାସହ ଜଳବନ୍ଦୀ ଓ ବିଭିନ୍ନ ଅଞ୍ଚଳର ଲୋକଙ୍କ ସେବା ପାଇଁ ୬ଟି ୧୦୮ ବୋଟ୍ ଆମ୍ବୁଲାନ୍‌ସ ସାମିଲ ହୋଇଛି। ୧୦୮ ଆମ୍ବୁଲାନ୍‌ସକୁ ରାଜଧାନୀର ଷ୍ଟେଟ୍ ଅଫ୍ ଦି ଆର୍ଟ ସୁବିଧା କେନ୍ଦ୍ରରୁ ପରିଚାଳନା କରାଯାଉଛି। ଇଣ୍ଟିଗ୍ରେଟେଡ୍ ସେଣ୍ଟରର ଅଧିକାରୀମାନେ ରୋଗୀଙ୍କ ଠିକ୍ ଲୋକେସନ୍‌କୁ ଚିହ୍ନଟ କରିବା ସହିତ ସେମାନଙ୍କ ନିକଟରେ ଉପଲବ୍ଧ ଆମ୍ବୁଲାନସ ପାଇବାରେ ସହଯୋଗ କରିଥାନ୍ତି। ରାଜ୍ୟରେ ୧୦୮ ଆମ୍ବୁଲାନ୍‌ସ ସେବା ପରିଚାଳନା କରୁଥିବା ସଂସ୍ଥା ଜିକିତ୍ସା ହେଲ୍‌ଥକେୟାର ରାଜ୍ୟ ମୁଖ୍ୟ ସବ୍ୟସାଚୀ ବିଶ୍ୱାଳ କହିଛନ୍ତି, ଗତ ୨ବର୍ଷ ଆମ୍ବୁଲାନ୍‌ସ ସେବା ବେଶ୍ ଆହ୍ୱାନପୂର୍ଣ୍ଣ ଥିଲା। କୋଭିଡ ସତ୍ତ୍ୱେ ଆମ୍ବୁଲାନ୍‌ସର କ୍ରୁ ସଦସ୍ୟମାନେ ରୋଗୀଙ୍କୁ ହସ୍ପିଟାଲ ପହଞ୍ଚାଇବାରେ ଅସାଧାରଣ ନିଷ୍ଠା ଦେଇଥିବା ସେ କହିଛନ୍ତି।

ଅପରପକ୍ଷରେ ୧୦୮ ଆମ୍ବୁଲାନ୍‌ସ ଅନେକ ସମୟରେ ବିବାଦରେ ରହି ଆସିଛି। ଅନେକ ଆମ୍ବୁଲାନ୍‌ସ କ୍ରୁ ସଦସ୍ୟ ମଧ୍ୟ ଜରୁରୀ ସମୟରେ ଲୋକଙ୍କୁ ରକ୍ତ ଦେଇ ଜୀବନ ବଞ୍ଚାଇ ପାରିଛନ୍ତି। ସେହିପରି ଲୋକମାନେ ମଧ୍ୟ ଟୋଲ୍ ଫ୍ରି ନମ୍ବରକୁ ଫୋନ୍ କରି ଅଯଥାରେ ଲାଇନ୍ ବ୍ୟସ୍ତ ରଖୁଥିବା ଥାନାରେ ଅଭିଯୋଗ ହୋଇଛି।

# ଜାତୀୟ ରାଜପଥ ଉନ୍ନତୀକରଣରେ ଓଡ଼ିଶା ମଡେଲକୁ ପ୍ରଶଂସା



ଭୁବନେଶ୍ୱର ,୦୬/୦୩ (ନି.ପ୍ର): ଓଡ଼ିଶାରେ ବିଭିନ୍ନ ଜାତୀୟ ରାଜପଥ ପ୍ରକଳ୍ପ ପାଇଁ ରାଜ୍ୟ ସରକାର ଯେଉଁଭଳି ସହଯୋଗ କରୁଛନ୍ତି ତାହା ପ୍ରଶଂସନୀୟ ବୋଲି କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରଣାଳୟର ସଚିବ ଗିରିଧର ଅରାମାନେ କହିଛନ୍ତି। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଓଡ଼ିଶାରେ ହେଉଥିବା ବିଭିନ୍ନ ଜାତୀୟ ରାଜପଥ ପ୍ରକଳ୍ପର ଯୁଗ୍ମ ସମୀକ୍ଷା ହୋଇଥିବାବେଳେ ଏଥିରେ ସଡ଼କ ପରିବହନ ମନ୍ତ୍ରଣାଳୟ ସଚିବ କହିଥିଲେ ଯେ, ଓଡ଼ିଶାରେ ଜାତୀୟ ରାଜପଥ ଉନ୍ନତୀକରଣ ନେଇ ମୁଖ୍ୟ ସଚିବ, ଅତିରିକ୍ତ ମୁଖ୍ୟ ସଚିବଙ୍କ ଠାରୁ ଆରମ୍ଭ କରି ଡିଏଫ୍‌ଓ, ନିର୍ବାହୀ ଯନ୍ତ୍ରୀଙ୍କ ପର୍ଯ୍ୟନ୍ତ ସହଯୋଗ ପ୍ରଶଂସନୀୟ। ରାସ୍ତାର ଆଲାଇନ୍‌ମେଣ୍ଟ ପ୍ରସ୍ତୁତ କରିବା ଠାରୁ ଆରମ୍ଭ କରି ଜମି ଅଧିଗ୍ରହଣ, କ୍ଷେତ୍ରସ୍ତରୀୟ ସମସ୍ୟାର ସମାଧାନ ପର୍ଯ୍ୟନ୍ତ ସବୁ ସ୍ତରରେ ପୂର୍ଣ୍ଣ ସହଯୋଗ ମିଳୁଛି। ତେଣୁ ଏନ୍‌ଏଚ୍‌ଏଆଇର କର୍ମଚାରୀମାନେ ଜିଲ୍ଲାପାଳ, ଡିଏଫ୍‌ଓମାନଙ୍କ ସହ ନିୟମିତ ଯୋଗାଯୋଗରେ ରହିବା ସହ ପ୍ରକଳ୍ପ ଅଗ୍ରଗତିରେ ଦେଖାଯାଉଥିବା ସମସ୍ୟାର ସମାଧାନ କରିବାକୁ ଶ୍ରୀ ଅରାମାନେ କହିଥିଲେ। ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିବା ସହ ସବୁ ପାଇଁ ସମୟ ସୀମା ଧାର୍ଯ୍ୟ କରିଛନ୍ତି। ଏହା ସହ ପାରାଦୀପରୁ ଭଦ୍ରସାହି-ବଡ଼ବିଲ ପର୍ଯ୍ୟନ୍ତ ଏକ ଅର୍ଥନୈତିକ କରିଡରର ଉନ୍ନତୀକରଣ କରିବାକୁ ମୁଖ୍ୟ ସଚିବ କହିଛନ୍ତି। ଏଥିପାଇଁ ୧୦୦ମିଟରର ରୋଡ୍ ଅଫ୍ ୱେ ପାଇଁ ଜମି ଅଧିଗ୍ରହଣ କରିବାକୁ କୁହାଯାଇଛି। ଏହି ବୈଠକରେ ଏନ୍‌ଏଚ୍‌ଏଆଇର ଅତିରିକ୍ତ ମହାନିର୍ଦ୍ଦେଶକ ଧର୍ମାନନ୍ଦ ଷଡଙ୍ଗୀ ଓଡ଼ିଶାର ବିଭିନ୍ନ ଜାତୀୟ ରାଜପଥ ପ୍ରକଳ୍ପ ଉପରେ ସୂଚନା ଦେଇ କହିଥିଲେ ଓଡ଼ିଶାର ୩୦ଟି ଜିଲ୍ଲାରେ ୩୮ଟି ଜାତୀୟ ରାଜପଥର ୫୭୫୩ କିମି ରାସ୍ତା ଅଛି। ଏନ୍‌ଏଚ୍‌ଏଆଇ ୧୯ଟି ଏନ୍‌ଏଚ୍‌ର ୨୯୨୦କିମି ରାସ୍ତାର ରକ୍ଷଣାବେକ୍ଷଣ କରୁଥିବାବେଳେ ପୂର୍ତ୍ତ ବିଭାଗ ୧୯ଟି ଏନ୍‌ଏଚ୍‌ର ୨୮୩୩କିମି ରାସ୍ତାର ରକ୍ଷଣାବେକ୍ଷଣ କରୁଛି। ସେହିପରି ୨୪୩କିମି ରାସ୍ତାକୁ ୬ଥାକିଆ କରାଯାଇଥିବାବେଳେ ୧୪୮୬କିମି ରାସ୍ତାକୁ ଚାରିଥାକିଆ, ୧୯୩୪କିମି ରାସ୍ତାକୁ ପେଭର ବ୍ଲକ୍ ସହ ଦୁଇ ଥାକିଆ, ୧୨୫୭କିମି ରାସ୍ତାକୁ ଦୁଇ ଥାକିଆ, ୮୩୪କିମି ରାସ୍ତାକୁ ଏକ ଥାକିଆ ରାସ୍ତା କରାଯାଇଛି। ଏହାସହ ଏନ୍‌ଏଚ୍‌ଏଆଇ ପକ୍ଷରୁ ୨୦ଟି ପ୍ରକଳ୍ପରେ ୯୦୧କିମି ରାସ୍ତାର ଉନ୍ନତୀକରଣ ପାଇଁ ୧୫୦୧୫କୋଟି ଟଙ୍କା ଖର୍ଚ୍ଚ କରାଯାଉଥିବାବେଳେ ପୂର୍ତ୍ତ ବିଭାଗ ଦ୍ୱାରା ୩୧ଟି ପ୍ରକଳ୍ପରେ ୧୧୪୬କିମି ରାସ୍ତା ପାଇଁ ୩୦୮୮କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ପୂର୍ତ୍ତ ସଚିବ କ୍ରିଷନ କୁମାର କହିଥିଲେ, ପାଣିକୋଇଲି-ରିମୁଳି ସେକ୍ସନର ଏନ୍‌ଏଚ୍-୨୦ ରାସ୍ତା କାମ ଦ୍ରୁତଗତିରେ ହେଉଛି। ବେଲବାହାଲି ବ୍ରିଜ୍‌ର ଗୋଟିଏ ପାର୍ଶ୍ୱ ଜାନୁଆରି ପ୍ରଥମ ସପ୍ତାହରେ ସର୍ବସାଧାରଣଙ୍କ ପାଇଁ ଖୋଲା ଯାଇଥିବାବେଳେ ଏହି ପ୍ରକଳ୍ପ ଆସନ୍ତା ଜୁନ୍ ସୁଦ୍ଧା ସରିବ। ଏହାସହ ବିଭିନ୍ନ ପ୍ରକଳ୍ପ ଉପରେ ପୂର୍ତ୍ତ ସଚିବ ଆଲୋଚନା କରିଥିଲେ। ଏହି ବୈଠକରେ ବିଭିନ୍ନ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ, ଜଙ୍ଗଲ ଜମି ହସ୍ତାନ୍ତର, ଅନୁକମ୍ପା ରାଶି ପ୍ରଦାନ, ପଶୁପକ୍ଷୀ ଯାତାୟତ ରାସ୍ତା, ହାତୀ କରିଡର, ଭିୟୁପି, ଯାତ୍ରୀବାହୀ ବସଗୁଡ଼ିକର ଟୋଲ୍ ଫି' ଜନିତ ବିବାଦ ଉପରେ ଆଲୋଚନା ସହ ସମାଧାନ କରାଯାଇଛି। ଏନ୍‌ଏଚ୍‌ଏଆଇ ସଦସ୍ୟ ମହାବୀର ସିଂହ, ରାଜସ୍ୱ ବିଭାଗ ଅତିରିକ୍ତ ସଚିବ ସତ୍ୟବ୍ରତ ସାହୁ, ପରିବହନ କମିସନର ଅରୁଣ ବୋଥ୍ରା, ଏନ୍‌ଏଚ୍‌ଏଆଇର ସିଜିଏମ୍ ରାମ ପ୍ରସାଦ ପଣ୍ଡା ଏବଂ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୧୨୯ କରୋନା ପଜିଟିଭ ଚିହ୍ନଟ : ୩୯ ଜଣ ୧୮ ବର୍ଷରୁ କମ୍ ବର୍ଗର



ଭୁବନେଶ୍ୱର,୦୬/୦୩ (ନି.ପ୍ର): ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୧୨୯ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୭୫ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ସ୍ଥାନୀୟ ସଂକ୍ରମଣରୁ ୫୪ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରୁ ୩୯ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି। ଆଜି ସୁନ୍ଦରଗଡ଼ ଜିଲ୍ଲାରୁ ସର୍ବାଧିକ ୨୫ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ଗତକାଲି ୧୪୫ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ।

ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲ୍ଲାରୁ ୧୦ ଜଣ, ଭଦ୍ରକ ଜିଲ୍ଲାରୁ ୨ ଜଣ, ବଲାଙ୍ଗୀରରୁ ୧ ଜଣ, କଟକରୁ ୨ ଜଣ, ଦେବଗଡ଼ରୁ ୧ ଜଣ, ଗଜପତିରୁ ୨୦, ଗଞ୍ଜାମରୁ ୧ ଜଣ, ଜଗତସିଂହପୁରରୁ ୧ ଜଣ, ଯାଜପୁରରୁ ୧ ଜଣ, ଝାରସୁଗୁଡ଼ାରୁ ୯ ଜଣ, କେନ୍ଦ୍ରାପଡ଼ାରୁ ୮ ଜଣ, ଖୋର୍ଦ୍ଧାରୁ ୧୪ ଜଣ, କୋରାପୁଟରୁ ୨ ଜଣ, ମାଲକାନଗିରିରୁ ୧ ଜଣ, ମୟୂରଭଞ୍ଜରୁ ୮ ଜଣ, ପୁରୀରୁ ୨ ଜଣ, ସମ୍ବଲପୁରରୁ ୧୮ ଜଣ, ସୁନ୍ଦରଗଡ଼ରୁ ୨୫ ଜଣ ଓ ଷ୍ଟେଟ ପୁଲରୁ ୩ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି।

ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୧୨, ୮୫, ୮୮୫ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ୧୨, ୭୫, ୨୨୮ ଜଣ ସୁସ୍ଥ ହୋଇଛନ୍ତି। ଏବେ ବି ୧, ୫୦୭ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି।

# ଜିଲ୍ଲା କଂଗ୍ରେସ ପକ୍ଷରୁ ପୌର ଅଧକ୍ଷ ପ୍ରାର୍ଥୀ ତାଲିକା ଘୋଷଣା

## ଯୋଗେଶ ଅଗ୍ରୱାଲା ହେଲେ ବାରିପଦା ପୌରାଧକ୍ଷ ପ୍ରାର୍ଥୀ



ବାରିପଦା, ୦୬/୦୩ (ନି.ପ୍ର): ଆଜି ବାରିପଦା ସ୍ୱସ୍ତିକ ହୋଟେଲ ଠାରେ କଂଗ୍ରେସର ବାରିପଦା ଟାଉନ ସଭାପତି ଶାନ୍ତନୁ ପାଲଙ୍କ ସଭାପତିତ୍ୱରେ ଟାଉନ କଂଗ୍ରେସ ପକ୍ଷରୁ ଆୟୋଜିତ ଏକ ବୈଠକରେ ଜିଲ୍ଲାର ପୌର ଅଧକ୍ଷ ପଦ ପାଇଁ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି । ଅନୁଷ୍ଠିତ ଏହି ବୈଠକରେ ବାରିପଦା ପୋ ?ରାଞ୍ଚଳର ଚେୟାରମେନ ପ୍ରାର୍ଥୀ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ନେତୃମଣ୍ଡଳୀଙ୍କ ଅନୁମୋଦନ କ୍ରମେ ଜିଲ୍ଲା ସଭାପତି ହେମନ୍ତ ଦାସ ବାରିପଦା ପୌର ପରିଷଦ ର ପୌରାଧକ୍ଷ ପ୍ରାର୍ଥୀ ଭାବରେ ଯୋଗେଶ ଅଗ୍ରୱାଲ (କାଲୁ ବାବୁ) ଙ୍କ ର ନାମ ଘୋଷଣା କରିଥିଲେ । ଏହା ସହିତ ରାଇରଙ୍ଗପୁର ପୌର ପରିଷଦ ପାଇଁ ଯୁବ ନେତା ଭଜହରି ମହାନ୍ତ ଓ କରଞ୍ଜିଆ ବିଜ୍ଞାପିତ ଅଂଚଳ ପରିଷଦ ପାଇଁ ସେଫାଳିକା ସାହୁଙ୍କ ନାମ ଘୋଷଣା କରିଥିଲେ। ରାଜ୍ୟ ସରକାରଙ୍କର ବିଫଳ ଶାସନ, ବେକାରୀ ସମସ୍ୟାର ଉତ୍କଟ ବୃଦ୍ଧି, ଦରଦାମ ନିୟନ୍ତ୍ରଣରେ ବିଫଳତା, ବାରିପଦା ସହରକୁ ବନ୍ୟା ଦାଉରୁ ରକ୍ଷା ପାଇଁ ଅଡ଼ିବନ୍ଧ ନିର୍ମାଣ ପାଇଁ ପଦକ୍ଷେପ ନନେବା, ରାସ୍ତା ଘାଟ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ, ଉଠା ଦୋକାନୀଙ୍କ ସମସ୍ୟାର ସ୍ଥାୟୀ ସମାଧାନ, ସଫେଇ କର୍ମଚାରୀଙ୍କ ସ୍ଥାୟିତ୍ୱ ଓ ଅନ୍ୟାନ୍ୟ ସମସ୍ୟାର ବିଷୟକୁ ନେଇ କଂଗ୍ରେସ ନିର୍ବାଚନକୁ ଓହ୍ଲାଇବ ବୋଲି ଜିଲ୍ଲା ସଭାପତି ଶ୍ରୀ ଦାସ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଥିଲେ । ଏହି ବୈଠକରେ ପିସିସି ଉପସଭାପତି ଶ୍ରୀମତୀ ସରସ୍ୱତୀ ହେମ୍ବ୍ରମ, ରାଜ୍ୟ ସମ୍ପାଦକ ପ୍ରଭାସ କର ମହାପାତ୍ର, ଛାତ୍ର କଂଗ୍ରେସ ସଭାପତି ମୋତି ପ୍ରକାଶ ଦାଶ, ଯୁବ କଂଗ୍ରେସ ସଭାପତି ଅଂଶୁମାନ ଦାସ, ମହିଳା ସଭାନେତ୍ରୀ ସୁସ୍ମିତା ଘୋଶାଲ, ପୂର୍ବତନ ଯୁବ କଂଗ୍ରେସ ମୁଖପାତ୍ର ଅଜୟ ମହାପାତ୍ର, ଅଶୋକ ଅଧିକାରୀ, ଉପସଭାପତି ଅରବିନ୍ଦ ଦାସ, ପଂଚାୟତରାଜ ସଂଯୋଜକ ନିରୋଜ ଲୋଚନ ଦାଶ, ସାଧାରଣ ସମ୍ପାଦକ ସୁଦୀପ ମନ୍ତ୍ରୀ, ଇତିଶ୍ରୀ ମିଶ୍ର, ଜିଲ୍ଲା ସମ୍ପାଦକ ବିଜୟ ସିଂ, ରଶ୍ମିତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ଭଣ୍ଡାରିପୋଖରୀ ସାହିତ୍ୟ ସଂସଦର କବିତା ପାଠୋତ୍ସବ

ଭଦ୍ରକ, ୦୬/୦୩ (ନି.ପ୍ର): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ସାହିତ୍ୟ ସଂସଦର କବିତା ପାଠୋତ୍ସବ ରବିବାର ଶରଦା ବିଦ୍ୟାମନ୍ଦିର ପରିସରରେ କବି ନଟବର ରାଉଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭଣ୍ଡାରିପୋଖରୀ ମହାବିଦ୍ୟାଳୟ ଅଧକ୍ଷ ତଥା ସଂସଦର ଉପସଭାପତି ଭରତ ଚନ୍ଦ୍ର କରଣ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିମ୍ବାଧର ମହାପାତ୍ର, ପ୍ରକାଶ ମହାପାତ୍ର, ଗଣେଷ ପ୍ରସାଦ କରଶର୍ମା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାହିତ୍ୟର ବାସ୍ତବତା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରକୃତି ବନ୍ଦନା, ପ୍ରେମରସାତ୍ମକ, ଭକ୍ତି ଆଧାରିତ, ସମାଜ ସଂସ୍କାର ଧର୍ମୀ, ଶିଶୁ କବିତା, ଚିନ୍ତାମୂଳକ, ଦେଶପ୍ରେମ, ବ୍ୟଙ୍ଗାତ୍ମକ ବର୍ଗରେ ୩୧ଟି ସ୍ୱରଚିତ କବିତା ଆବୃତ୍ତି କରାଯାଇଥିଲା। ଭରତ ଚନ୍ଦ୍ର ବେହେରା, ଶଶାଙ୍କ ଶେଖର ପଣ୍ଡା, ଜଗନ୍ନାଥ ସାମଲ, ପ୍ରାଣକୃଷ୍ଣ ସାହୁ, ହରପ୍ରିୟା ସାମଲ, ରମାକାନ୍ତ ବେହେରା, ଗୋଲକ ଚନ୍ଦ୍ର ମହାନ୍ତି, ରାଜେଶ ବିଶ୍ୱାଳ, ରତ୍ନମଞ୍ଜରୀ ପଣ୍ଡା, ଦାମୋଦର ନାୟକ, ପ୍ରଭାକର ସାହୁ, ମୁରଲିଧର ଦାସ, ସୁନିତା ବେହେରା, ଜଗନ୍ନାଥ ପଣ୍ଡା, ଲକ୍ଷ୍ମୀଧର ନାୟକ, ସୁବାସିନୀ ନାୟକ, ସୁଜାତା ପାଢୀ, ବିଜୟ କୁମାର ସ୍ୱାଇଁ, ବିନୋଦ ବାରିକ, ବ୍ରଜ ମହାନ୍ତି, ଚିନ୍ମୟୀ ବଳ ପ୍ରମୁଖ କବିତା ଆବୃତ୍ତି କରଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଅଧିକାରୀ ପୁରୁଷୋତ୍ତମ ଧଳ ସମୀକ୍ଷା କରିଥିବା ବେଳେ କବି ଯୋଗ୍ୟଶ୍ରୀ ସାମଲ ଓ କବି ଗୁରୁଚରଣ ସାହୁ ସଂଯୋଜନା କରିଥିଲେ।

## କୋଭିଡ ଗାଇଡଲାଇନ ଉଲ୍ଲଂଘନ : ୧୬ ଗିରଫ

ଭୁବନେଶ୍ୱର, ୦୬/୦୩ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ୧୬ ଜଣଙ୍କୁ ଗିରଫ କରିଥିବା ବେଳେ ୮୫୬ ବାହନକୁ ଜବତ କରିଛି । ଏହି ସମୟ ମଧ୍ୟରେ ୧, ୮୦, ୨୫୦ ଟଙ୍କା ଜୋରିମାନା ଆଦାୟ କରାଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

# ବୟସ୍କ ମହିଳାଙ୍କୁ ଅପହରଣ ଓ ବଳାତ୍କାର ମାମଲାରେ ଅଭିଯୁକ୍ତ ଗିରଫ

ବସ୍ତା,୦୬/୦୩ (ନି.ପ୍ର): ରୂପସା ଥାନା ଅଞ୍ଚଳର ଜଣେ ବୟସ୍କ ଆଦିବାସୀ ମହିଳାଙ୍କୁ ଅପହରଣ କରି ବଳାତ୍କାର କରାଯାଇଥିବା ଅଭିଯୋଗରେ ପୋଲିସ ଅଭିଯୁକ୍ତଙ୍କୁ ଶନିବାର ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ଏହି ଥାନା ଅଧିନ ବୃଦ୍ଧ ରଣଜିତ ସିଂ (୬୦) । ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା ନଂ ୨୧/୨୨ ରୁଜୁ ହୋଇ ରବିବାର ଗିରଫ ଅଭିଯୁକ୍ତକୁ କୋର୍ଟଚାଲାଣ କରାଯାଇଛି । ଅଭିଯୋଗ ମୁତାବକ ଗତ ଫେବୃଆରୀ ୧୩ ତାରିଖ ରାତିରେ ଅଭିଯୁକ୍ତ ରଣଜିତ ନିଜର ସହଯୋଗୀଙ୍କୁ ନେଇ ଉକ୍ତ ମହିଳାଙ୍କୁ ଘରୁ ଅପହରଣ କରି ସ୍ଥାନୀୟ ଶ୍ମଶାନକୁ ନେଇଥିଲେ । ସେଠାରେ ଶାରୀରିକ ସମ୍ପର୍କ ପାଇଁ ମହିଳାଙ୍କୁ ବାଧ କରିଥିଲେ । ସେ ପ୍ରତିବାଦ କରିବାରୁ ଅଭିଯୁକ୍ତ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ କରି ବଳାତ୍କାର କରି ସେଠାରୁ ଚମ୍ପଟ ମାରିଥିଲେ । ତହିଁ ପରଦିନ ସକାଳେ ମହିଳା ଜଣକ ମୁମୂର୍ଷୁ ଅବସ୍ଥାରେ ସେଠାରେ ପଡ଼ିଥିବା ଦେଖି ଗାଁ ଲୋକେ ତାଙ୍କ ଘରକୁ ଖବର ଦେଇଥିଲେ । ପୀଡିତାଙ୍କୁ ସଙ୍ଗେ ସଙ୍ଗେ ୧୦୮ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ବସ୍ତା ଓ ପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟ ରେ ଭର୍ତ୍ତି କରାଯାଇଥିଲା । ସେ ସୁସ୍ଥ ହୋଇ ଘଟଣା ସମ୍ପର୍କରେ ସବୁ କହିବା ପରେ ତାଙ୍କ ଝିଅ ଥାନାର ଦ୍ୱାରସ୍ଥ ହୋଇଥିଲେ । ଥାନାଧିକାରୀ ସୁଚନ୍ଦ୍ର ମହାଲିକ ଓ ତଦନ୍ତ ଅଧିକାରୀ ସବ୍ୟସାଚୀ ମହାନ୍ତି ଅଭିଯୁକ୍ତଙ୍କ ଘରେ ଚଢ଼ାଉ କରିଥିଲେ ।

# ଜଳେଶ୍ୱର ମ୍ୟୁନିସିପାଲଟିର କଂଗ୍ରେସ ପ୍ରାର୍ଥୀ ତାଲିକା ଘୋଷିତ : ଦୁର୍ନୀତିମୁକ୍ତ ହେବ ମୁଖ୍ୟ ପ୍ରସଙ୍ଗ

ଜଳେଶ୍ୱର, ୬/୩ (ନି.ପ୍ର) : ଦୀର୍ଘ ୪ବର୍ଷ ଅପେକ୍ଷା ପରେ ଓଡିଶାର ସହରାଞ୍ଚଳରେ ନିର୍ବାଚନ ହେବାକୁ ଯାଉଛି । ଏଥିଲାଗି ବିଭିନ୍ନ ରାଜନୈତିକ ଦଳ ଓ ଭୋଟରଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହେଉଛି । ରାଜନୈତିକ ଦଳ ଗୁଡିକ ସେମାନଙ୍କ ପ୍ରାର୍ଥୀ ତାଲିକା ଘୋଷଣା କରିବାରେ ବ୍ୟସ୍ତ ଥିବା ବେଳେ ଭୋଟର ମାନଙ୍କ ମନକୁ କିଣିବା ଲାଗି ବିଭିନ୍ନ କୌଶଳ ଆରମ୍ଭ କରିଛନ୍ତି । ଏ ସମ୍ପର୍କରେ ଜଳେଶ୍ୱର କଂଗ୍ରେସ ପକ୍ଷରୁ ଆଜି ସ୍ଥାନୀୟ ଶୋଭା କଲ୍ୟାଣ ମଣ୍ଡପ ନିକଟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ୧୭ଟି ୱାର୍ଡ ମଧ୍ୟରୁ ୧୬ଟି ଏବଂ ଚେୟାରମ୍ୟାନ ପ୍ରାର୍ଥୀଙ୍କ ନାମ ଟାଉନ୍ କଂଗ୍ରେସ ସଭାପତି ଗିରିଜା ଶଂକର ଦାସ ଘୋଷଣା କରିଛନ୍ତି । ଚେୟାରମ୍ୟାନ ପ୍ରାର୍ଥୀ ରିଆଜ ଖାଁ ହେବାକୁ ଥିବା ବେଳେ ୧ନଂ ୱାର୍ଡରୁ ମନଫରଜା ବେଗମ୍, ୨ନଂ ୱାର୍ଡରୁ ସୌଭିକ୍ ଜେନା, ୩ନଂ ୱାର୍ଡରୁ ଅସ୍ମିନା ବିବି, ୪ନଂ ୱାର୍ଡରୁ ମଲ୍ଲିକା ଖାତୁନ, ୫ନଂ ୱାର୍ଡରୁ ମମତା ଚନ୍ଦ, ୭ନଂ ୱାର୍ଡରୁ ମହମ୍ମଦ ୱାଇଦ୍ ଖାଁ, ୮ନଂ ୱାର୍ଡରୁ ଲକ୍ଷ୍ମିଧର ସାମଲ, ୯ନଂ ୱାର୍ଡରୁ ଅମୂଲ୍ୟ ସେନାପତି, ୧୦ନଂ ୱାର୍ଡରୁ ଅଂଜନ ଜେନା, ୧୧ନଂ ୱାର୍ଡରୁ ପ୍ରତିମା ଦାସ ମହାପାତ୍ର, ୧୨ନଂ ୱାର୍ଡରୁ ଭାଗବତ ପରିଡା, ୧୩ନଂ ୱାର୍ଡରୁ କବିତା ଭଂଜ, ୧୪ନଂ ୱାର୍ଡରୁ ରୁପାବାଣି ଗିରି, ୧୫ନଂ ୱାର୍ଡରୁ ସୀତା ହେମ୍ବ୍ରମ, ୧୬ନଂ ୱାର୍ଡରୁ ଝାଡେଶ୍ୱର ମାରାଣ୍ଡି, ୧୭ନଂ ୱାର୍ଡରୁ ରଶ୍ମି ନନ୍ଦୀ ପ୍ରମୁଖ ପ୍ରଦ୍ୱନ୍ଦିତା କରିବେ ବୋଲି ଘୋଷଣା କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ରାଜ୍ୟ ମୁଖପାତ୍ର ସୁଦର୍ଶନ ଦାସ, ଜିଲା ସାଧାରଣ ସଂପାଦକ ହେମନ୍ତ ଗିରି ପ୍ରମୁଖ ଉପସ୍ଥିତ ରହି ଦୀର୍ଘ ୪ବର୍ଷ ପୌରାଞ୍ଚଳରେ ଅଫିସର ରାଜ ଚାଲିଥିବା ବେଳେ ବହୁ ଦୁର୍ନିତୀ ହୋଇଥିବା ଅଭିଯୋଗ କରିଛନ୍ତି ।

# ସହାୟକ ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିର



ବାଲେଶ୍ୱର,୦୬/୦୩ (ନି.ପ୍ର): ସ୍ୱେଚ୍ଛାସେବୀ ସଂଗଠନ 'ସହାୟକ' ଓ 'ବାଲେଶ୍ୱର ଯୁବବିକାଶ ସଂସ୍ଥା'ର ମିଳିତ ସହଯୋଗରେ ଏକ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ ରାଜ୍ୟ କର୍ମଚାରୀ ସଂଘର ସଭାପତି ଧୀରେନ୍ଦ୍ର ନାରାୟଣ ଦାସ ଉଦଘାଟନ ସହ ଉଭୟ ସଂଗଠନର ଉଦ୍ୟମକୁ ପ୍ରଶଂସା କରିଥିଲେ। ଚକ୍ଷୁରୋଗ ବିଶେଷଜ୍ଞ ଡା. ଶ୍ରୁତି ଶତପଥୀ ଓ ଡା. ମନୋଜ ବାରିକ ଯୋଗଦେଇ ଚକ୍ଷୁ ପରୀକ୍ଷା କରିଥିଲେ। ଯୁବବିକାଶର ନିର୍ଦ୍ଦେଶକ ଗୋବିନ୍ଦ ଚନ୍ଦ୍ର ଦଳେଇ ଏଭଳି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ସାଧାରଣ ସମ୍ପାଦକ ବିଜୟ କୁମାର ଦାସଅଧିକାରୀ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ। ଦୃଷ୍ଟିହୀନ ବିଦ୍ୟାଳୟ, ପବ୍ଲିକ ହାଇସ୍କୁଲ୍, ଜିଲ୍ଲା ସ୍କୁଲର ଅନେକ ଛାତ୍ରଛାତ୍ରୀଙ୍କ ସମେତ 'ସହାୟକ' ଓ 'ଅବସରପ୍ରାପ୍ତ କର୍ମଚାରୀ ସଂଘ'ର ବହୁ ସଦସ୍ୟ ଏହି ଶିବିରରେ ନିଜର ଚକ୍ଷୁ ପରୀକ୍ଷା କରାଇ ଚିକିତ୍ସା ପରାମର୍ଶ ନେଇଥିଲେ। ଡା. ତାରାକାନ୍ତ ନନ୍ଦ, ଡ. କ୍ଷିତିଶ୍ୱର ଦାଶ, ଇଂ. ସୁରେନ୍ଦ୍ରନାଥ ନାୟକ, ଶଚୀନ୍ଦ୍ର ଦାସ, ଗଙ୍ଗାଧର ପୃଷ୍ଟି, ଦାମୋଦର ନାୟକ, ବସନ୍ତ କୁମାର ନାୟକ, ଇଂ. ବନମାଳୀ ନାୟକ, ଗୋବିନ୍ଦ ମାଝୀ, ସେଖ ଆଲ୍ଲାଉଦ୍ଦିନ୍, ଅକ୍ଷୟ କର, ଭବେଶ ଚନ୍ଦ୍ର ପଣ୍ଡା, ଦିବାକର ମହାପାତ୍ର, ଅକ୍ଷୟ କୁମାର ତ୍ରିପାଠୀ, ଡ. ଇଂ. ହୃଷିକେଶ ସାହୁ, ଡ. ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, ଗୌରାଙ୍ଗ ପାଣିଗ୍ରାହୀ, ସାବିତ୍ରୀ ଦାସ ଓ ଲାୟନ୍ସ କ୍ଲବ୍ ତରଫରୁ ପ୍ରିୟଦର୍ଶିନୀ ସାମନ୍ତ ପ୍ରମୁଖ ସହଯୋଗ ପ୍ରଦାନ କରିଥିଲେ।

# ମାର୍ଚ୍ଚ ୧୧ରୁ ୧୩ ଅନୁଷ୍ଠିତ ହେବ ବଳାଙ୍ଗୀ ଜାଗରଣ ଯାତ୍ରା

ବାରିପଦା, ୦୬/୦୩ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ଅବଲୁପ୍ତ ପ୍ରାୟ ଭାଷା-ସାହିତ୍ୟ, କଳା-ସଂସ୍କୃତି, ପର୍ଯ୍ୟଟନ ଏବଂ ଐତିହ୍ୟର ସୁରକ୍ଷା ତଥା ବିକାଶ ପାଇଁ ଭଂଜମାଟିର ଗାରିମାମୟ ଐତିହ୍ୟ ବିଷୟରେ ଉତରପିଢିଙ୍କୁ ସଚେତନ କରି ଜିଲ୍ଲାର ୪ଟି ଯାକ ସବଡିଭିଜନର ଅଧିବାସୀଙ୍କ ମଧ୍ୟରେ ଭାଇଚାରାର ପଂପରାକୁ ସୁଦୃଢ କରିବା ନିମନ୍ତେ ବିଗତ ୫ ବର୍ଷ ଧରି ବଳାଙ୍ଗୀ ମହୋତ୍ସବ ପରିଚାଳନା କମିଟିର ଯୁବଶାଖା ବଳାଙ୍ଗୀ ସେନା ଦ୍ୱାରା ବଳାଙ୍ଗୀ ଜାଗରଣ ଯାତ୍ରା (ବାଇକ ଶୋଭାଯାତ୍ରା) ଏବଂ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଏକ ଜ୍ୟୋତିରଥ ଜିଲ୍ଲା ପରିକ୍ରମା କରିଥାଏ । ଚଳିତ ବର୍ଷ ଏହି ଜାଗରଣ ଯାତ୍ରା ଚଳିତ ମାର୍ଚ୍ଚ ମାସ ୧୧ରୁ ୧୩ ତାରିଖ ୩ଦିନ ଧରି ଜିଲ୍ଲା ପରିକ୍ରମା କରିବ । ୧୧ ତାରିଖ ଦିନ ସକାଳ ୮.୩୦ ମିନିଟ ସମୟରେ ଏହି ଜାଗରଣ ଯାତ୍ରା ବାରିପଦାର ଜଗନ୍ନାଥ ମନ୍ଦିର ନିକଟରୁ ବାହାରି କଲେଜ ଛକ ଟ୍ରାଫିକ ଛକ କଚେରୀ ରୋଡ ହୋଇ ଜିଲ୍ଲାପାଳଙ୍କ ଅଫିସ ପରିସର ରେ ଥିବା ମହାରାଜା ଶ୍ରୀରାମଚନ୍ଦ୍ରଙ୍କ ପ୍ରତିମୂର୍ତୀରେ ମାଲ୍ୟାର୍ପଣ କରିବା ପରେ ମୁର୍ଗାବାଡି ହୋଇ, କୁଳିଅଣା, ଝାରପୋଖୋରୀଆ, ସାରସକଣା, ବାଙ୍ଗିରିପୋଷୀ, ଦ୍ୱାରଶୁଣି, ବିଶୋଇ, ବିଜାତୋଳା, ରାଇରଙ୍ଗପୁର, ବହଳଦା, ଜାମଦା, ଗଡ, ଭାଲୁବସା, ଯଶିପୁର, ରରୁଆଁ, ଶୁକ୍ରୁଲି, ଖିଚିଂ, କରଂଜିଆ, ଠାକୁରମୁଣ୍ଡା, ଶରତ, କପ୍ତିପଦା, ଉଦଳା, ଖୁଂଟା, ହରିପୁର ଗଡ, ବଡସାହି, ମାଣତ୍ରି, ପାଟୁଳିପୁରା, ବୈଶିଙ୍ଗା, ବେତନଟି, ଚିତ୍ରଡା, ମରୋଡା, ବାଘଡା, ଶୁଳିଆପଦା, ଦେଉଳି ହୋଇ ବାରିପଦା ପାଲବଣି ବାଇପାସରେ ୧୩ ତାରିଖ ସଂଧାରେ ପହଂଚିବା ପରେ ଏକ ସାଂସ୍କୃତିକ ଶୋଭାଯାତ୍ରା ରେ ସହର ପରିକ୍ରମା କରିବାର କାର୍ଯ୍ୟକ୍ରମ ରହିଛି ବୋଲି ବଳାଙ୍ଗୀ ମହୋତ୍ସବର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି ।

## ବାଲେଶ୍ୱର ଆଇଟି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ବାଲେଶ୍ୱର,୦୬/୦୩ (ନି.ପ୍ର): ବାଲେଶ୍ୱର କମ୍ପ୍ୟୁଟର ଯୋଗାଣକାରୀ ସଂଘ ପକ୍ଷରୁ ୧୧ତମ ଆଇଟି କ୍ରିକେଟ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ଜିଲା ସ୍କୁଲ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟ ପ୍ରାରମ୍ଭରେ ପୂର୍ବରୁ ସଂଗଠନର ପୂର୍ବତନ ଅଧକ୍ଷ ଅଜୟ ପାତ୍ର ଓ ରାଜେଶ ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ବାଲେଶ୍ୱର ରେ ଥିବା ସମସ୍ତ କମ୍ପ୍ୟୁଟର ଡିଲର ଏବଂ ସେମାନଙ୍କ କର୍ମଚାରୀମାନଙ୍କୁ ନେଇ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା। ଏଥିରେ ଜେବ୍ରୋନିକ, ଫ୍ରଣ୍ଟେକ, ପୁଣ୍ଡା ଓ ମାକ୍ରୋଟେକ ଆଦି ୪ ଗୋଟି ଦଳ ଅଂଶଗ୍ରହଣ କରିଥିଲେ। ମାଇକ୍ରୋଟେକ ଓ ପୁଣ୍ଡା ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପୁଣ୍ଡା ଦଳ ୬ ଉଇକେଟରେ ଚାମ୍ପିୟନ ଘୋଷିତ ହୋଇଥିଲେ। ଏଥିରେ ପ୍ରଶାନ୍ତ ମହାନ୍ତିଙ୍କୁ ମ୍ୟାନ ଅଫ ଦି ସିରିଜ, ଚିତ୍ତରଞ୍ଜନ ପାଣିଗ୍ରାହୀ ଶ୍ରେଷ୍ଠ ବୋଲର ଏବଂ ସୁଜିତ ଖିଲର ଶ୍ରେଷ୍ଠ ଫିଲଡର ଭାବେ ପୁରସ୍କୃତ ହୋଇଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ସଭାପତି ଅଶ୍ୱିନୀ ଦାସ ସଭାପତିତ୍ୱ କରିଥିବା ବେଳେ ସଂଗ୍ରାମ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ସଦସ୍ୟ ରାଜକିଶୋର ରଥ ,ବସନ୍ତ କର ,ବିପ୍ଲବ ଦାସ, ଦୀନେଶ ଖଣ୍ଡେଲୱାଲ, ସକିଲ ଅହମ୍ମଦ, ଜୀବନ ଦତ୍ତ, ସୋମାଦେବ ରାଉତ, ଅମିତାଭ ଦାସ, ଜିତେନ୍ଦୁ ନାୟକ, ସାଗର ରାଉତ, ମାନସ ସାହୁ ,ସତ୍ୟଜିତ ପରିଡ଼ା ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

## ରାଜଧାନୀରେ ଆଉ ୧୩ ପଜିଟିଭ୍

ଭୁବନେଶ୍ୱର, ୦୬/୦୩ (ନି.ପ୍ର): ଭୁବନେଶ୍ୱରରେ ଶନିବାର ଦିନ ଆଉ ୧୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନେ ସମସ୍ତେ ସ୍ଥାନୀୟ ସଂକ୍ରମିତ ବୋଲି ବିଏମସି ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। ସେହିପରି ଗତ ୨୪ ଘଂଟାରେ ଆଉ ୨୦ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଗତକାଲି ୮ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଏଥିସହ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୫୬୩୪୮ ରେ ପହଂଚିଥିବା ବେଳେ ୧୫୪୮୪୧ ଜଣ ସୁସ୍ଥ ହୋଇଛନ୍ତି। ଅପରପକ୍ଷରେ ୧୧୯୧ ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି। ବର୍ତ୍ତମାନ ଆଉ ୨୯୫ ସକ୍ରିୟ ଆକ୍ରାନ୍ତ ଚିକିତ୍ସାଧୀନ ଅଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ମେୟର ଲଢେଇ ପାଇଁ ....

ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଏଥର ପ୍ରଥମ ଥର ମେୟର ପଦ ପାଇଁ ହେବ ସିଧାସଳଖ ଭୋଟ । ଆଉ ଭୁବନେଶ୍ୱରର ମେୟର ଆସନ ପ୍ରଥମ ଥର ପାଇଁ ମହିଳାଙ୍କ ପାଇଁ ସଂରକ୍ଷଣ ରହିଛି । ତିନି ପ୍ରମୁଖ ଦଳ ମଧ ପ୍ରାର୍ଥୀ ଘୋଷଣା କରି ସାରିଛନ୍ତି । ବିଜେଡି ପ୍ରାର୍ଥୀ ସୁଲୋଚନା ଦାସ, ବିଜେପି ପ୍ରାର୍ଥୀ ସୁନୀତି ମୁଣ୍ଡ ଓ କଂଗ୍ରେସ ପ୍ରାର୍ଥୀ ମଧୁସ୍ମିତା ଆଚାର୍ଯ୍ୟଙ୍କ ମଧ୍ୟରେ ଟକ୍କର ହେବାକୁ ଯାଉଛି । ଏପଟେ ସିଲଭର ସିଟି କଟକର ମେୟର ପଦ ପାଇଁ ଶ୍ରୀତମ ଦାସଙ୍କୁ ପ୍ରାର୍ଥୀ କରିଛି ବିଜେପି । ତେଣୁ କଟକ ମେୟର ଲଢ଼େଇ ସ୍ପଷ୍ଟ ହୋଇଯାଇଛି । ତିନି ପ୍ରମୁଖ ଦଳର ପ୍ରାର୍ଥୀ ମଇଦାନକୁ ଆସି ଯାଇଛନ୍ତି । କଟକ ମେୟର ପଦ ପାଇଁ ଅଭିନେତାରୁ ରାଜନୀତିକୁ ଆସିଥିବା ଶ୍ରୀତମ ଦାସଙ୍କ ଉପରେ ବିଜେପି ଭରସା କରିଛି । ବିଜେପି ପ୍ରାର୍ଥୀ ଘୋଷଣା କରିବା ପରେ କାହା କାହା ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ, ସ୍ପଷ୍ଟ ଚିତ୍ର ଆସିଯାଇଛି । କଟକ ମେୟର ପଦ ପାଇଁ ରାଜ୍ୟସଭା ସାଂସଦ ସୁବାସ ସିଂ, ବିଜେପି ପ୍ରାର୍ଥୀ ଶ୍ରୀତମ ଦାସ ଓ କଂଗ୍ରେସ ପ୍ରାର୍ଥୀ ଗିରିବାଳା ବେହେରାଙ୍କ ମଧ୍ୟରେ ହେବ ଟକ୍କର । ରାଜ୍ୟର ଦୁଇ ପ୍ରମୁଖ ମହାନଗରର ମେୟର ପଦ ହାତେଇବା ଉଭୟ ଶାସକ ଓ ବିରୋଧୀ ଦଳ ପାଇଁ ସମ୍ମାନର କଥା ହୋଇଛି ।

## ୟୁକ୍ରେନ ଏଭଳି ମନୋଭାବ....

ଦେଇଛନ୍ତି, ଯଦି ୟୁକ୍ରେନ ଆକାଶକୁ ନୋ ଫ୍ଲାଏ ଜୋନ କରାଯାଏ ତେବେ ଆକ୍ରମଣକୁ ଆହୁରି ବ୍ୟାପକ କରାଯିବ । ଏବଂ ଏହାର ଭୟଙ୍କର ପରିଣାମ ହେବ । ଏହି ଦିଗରେ କୌଣସି ପଦକ୍ଷେପ ନେଲେ ତାହା ରୁଷିଆ ବିରୋଧରେ ଯୁଦ୍ଧ ବୋଲି ଧରିନିଆଯିବ । ସେପଟେ ଭିସା ଏବଂ ମାଷ୍ଟରକାର୍ଡ ଉଭୟ ରୁଷିଆରେ ନିଜ ବ୍ୟବସାୟିକ ଅପରେସନ କରିଛନ୍ତି । ମାଷ୍ଟରକାର୍ଡ କହିଛି, ଏକ ଅନିଶ୍ଚିତ ଆର୍ଥିକ ପରିବେଶ ଏବଂ ପରିସ୍ଥିତି ଦେଖି ଏଭଳି ନିଷ୍ପତି ନିଆଯାଇଛି । ସେପଟେ ଭିସା କହିଛି, ରୁଷିଆ ଭିତରେ ସମସ୍ତ ଭିସା ନେଣଦେଣକୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଗତ ୧୧ ଦିନ ଧରି ଯୁଦ୍ଧ ଏଭଳି ପରିସ୍ଥିତି ସୃଷ୍ଟି କରିଛି, ଯାହା ନିକଟ ଅତୀତରେ କେବେ ଘଟିନଥିଲା । ଇଣ୍ଟରନ୍ୟାସନାଲ ମନିଟାରୀ ଫଣ୍ଡ କହିଛି, ଏହି ଯୁଦ୍ଧର ପ୍ରଭାବ ବିଧ୍ୱଂସକାରୀ ହେବ ।

# ତେଇଁ ଶୋଇଛି ଯୋଗାଣ ବିଭାଗ, ହାଣ୍ଡିଶାଳ ଉପରେ ଯୁଦ୍ଧର ମାଡ଼

ଭଦ୍ରକ, ୦୬/୦୩ (ନି.ପ୍ର): ଋଷ ଓ ୟୁକ୍ରେନ ମଧ୍ୟରେ ୧୧ ଦିନ ଧରି ଯୁଦ୍ଧ ଚାଲିଛି । ମାତ୍ର ଏହି ଯୁଦ୍ଧର ପ୍ରଭାବ ବିଶେଷ କରି ଖାଇବା ତେଲ ଉପରେ ପଡ଼ିଛି । ୟୁକ୍ରେନ ବିଭିନ୍ନ ଖାଇବା ତେଲ ଯୋଗାଇ ଥାଏ । ମାତ୍ର ଯୁଦ୍ଧ ଯୋଗୁଁ ଏହାର ଯୋଗାଣ ବନ୍ଦ ରହିଛି । ଯଦ୍ୱାରା ବିଭିନ୍ନ ଗୋଦାମରେ ଗଚ୍ଛିତ ଖାଇବା ତେଲ ଦାମକୁ ଏଠାକାର ବ୍ୟବସାୟ ବଢାଇ ଦେଇଥିବାର ଅଭିଯୋଗ ହୋଇଛି । ରିଫାଇନ, ସୂର୍ଯ୍ୟମୁଖୀ, ସୋୟାବିନ ଆଦି ଖାଇବା ତେଲ ପ୍ରତିଦିନ ପ୍ରତ୍ୟେକଙ୍କର ଆବଶ୍ୟକତା ରହିଛି । ବର୍ତ୍ତମାନ ପ୍ରତିଲିଟର ପିଛା ୨୫ ରୁ ୩୦ ଟଙ୍କା ଅଧିକ ଦାମରେ ଏହି ତେଲ ବିକ୍ରୀ ହେଉଛି । ଯୁଦ୍ଧ ଆଳରେ ବେପାରୀମାନେ ଖାଇବା ତେଲକୁ କଳା ବଜାରୀ କରି ଅଧିକ ମୁନାଫା ଉଠାଉଥିଲେ ସୁଦ୍ଧା ଯୋଗାଣ ବିଭାଗ କୌଣସି କିଛି ପଦକ୍ଷେପ ନେଇ ପାରୁ ନାହିଁ । ଆଗରପଡ଼ା ତଥା ଏହାର ଆଖପାଖ ଅଂଚଳରେ ଥିବା ବହୁ ବଡ଼ ବଡ଼ ବ୍ୟବସାୟୀଙ୍କ ଗୋଦାମରେ ଏହି ଖାଇବା ତେଲ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ଥିବାର ଜଣାପଡ଼ିଛି । ମାତ୍ର ସେପରି ସ୍ଥଳେ ଖାଇବା ତେଲ ଦାମ ବଢି କି ଆସିଛି ତେଣୁ ଅଧିକ ଦାମରେ ବିକ୍ରୀ କରୁଛୁ ବୋଲି କହି ଗ୍ରାହକମାନଙ୍କୁ ବିକ୍ରୀ କରୁଛନ୍ତି । ଏଥିନେଇ ବ୍ୟବସାୟୀ ଓ ଗ୍ରାହକ ମାନଙ୍କ ମଧ୍ୟରେ ଯୁକ୍ତିତର୍କ ହେଉଥିବା ଦେଖିବାକୁ ମିଳୁଛି । ଖାଇବା ତେଲ ଅତ୍ୟାବଶ୍ୟକୀୟ ହେଉଥିବାରୁ ଗ୍ରାହକ କାନ ମୁଣ୍ଡ ଆଉଁସି ଅଧିକ ଦାମରେ ଏହାକୁ କିଣିବାକୁ ବାଧ ହେଉଛନ୍ତି । ପୂର୍ବରୁ ମଧ ଲକ୍‌ଡ଼ାଉନ ସଟ୍‌ଡ଼ାଉନ ସମୟରେ ଗୋଦାମରେ ଗଚ୍ଛିତ ଥାଇ ମଧ ବିଭିନ୍ନ ସାମଗ୍ରୀର କୃତ୍ରୀମ ଅଭାବ ଦେଖାଇ କେତେକ ଅସାଧୁ ବ୍ୟବସାୟୀ ଗ୍ରାହକମାନଙ୍କୁ ଶୋଷଣ କରିବାକୁ ପଛାଇ ନଥିଲେ । ବିଭାଗୀୟ ଅଧିକାରୀମାନଙ୍କ ଚଢାଉ ପରେ ଏହି ସମସ୍ୟାର ଅନେକ ସୁଧାର ଆସିଥିବାର ନଜୀର ରହିଛି । ବର୍ତ୍ତମାନ ପୁଣି ସେପରି ପରିସ୍ଥିତି ଆରମ୍ଭ ହେଲାଣି ତେଣୁ ବିଭାଗୀୟ ଅଧିକାରୀମାନେ ଏହାର ପଦକ୍ଷେପ ନେବାକୁ ସ୍ଥାନୀୟ ଅଂଚଳବାସୀମାନଙ୍କ ପକ୍ଷରୁ ଦାବୀ ହେଉଛି ।

# ମହିଳା ଚିତ୍ରକଳା ଶିବିର ଉଦ୍‌ଯାପିତ

ପୁରୀ, ୦୬/୦୩ (ନି.ପ୍ର): ମହିଳା ଚିତ୍ରକଳା ଶିବିର ସ୍ଥାନୀୟ ସଂସ୍କୃତି ଭବନରେ ଉଦଯାପିତ ହୋଇଯାଇଛି । ଲଳିତ କଳା ଏକାଡେମୀ ଓ ଜିଲ୍ଲା ପ୍ରଶାସନ ସହଯୋଗରେ ଆୟୋଜିତ ଏହି ମହିଳା ଚିତ୍ରକଳା ଶିବିର ତିନି ଦିନ ଧରି ଚାଲିଥିଲା । ଆଜିରଚଉଦଯାପନୀ ଉତ୍ସବରେ ଓଡିଶା ଲଳିତ କଳା ଏକାଡେମୀ ସଭାପତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଚିତ୍ରଶିଳ୍ପୀ ମାନଙ୍କ ଦ୍ୱାରା ସୃଷ୍ଟ ପଟ୍ଟଚିତ୍ରର ଭୂୟସୀ ପ୍ରଶଂସା କରିଛନ୍ତି । ପୁରୀର ୧୦ ଜଣ ମହିଳା ଚିତ୍ରଶିଳ୍ପୀ ଏଥିରେ ଭାଗ ନେଇଛନ୍ତି ।ଉକ୍ତ ଶିବିରରେ ସେମାନଙ୍କ ଦ୍ୱାରା ସୃଷ୍ଟ କଳାକୃତି ଆସନ୍ତା ୮ ତାରିଖରେ ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଆର୍ଟ ଗ୍ୟାଲେରୀରେ ପ୍ରଦର୍ଶିତ ହେବ । ପୁରୀ ସମେତ କୋରାପୁଟ, ରାଉରକେଲା, ଦାରିଙ୍ଗବାଡି ଏବଂ ଭୁବନେଶ୍ୱର ପ୍ରାୟ ୧୦୦ ଜଣ ମହିଳା ଚିତ୍ରଶିଳ୍ପୀ ମାନଙ୍କ ଚିତ୍ରକଳା ପ୍ରଦର୍ଶିତ ହେବ । ପୁରୀ ଶିବିରରେ ଯୋଗ ଦେଇଥିବା ଚିତ୍ରଶିଳ୍ପୀମାନେ ହେଲେ ନୟନା ବାରିକ, ପୁଷ୍ପାଞ୍ଜଳି ରାଓ, ସଂଯୁକ୍ତା ଦାସ, ପ୍ରିୟଦର୍ଶିନୀ ସାହୁ, ଅମ୍ରାପଲ୍ଲୀ ମହାପାତ୍ର, ସସ୍ମିତା ମହାରଣା, ଲକ୍ଷ୍ମୀପ୍ରିୟା ଦଳାଇ, ମିନାକ୍ଷୀ ଦାସ, ପ୍ରତିଭା ଦାସ, ସ୍ୱେତଲ ନାୟକ । ସେମାନଙ୍କୁ ମୁଖ୍ୟଅତିଥି ମାନପତ୍ର ଓ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଚିତ୍ରଶିଳ୍ପୀ ଶ୍ରୀ ଚନ୍ଦ୍ରଶେଖର ମହାରଣା,ଶ୍ରୀ ସତ୍ୟ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ ।

# ବ୍ରହ୍ମପୁର ମହାନଗର ନିଗମ ୧ ରୁ ୪୨ ୱାର୍ଡ ବିଜେଡି ପ୍ରାର୍ଥୀ ତାଲିକା

ଗଞ୍ଜାମ, ୦୬/୦୩ (ନି.ପ୍ର): ବ୍ରହ୍ମପୁର ମହାନଗର ନିଗମ ୧ ରୁ ୪୨ ୱାର୍ଡ ବିଜେଡି ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି । ତଦନୁଯାୟୀ, ୧ ନମ୍ବର ୱାର୍ଡ -ଏମ.ଜଗଦୀଶ ସ୍ତ୍ରୀ ଏମ୍ ମିନାକ୍ଷୀ, ୨ ନମ୍ବର ୱାର୍ଡ -ଆସ୍ପା ରାଓ, ୩ ନମ୍ବର ୱାର୍ଡ-ସରିତା ସାହୁ, ୪ ନମ୍ବର ୱାର୍ଡ - ଉଦ୍ଧବ ବିଷୋୟୀ, ୫ ନମ୍ବର ୱାର୍ଡ -ପଦ୍ମିନୀ ମିଶ୍ର, ୬ ନମ୍ବର ୱାର୍ଡ -ଶ୍ୱେତରେଖା ତ୍ରିପାଠୀ, ୭ ନମ୍ବର ୱାର୍ଡ- ଟି.କିଶୋର, ୮ ନମ୍ବର ୱାର୍ଡ-ଜାମୁଲା ଶ୍ରୀନୁ, ୯ ନମ୍ବର ୱାର୍ଡ-ସନ୍ତୋଷ ସେଠି, ୧୦ ନମ୍ବର ୱାର୍ଡ-ବିଷ୍ଣୁ ପ୍ରିୟା ସାହୁ, ୧୧ ନମ୍ବର ୱାର୍ଡ-ଚିତ୍ରସେନ ମହାପାତ୍ର, ୧୨ ନମ୍ବର ୱାର୍ଡ-ସୂର୍ଯ୍ୟକାନ୍ତ ସୁବୁଦ୍ଧି, ୧୩ ନମ୍ବର ୱାର୍ଡ-ଦଣ୍ଡ ନାୟକ ସ୍ତ୍ରୀ ବବି ନାୟକ,୧୪ ନମ୍ବର ୱାର୍ଡ-ଦୁର୍ଗା ପଣ୍ଡାଙ୍କ ସ୍ତ୍ରୀ ଗୀତାରାଣୀ ପଣ୍ଡା,୧୫ ନମ୍ବର ୱାର୍ଡ-ଆର. ମୁରଲୀ ମୋହନଙ୍କ ସ୍ତ୍ରୀ ଆର. ପାବନୀ, ୧୬ ନମ୍ବର ୱାର୍ଡ- ରଞ୍ଜିତ ନାୟକ ମା ବିଷ୍ଣୁ ନାୟକ, ୧୭ ନମ୍ବର ୱାର୍ଡ-କାଳିଆ ମୁନା,୧୮ ନମ୍ବର ୱାର୍ଡ- ଅଶ୍ୱିନୀ ପଟ୍ଟନାୟକ ବିଜେଡ଼ିରୁ ପ୍ରାର୍ଥୀ ହୋଇଛନ୍ତି । ସେହିପରି ୧୯ ନମ୍ବର ୱାର୍ଡ-କାଦମ୍ବିରୀ ଦାସ, ୨୦ ନମ୍ବର ୱାର୍ଡ-ରଜନୀଶ ମିଶ୍ର ସ୍ତ୍ରୀ ସୌଭାଗ୍ୟ ଲକ୍ଷ୍ମୀ ମିଶ୍ର, ୨୧ ନମ୍ବର ୱାର୍ଡ-ତେଜେଶ୍ୱର ସ୍ୱାମୀ, ୨୨ ନମ୍ବର ୱାର୍ଡ- ମୁନା ଜେନା,୨୩ ନମ୍ବର ୱାର୍ଡ- ଆରତୀ ତନ୍ତି, ୨୪ ନମ୍ବର ୱାର୍ଡ-ମୁକୁନ୍ଦ ଗୌଡ଼, ୨୫ ନମ୍ବର ୱାର୍ଡ-ସୁନିତା ପାତ୍ର,୨୬ ନମ୍ବର ୱାର୍ଡ-ଲୁନା ମହାରଣାଙ୍କ ସ୍ତ୍ରୀ ମମତା, ୨୭ ନମ୍ବର ୱାର୍ଡ-ମଧୁସୂଦନ ସାହୁ, ୨୮ ନମ୍ବର ୱାର୍ଡ- ପାର୍ବତୀ ପ୍ରଧାନ, ୨୯ ନମ୍ବର ୱାର୍ଡ- ସଞ୍ଜିତ ପାଣିଗ୍ରାହୀ, ୩୦ ନମ୍ବର ୱାର୍ଡ-ଗାଗୁନି ପାତ୍ରଙ୍କ ସ୍ତ୍ରୀ ମମତା ପାତ୍ର, ୩୧ ନମ୍ବର ୱାର୍ଡ - ସୁନିତା ପଟ୍ଟନାୟକ, ୩୨ ନମ୍ବର ୱାର୍ଡ-ସୁରେନ୍ଦ୍ର ମହାରଣା, ୩୩ ନମ୍ବର ୱାର୍ଡ- ଶ୍ରୀନିବାସଙ୍କ ମା ପୁଷ୍ପବତୀ, ୩୪ ନମ୍ବର ୱାର୍ଡ-ତ୍ରିପତି ପାତ୍ର, ୩୫ ନମ୍ବର ୱାର୍ଡ-ସମୀର ମିଶ୍ର, ୩୬ ନମ୍ବର ୱାର୍ଡ-ସୋନାଲି ଗନ୍ତାୟତ, ୩୭ ନମ୍ବର ୱାର୍ଡ-ସସ୍ମିତା ପାତ୍ର, ୩୮ ନମ୍ବର ୱାର୍ଡ-ଦୁର୍ଗା ସାବତଙ୍କ ପତ୍ନୀ ସ୍ୱର୍ଣ୍ଣଲତା ସାବତ, ୩୯ ନମ୍ବର ୱାର୍ଡ-ଜ୍ୟୋତ୍ସ୍ନା ପାଢ଼ୀ, ୪୦-ନମ୍ବର ୱାର୍ଡ-ଭାଗିରଥି ମହାରଣା, ୪୧ ନମ୍ବର ୱାର୍ଡ-ମଳୟ ବିଷୋୟୀଙ୍କ ସ୍ତ୍ରୀ, ୪୨ ନମ୍ବର ୱାର୍ଡ- ଇ.ବିବେକ ରେଡ୍ଡୀ ବିଜେଡ଼ିରୁ ପ୍ରାର୍ଥୀ ହୋଇଛନ୍ତି ।

# ବାରିପଦା ପୌରାଧକ୍ଷ ପାଇ ଆପ୍‌ର ପ୍ରାର୍ଥୀ ହେଲେ ବିଶ୍ୱବିଜୟୀ

ବାରିପଦା, ୦୬/୦୩ (ନି.ପ୍ର): ଆଗାମୀ ପୌର ନିର୍ବାଚନ ଉପଲକ୍ଷେ ଆମ ଆଦମୀ ପାର୍ଟି ତରଫରୁ ବାରିପଦା ପୌରପାଳିକାର ଚେୟାମ୍ୟାନ ଟିକେଟ ବିଶ୍ୱବିଜୟୀ ପଣ୍ଡାଙ୍କୁ ପ୍ରଦାନ କରାଯାଇଛି । ଆଜି ବାରିପଦା ଦ୍ୱିତୀୟ ଶ୍ରୀକ୍ଷେତ୍ରର ଜଗନ୍ନାଥ ମନ୍ଦିର ସମ୍ମୁଖରେ ଆମ ଆଦମୀ ପାର୍ଟିର ଜିଲ୍ଲା ସଭାପତି ମନୋଜ କୁମାର ମହାନ୍ତ ଉପସ୍ଥିତ ରହି ଯୁବ ପ୍ରତିଭାବାନ ତଥା ଉଚ୍ଚ ଶିକ୍ଷିତ ଯୁବକ ବିଶ୍ୱବିଜୟୀ ପଣ୍ଡାଙ୍କୁ ଦଳୀୟ



ଟିକେଟ ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଆମ ଆଦମୀ ପାର୍ଟିର ବାରିପଦା ପୌରନିର୍ବାଚନ ଆବାହକ ସତ୍ୟସୁନ୍ଦର ଦେ ଏବଂ ଦେବାଂଶ କୁମାର ଗୋପ୍, ରାମ ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

ଧ୍ୱନି ପ୍ରତିଧ୍ୱନି



# ଗୋଟିଏ ଦିନରେ ୧୨୯ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୦୬/୦୩ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୨୯ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୫୮୮୯ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୩୯ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୫୨୨୮ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୫୦୭ ରହିଛି । ଆଜି ଚିହ୍ନଟ ହୋଇଥିବା ୧୨୯ ଜଣଙ୍କ ମଧ୍ୟରୁ ୭୫ ଜଣ ସଂଗରୋଧରୁ ହୋଇଥିବା ବେଳେ ୫୪ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୮ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ସୁନ୍ଦରଗଡ ଜିଲ୍ଲାରୁ ସବୁଠାରୁ ଅଧିକ ୨୫ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ବାଲେଶ୍ୱର ଜିଲ୍ଲାରୁ ୧୦ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଭଦ୍ରକ ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଟକରୁ ୨ ସଂକ୍ରମିତ ହୋଇଛନ୍ତି । ଦେବଗଡ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଗଜପତି ଜିଲ୍ଲାରୁ ୨୦ ଜଣ ସଂକ୍ରମିତ ହୋଇଥିବା ବେଳେ ଗଂଜାମ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୧, ଯାଜପୁରରୁ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କେନ୍ଦ୍ରାପଡ଼ା ଜିଲ୍ଲାରୁ ୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

## ଆମ୍ବ ବଉଳ ବାସ୍ନାରେ ମହକୁଛି ପୁରୀ-କୋଣାର୍କ ରାସ୍ତା : ପର୍ଯ୍ୟଟକ ଓ ତୀର୍ଥଯାତ୍ରୀ ବିମୋହିତ

ପୁରୀ, ୦୬/୦୩ (ନି.ପ୍ର): ଧରାପୃଷ୍ଠାରେ ବିରାଜମାନ କଲେଣି ଋତୁରାଜ ବସନ୍ତ । ବହିଲାଣି ମୃଦୁମୃଦୁ ପବନ । ଉଲ୍ଲସିତ ହେଲେଣି ପଲ୍ଲବିତ ବୃକ୍ଷରାଜି । ବସନ୍ତର ଆଗମନରେ ଆମ୍ବ ଗଛରେ ଲେସି ହୋଇରହିଛି ବଉଳ ଫୁଲ । ଉତ୍କଳୀୟ ସଂସ୍କୃତିରେ ବଉଳ ଅମାବାସ୍ୟାର ମହତ୍ୱ ରହିଛି । ପୁରୀ-କୋଣାର୍କ ରାସ୍ତାରେ ରହିଛି ଅନେକ ଆମ୍ବ ଗଛ । ଭରା ବଉଳରେ ନତମସ୍ତକ ହେଉଛି ଆମ୍ବ ଗଛ । ମହ ମହ ବାସ୍ନାରେ ମହକୁଛି ରାସ୍ତାଘାଟ । ଏହି ବାସ୍ନାରେ ପୁଲ୍ଲକିତ ହେଉଛନ୍ତି ତୀର୍ଥଯାତ୍ରୀ ଓ ପର୍ଯ୍ୟଟକ । ନବଦମ୍ପତିମାନେ ସେହି ରାସ୍ତାରେ ଯିବା ସମୟରେ ସେଲଫି ଫଟୋ ଉଠାଉଥିବା ଦେଖିବାକୁ ମିଳୁଛି । ମୃଦ ମଳୟ ବାସ୍ନାରେ କବିମାନେ ବିମୋହିତ ହୋଇ ବସନ୍ତ କବିତା ଲେଖିବାରେ ବ୍ୟସ୍ତ ହେଲେଣି । ନବଯୌବନ ଧାରୀ ଯୁବତୀମାନଙ୍କ ମନ ହେଲାଣି ପ୍ରଫୁଲ୍ଲିତ । ଏହି ରାସ୍ତାରେ ଯିବା ସମୟରେ ଡିଏସ୍ଏଲ୍ଆର୍ କ୍ୟାମେରାରେ ଅନେକ ଫଟୋ ଉତୋଳନ କରୁଥିବା ଦେଖିବାକୁ ମିଳିଛି । ସକାଳ ଓ ଅପରାହ୍ନରେ କୋଇଲିର କୁହୁ କୁହୁ ଶବ୍ଦ ପର୍ଯ୍ୟଟକଙ୍କୁ ଆନମନା କରୁଛି । ରାସ୍ତାର ଦୁଇ ପାର୍ଶ୍ୱରେ ରହିଛି ଅନେକ ଆମ୍ବ ଗଛ । କେତେକ ଆମ୍ବ ଗଛରେ କଷି ଆମ୍ବ ଧରିଲାଣି । ଉଦ୍ୟାନ କୃଷି ବୈଜ୍ଞାନିକମାନେ କୁହନ୍ତି ହଜାରେ ଆମ୍ବ ବଉଳରେ ୫ରୁ ୭ଟିଆମ୍ବକଷି ଫଳିଥାଏ । ପ୍ରକୃତିର ଏହି ଅନନ୍ୟ ଉପହାରରେ ବିମୋହିତ ହେଲେଣି ଲେଖକ, କବି, ନାଟ୍ୟକାର ଓ ସାମ୍ବାଦିକ । ଆମ୍ବ ଗଛର ଶୀତଳ ଛାଇ ଓ ବଉଳର ମହକକୁ ଭୁଲି ପାରେନାହିଁ ବୋଲି କୁହନ୍ତି ସୁଶ୍ରୀ ଶ୍ୱେତପଦ୍ମା । ଉତ୍କଳୀୟ ସଂସ୍କୃତିରେ ବଉଳ ଅମାବାସ୍ୟା, ଚୈତ୍ରପର୍ବ ଓ ପଣା ସଂକ୍ରାନ୍ତିରେ କଂଚା ଆମ୍ବ ପୂଜା ପାଇଁ ଆବଶ୍ୟକ ହୁଏ । ବସନ୍ତ ପ୍ରଥମ ପାହଚରେ କଳାପ୍ରିୟ ଶ୍ରୀକୃଷ୍ଣଙ୍କ ଦୋଳଯାତ୍ରା ଅନୁଷ୍ଠିତ ହୋଇଥାଏ । ଏହି ଦୋଳଯାତ୍ରାରେ ଆମ୍ବ, ବଉଳ ଓ କଷିଆମ୍ବ ବିମାନରେ ଝୁଲା ଯାଇଥାଏ ।

# ବିଜୁ ବାବୁଙ୍କ ଜନ୍ମ ଜୟନ୍ତୀ ପାଳିତ




ବାରିପଦା, ୦୬/୦୩ (ନି.ପ୍ର): ବିଜୁ ଜନତା ଦଳ ଜିଲ୍ଲା କାର୍ଯ୍ୟାଳୟ ବିଜୁ ଭବନ ଠାରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୬ ତମ ଜନ୍ମ ଜୟନ୍ତୀ ନିରାଡମ୍ବର ସହକାରେ ପାଳିତ ହୋଇଯାଇଛି । ପ୍ରଥମେ ଜିଲ୍ଲା କାର୍ଯ୍ୟାଳୟରେ ବିଜୁ ବାବୁଙ୍କ ତୈଳ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା, ଏବଂ ଏକ ସଭାର ଆୟୋଜନ କରାଯାଇଥିଲା । ଉକ୍ତ ସଭାରେ ପୂର୍ବତନ ରାଜ୍ୟସଭା ସାଂସଦ ସରୋଜିନୀ ହେମ୍ବ୍ରମ, ପୂର୍ବତନ ଉପ-ବାଚସ୍ପତି ସାନନ୍ଦ ମାର୍ଣ୍ଡି, ପୂର୍ବତନ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଡଃ ଦେବାଶିଷ ମାର୍ଣ୍ଡି, ପୂର୍ବତନ ବିଧାୟକ ଭାଦବ ହାଁସଦାଃ, ବିଜୁ ମହିଳା ଜନତା ଦଳ ଜିଲ୍ଲା ସଭାପତି ଦିପ୍ତୀଲତା ମିଶ୍ର, ପୂର୍ବତନ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ରାଜ୍ୟ ଖୋଦି ଓ ଗ୍ରାମ୍ୟଦ୍ୟଗ ବୋର୍ଡ ର ସଦସ୍ୟ ସରୋଜ କୁମାର ବୋଷ, ଛତିଶ ଚନ୍ଦ୍ର ଧଳ, ପୂର୍ବତନ ଉପ-ନଗରପାଳ ଜିତେନ୍ଦ୍ର ମହାନ୍ତି, ସୁବ୍ରମଣ୍ୟମ ମହାନ୍ତି, ବର୍ଷିଆନ ନେତା ପର୍ଶୁରାମ ଶର୍ମା, କୃଷ୍ଣଚନ୍ଦ୍ର ଦାସ, ତପନ କର, ସମାଜ ସେବୀ ଅମର ସେଠୀ, ପ୍ରଭାତ ନାଏକ, କୃଷ୍ଣ ଦାସ, ଯୁବ ସଭାପତି ଅରୁଣ ବରାଳ, ସୁନିଲ ନାଏକ, ଅବଦୁଲ ହବିବ୍, ଦୀପକ ମଢୁଆଳ, ସୟଦ ଫିରଜୁଦ୍ଦିନ୍, ପ୍ରସନ୍ନଜିତ୍ ମହାନ୍ତି, ସବିତା ବେହେରା, ଶ୍ରାବଣୀ ଦାସ, ଦୁର୍ଗାମଣୀ ଆର୍ଯ୍ୟ, କମଳା ଭଞ୍ଜ, ସବିତା ପୃଷ୍ଟି, ରେହେନା ସୁଲତାନ୍, ସଞ୍ଜୁକ୍ତା ଭୁଜବୋଳ, ଦେବୀଦତ୍ତ ଦାସ, ନିରୋଜ ସାହୁ, ଅନନ୍ତ ଦାସ, ପ୍ରଭାତ ମହାନ୍ତି, ଦେବାଶିଷ ଦାସ, ଦେବାଶିଷ ପାତ୍ର, ମହେଶ ଭଞ୍ଜଦେଓ ପ୍ରମୁଖ ଉପସ୍ଥିତ ରହି ବିଜୁ ବାବୁଙ୍କର ଓଡିଶା ପ୍ରତି ଅବଦାନକୁ ଆଲୋକପାତ କରିଥିଲେ ଏବଂ ବିଜୁ ବାବୁଙ୍କୁ ଭାରତରତ୍ନ ପ୍ରଦାନ କରାଯାଉ ବୋଲି ଏକ ପ୍ରସ୍ତାବ ଆଗତ କରାଯାଇଥିଲା । ପରିଶେଷରେ ଏକ ସଭାଯାତ୍ରାରେ ବିଜୁ ପଟ୍ଟନାୟକ ଗୋଲେଇ ସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯାଇଥିଲା ।

# ପୌରପାଳିକା ନିର୍ବାଚନ : ୩ ଜଣ ଅଧ୍ୟକ୍ଷା ଓ ୫୯ ଜଣ କାଉନ୍ସିଲରଙ୍କ ନାମାଙ୍କନ ପତ୍ର ଦାଖଲ

ଭଦ୍ରକ, ୦୬/୦୩ (ନି.ପ୍ର):ଆଜି ଭଦ୍ରକ ଜିଲାର ଭଦ୍ରକ ପୌରପାଳିକାର ୩୦ ଗୋଟି ୱାର୍ଡ ପାଇଁ ବିଭିନ୍ନ ଦଳ ଓ ସ୍ୱାଧୀନ ପ୍ରାର୍ଥୀ ଭାବେ ୫୯ ଜଣ ଓ ୩ ଜଣ ଅଧ୍ୟକ୍ଷା ପଦ ପାଇଁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ସେହିଭଳି ବାସୁଦେବପୁରର ପୌରପାଳିକାର ୨୪ ଜଣ କାଉନ୍ସିଲର ଓ ଜଣେ ଚେୟାରମେନ୍ ପ୍ରାର୍ଥୀ ପାଇଁ ସେମାନଙ୍କର ନାମାଙ୍କନ ପତ୍ର ଦାଖଲ କରିଥିବାବେଳେ ଧାମନଗର ୩ ଜଣ କାଉନ୍ସିଲର ସେମାନଙ୍କର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ଅନୁରୂପ ଚାନ୍ଦବାଲିରେ ୨୩ ଜଣ କାଉନ୍ସିଲର ଓ ୨ ଜଣ ଚେୟାରମେନ୍ ପଦ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ବିଶେଷକରି ଭଦ୍ରକ ପୌରପାଳିକା ପାଇଁ ଅଧ୍ୟକ୍ଷା ଭାବେ ପୁରୁଣାବଜାର ଅଂଚଳର ଯୁବ ଶିକ୍ଷିତା ଗୁଲମଖୀ ଦଲୱାଜି ସ୍ୱାଧୀନ, ବିଜେପିରୁ ଗୀତାଞ୍ଜଳି ପଢିଆରୀ, ସାବ୍ନା ପରୱିନ୍ ମଧ ଅଧ୍ୟକ୍ଷା ପଦ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ୱାର୍ଡ ନଂ-୫, ୯, ୧୧, ୧୨, ୧୩, ୧୪, ୧୫, ୧୮, ୨୧, ୨୪ ଓ ୨୫ନଂ ପାଇଁ ଯଥାକ୍ରମେ ଅଶ୍ୱିନୀ ପାଢୀ, ସାରଥୀ ସେଠୀ, ସୁନୀତା ଯେନା, ସରିତା ପଢିଆରୀ, ଅନୱରାଉଦ୍ଦିନ୍ ଅବଦାଲ କାଦିର, ରଂଜନ କୁମାର ଯେନା, ରମେଶ ଜେନା, ସେକ୍ ଅହମ୍ମଦ ଅଲ୍ଲୀ, ଭକ୍ତିସୁଦ୍ଧା ରାଉତ, ମହମ୍ମଦ ଅଲ୍ଲୀ ସବର, ମଏମୁନ୍ନା ଖାତୁନ, ସେକ୍ ରିଆଜୁଦ୍ଦିନ୍, ସେକ୍ ଜହର ଅଲ୍ଲୀ ପ୍ରମୁଖ କାଉନ୍ସିଲର ପ୍ରାର୍ଥୀ ଭାବେ ସେମାନଙ୍କର ନାମାଙ୍କନ ପତ୍ର ଦାଖଲ କରିଥିବାବେଳେ ୱାର୍ଡ ନଂ ୬ ପାଇଁ ଶୈଳବାଳା ନାୟକ, ଅଂଜୁବାଳା ଜେନା, ମମତାରାଣୀ ସାହୁ, ୱାର୍ଡ ନଂ ୨୩ ପାଇଁ ମମତା ସାହୁ, ଆସମାନୁର, ରେଶମା ପରୱିନ, ସମିମା ବିବି, ୨୨ ନଂ ୱାର୍ଡ ପାଇଁ ଯମୁନା ସୋରେନ୍, କମଳା ମୁଣ୍ଡା, ୮ ନଂ ୱାର୍ଡ ପାଇଁ ଜ୍ୟୋତିର୍ମୟୀ ପଣ୍ଡା, ରଶ୍ମି ମଲ୍ଲିକ, ୨୪ ନଂ ପାଇଁ ଅତୁଲ୍ୟ କୁମାର ନାୟକ, ଅକ୍ଷୟ କୁମାର ନାଥ ପ୍ରମୁଖ ନିଜ ନିଜର ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ସମସ୍ତ ଚେୟାରମେନ୍ ଓ କାଉନ୍ସିଲର ପ୍ରାର୍ଥୀମାନେ ନିଜ ନିଜର ସମର୍ଥକମାନଙ୍କ ସହ ପଟୁଆରାରେ ଆସି ନାମାଙ୍କନ ପତ୍ର ଦାଖଲ କରିଛନ୍ତି ।

# ଧଳାଜହର ଚୋରା କାରବାରର ବହୁ ମାମଲାରେ ଜଡିତ ଏକଲାଖ ଅଲ୍ଲି ଗିରଫ

ଜଳେଶ୍ୱର, ୬/୩ (ନି.ପ୍ର) : ଧଳା ଜହର ଚୋରାକାରବାରରେ ଓଡିଶାରୁ ସୁଦୂର ବଂଲାଦେଶଯାଏ ଚେର ଲମ୍ବାଇଥିବା ଦୁର୍ଦାନ୍ତ ବ୍ୟବସାୟୀ ଏକଲାଖ ଅଲ୍ଲିକୁ ଆଜି ଜଳେଶ୍ୱର ପୁଲିସ୍ କାବୁ କରିଛି । ଆଜି ପୂର୍ବାହ୍ନରେ ଜଳେଶ୍ୱର ପୁଲିସ୍ ଆଇଆଇସି ରୋଜାଲିନ ବେହେରା ଏକଲାଖ ସଂପର୍କରେ ଖବର ପାଇ ଜଳେଶ୍ୱର ସହରରେ ଜାଲ ବିଛାଇଥିଲେ । ପରେ ଷ୍ଟେସନବଜାର ବସ୍ ଷ୍ଟାଣ୍ଡର ଅନତୀଦୂରରେ ଏକଲାଖକୁ କାବୁ କରିବାରେ ସଫଳ ହୋଇଥିଲେ । ପ୍ରକାଶଯୋଗ୍ୟ ଗତ ଜାନୁଆରୀ ୨୮ ତାରିଖ ରେ ଏକାଲାଖକୁ ମାମଲା ନଂ ୩୨ରେ ଗିରଫ କରାଯିବା ପାଇଁ ସମସ୍ତ ପ୍ରଚେଷ୍ଟା କରାଯାଇଥିଲେ ମଧ୍ୟ ସେ ଖସି ପଳାଇଥିଲା । ସେ ବାରମ୍ବାର ପୁଲିସ୍ ଆଖିରେ ଧୋଳି ଦେଇ ଖସିଯାଇଥିଲା । ଆଜି ପୁଲିସ୍ ବହୁ ଚତୁରତାର ସହ ତାକୁ ଗିରଫ କରିବା ସହ ଅନ୍ୟଜଣେ ଫେରାର ହୋଇଥିବା ଶୁଣିବାକୁ ମିଳୁଛି । ତା ବିରୁଦ୍ଧରେ ପୂର୍ବରୁ ପୋଲିସ୍ ଓ ଏସ୍ଟିଏଫ ନିକଟରେ ବହୁ ଅଭିଯୋଗ ରହିଥିବା ଜଣାଯାଇଛି । ଚଳିତ ନିର୍ବାଚନରେ ଜଳେଶ୍ୱର ପୌରପାଳିକଆ ଅଧିନରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଅଧିକ ପ୍ରାର୍ଥୀ ଅଂଶ ଗ୍ରହଣ କରୁଥିବାରୁ ଏକଲାଖ ଅନ୍ୟସ୍ଥାନରୁ ଆସି ଜଳେଶ୍ୱରରେପହଞ୍ଚିଥିଲା ଓ ନିର୍ବାଚନ ପରିଚାଳନା କରିବାଲାଗି କୌଣସି ଏକ ରାଜନୈତିକ ଦଳରୁ ପ୍ରାର୍ଥୀ ମନୋନୟନରେ ସହାୟତା କରୁଥିଲା । ସେ ଆସିଥିବାର ଖବର ପାଇ ପୁଲିସ୍ ଏପରି ଚଢାଉ ଆରମ୍ଭ କରିଥିଲା ।

# ପୂର୍ତ୍ତ ବିଭାଗର ଖାମଖିଆଲି କାର୍ଯ୍ୟଧାରାକୁ ନେଇ ଅସନ୍ତୋଷ



ବାଲେଶ୍ୱର,୦୬/୦୩ (ନି.ପ୍ର): ଦୀର୍ଘଦିନର ଦାବି ପରେ ବି ପୁଲିସ ହାଇସ୍କୁଲ ଛକ-କେନ୍ଦ୍ରୀୟ ବିଦ୍ୟାଳୟ ଛକ ରାସ୍ତାର ପୂର୍ତ୍ତ ବିଭାଗ-୧ କାର୍ଯ୍ୟାଳୟ ଛକରୁ ଖପରାପଦା ପାଣି ପମ୍ପହାଉସ ପର୍ଯ୍ୟନ୍ତ ଅଣଓସାରିଆ ରାସ୍ତା ସମ୍ପ୍ରସାରଣ ନହେବାକୁ ନେଇ ସ୍ଥାନୀୟ ଅଞ୍ଚଳ ବାସିନ୍ଦାଙ୍କ ସମେତ 'ଜନଜାଗରଣ ସମିତି' ପକ୍ଷରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏ ବାବଦରେ ତୁରନ୍ତ ଉଚିତ ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ଜନସାଧାରଣ ବ୍ୟାପକ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସଂଗଠନର କର୍ମକର୍ତ୍ତାମାନେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । ରବିବାର ଅପରାହ୍ଣରେ ପୂର୍ତ୍ତ ବିଭାଗ-୧ କାର୍ଯ୍ୟାଳୟ ପାର୍ଶ୍ୱରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜନଜାଗରଣ ସମିତିର ସଭାପତି ସନ୍ତୋଷ କୁମାର ସାହୁ ଓ ସମ୍ପାଦକ ମହମ୍ମଦ ଇକବାଲଙ୍କ ସମେତ ସ୍ଥାନୀୟ ଅଧିବାସୀମାନେ ଯୋଗଦେଇ ଏହି ରାସ୍ତା ସଂପ୍ରସାରଣରେ ବିଭାଗୀୟ ଅବହେଳା ସମ୍ପର୍କରେ ସୂଚନା ଦେଇଥିଲେ । ପୂର୍ତ୍ତ ବିଭାଗ-୧ କାର୍ଯ୍ୟାଳୟ ଛକରୁ ଖପରାପଦା ପାଣି ପମ୍ପହାଉସ ପର୍ଯ୍ୟନ୍ତ ରାସ୍ତା ଅଣଓସାରିଆ ରାସ୍ତାରେ ଚାରିଚକିଆ ଯାନଟି ଗଲେ ଦୁଇଚକିଆ ଯାନ ଆରୋହୀଙ୍କ ପାଇଁ ବିପଦ ହୋଇଛି । ଏମିତିକି ଜରୁରୀକାଳୀନ ସମୟରେ ଆମ୍ବୁଲାନ୍ସ କିମ୍ବା ଦମକଳ ଗାଡ଼ି ଯାଇପାରୁନାହିଁ । ଏହି ସମସ୍ୟାର ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ସ୍ଥାନୀୟ ବାସିନ୍ଦା ଦୀର୍ଘଦିନ ଧରି ଦାବି କରିଆସୁଛନ୍ତି । ପୂର୍ତ୍ତ ବିଭାଗର ପଛପଟ ପ୍ରାଚୀରକୁ ମାତ୍ର ୪/୫ଫୁଟ ଘୁଞ୍ଚାଇ ଦିଆଗଲେ ଏହି ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିବ ବୋଲି ବିଭାଗୀୟ ଅଧିକାରୀଙ୍କୁ ମୌଖିକ ଓ ଲିଖିତଭାବେ ଅନୁରୋଧ କରାଯାଇଥିଲା । ଏନେଇ ୨୦୨୧ ମସିହା ମାର୍ଚ୍ଚ ୨୧ ତାରିଖରେ ବାଲେଶ୍ୱର ବିଧାୟକଙ୍କ ଉପସ୍ଥିତିରେ ସ୍ଥାନୀୟ ସର୍କିଟ ହାଉସରେ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗର ମନ୍ତ୍ରୀ ପ୍ରତାପ ଜେନାଙ୍କୁ ମଧ୍ୟ ଅବଗତ କରାଯାଇଥିଲା । ସବୁ ପରେ ମଧ୍ୟ ଏନେଇ ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆ ନଯିବା ଦୁର୍ଭାଗ୍ୟର ବିଷୟ ବୋଲି ଜନଜାଗରଣ ସମିତି ପକ୍ଷରୁ ଆରୋପ କରାଯାଇଛି । ଆଗାମୀ ଦିନରେ ଉଚତ ପଦକ୍ଷେପ ଗ୍ରହଣ କରା ନ ଗଲେ ସଂଗଠନର ନେତୃତ୍ୱରେ ସ୍ଥାନୀୟ ବାସିନ୍ଦା ଆନ୍ଦୋଳନକୁ ଓହ୍ଲାଇବେ ବୋଲି କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଅନ୍ତର୍ଯ୍ୟାମୀ ପ୍ରଧାନ, ଭବଶଙ୍କର ପାଣିଗ୍ରାହୀ, ମନୋରଞ୍ଜନ ପୃଷ୍ଟି, ଗଜେନ୍ଦ୍ର ପଣ୍ଡା, ମନୋରଞ୍ଜନ ଦାସ, ମଦନ ମୋହନ ପଣ୍ଡା, ସୁବ୍ରତ କର, ପରମାନନ୍ଦ ପଣ୍ଡା, ସଞ୍ଜୀତ କୁମାର ପତି, ସାମାଜିକକର୍ମୀ ଗୌରାଙ୍ଗ ପାଣିଗ୍ରାହୀଙ୍କ ସମେତ ଶତାଧିକ ସ୍ଥାନୀୟ ଅଧିବାସୀ ଉପସ୍ଥିତ ଥିଲେ ।

# ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ବୈଠକ



ବାଲେଶ୍ୱର,୦୬/୦୩ (ନି.ପ୍ର): ପଞ୍ଚାୟତ ନିର୍ବାଚନରେ ବିଜୟ ହାସଲ କରିଥିବା ପ୍ରାର୍ଥୀମାନଙ୍କୁ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟ ପକ୍ଷରୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଛି । ଏହି ପରିପ୍ରେକ୍ଷୀରେ କମିଟି ପକ୍ଷରୁ ଆୟୋଜିତ ବୈଠକରେ କର୍ମକର୍ତ୍ତା ଓ ସଦସ୍ୟମାନେ ଯୋଗଦେଇ ନିର୍ବାଚିତ ପଞ୍ଚାୟତ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରିବା ସହ ଲୋକଙ୍କ ସମସ୍ୟା ସମାଧାନ ସାଙ୍ଗକୁ ସମସ୍ତଙ୍କ ପାଖରେ ସରକାରୀ ସ୍ୱାସ୍ଥ୍ୟସେବା ପହଞ୍ଚାଇବାରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ସେହିପରି ଜିଲାର ଚଳିତ ପୌର ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନେ ଜନସାଧାରଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଦିଗରେ ଥିବା ସମସ୍ୟାଗୁଡ଼ିକୁ ନିର୍ବାଚନୀ ପ୍ରସଙ୍ଗ କରିବାକୁ ନିବେଦନ କରାଯାଇଛି । ଏଥି ସହିତ ବିଭିନ୍ନ ସ୍ୱାସ୍ଥ୍ୟସେବା ସମ୍ପର୍କିତ ଦାବିରେ ଚଳିତ ମାର୍ଚ୍ଚ ମାସରେ ଜିଲାବ୍ୟାପୀ ପଦଯାତ୍ରା ଓ ବିଧାନସଭା ସମ୍ମୁଖରେ ଗଣଧାରଣା କାର୍ଯ୍ୟକ୍ରମକୁ ପୌର ନିର୍ବାଚନ ଦୃଷ୍ଟିରୁ ସ୍ଥଗିତ ରଖିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି । କମିଟିର ସଭାପତି ମମତା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୬ତମ ଜୟନ୍ତୀ ଅବସରରେ ଶ୍ରଦ୍ଧା ଓ ସମ୍ମାନ ପ୍ରଦର୍ଶନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ନିରଞ୍ଜନ ପରିଡ଼ା, ପ୍ରଭାକର ସାହୁ, ନିରଞ୍ଜନ ରାଉତ ଓ ଗୌରାଙ୍ଗ ପାଣିଗ୍ରାହୀ, ଶ୍ୟାମସୁନ୍ଦର ଜେନା, ରବିନାରାୟଣ ଭୋଳ ପ୍ରମୁଖ ଏଥିରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଯଶୋଦାନନ୍ଦନ ଆଶ୍ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# କରୋନାରୁ ସୁସ୍ଥ ହେଲେ ୩୧୪ ଆକ୍ରାନ୍ତ

ଭୁବନେଶ୍ୱର, ୦୬/୦୩ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମଣରୁ ଶନିବାର ଆଉ ୩୧୪ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨ ଲକ୍ଷ ୭୫ ହଜାର ୫୪୨ ରେ ପହଂଚିଛି । ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାରୁ ସବୁଠାରୁ ଅଧିକ ୬୦ ଜଣ ସଂକ୍ରମିତ ସୁସ୍ଥ ହୋଇଛନ୍ତି । ସେହିପରି ଯାଜପୁର ଜିଲ୍ଲାରୁ ୫୨ ଜଣ, ଖୋର୍ଦ୍ଧା ଜିଲ୍ଲାରୁ ୩୩ ଜଣ, ଝାରସୁଗୁଡା ଜିଲ୍ଲାରୁ ୨୮ ଜଣ ସଂକ୍ରମିତ ସୁସ୍ଥ ହୋଇଛନ୍ତି । ସେହିପରି ସମ୍ବଲପୁର ଜିଲ୍ଲାରୁ ୨୨ ଜଣ, ଗଜପତି ଜିଲ୍ଲାରୁ ୧୦ ଜଣ ସଂକ୍ରମିତ ସୁସ୍ଥ ହୋଇଛନ୍ତି । କଟକ ଓ କନ୍ଧମାଳ ଓ ନୂଆପଡା ଜିଲ୍ଲାରୁ ୯ ଜଣ ଲେଖାଏ ସଂକ୍ରମିତ ସୁସ୍ଥ ହୋଇଛନ୍ତି । ବାଲେଶ୍ୱର, ଗଂଜାମ ଓ ମୟୁରଭଂଜ ଜିଲ୍ଲାରୁ ୯ ଜଣ ଲେଖାଏ ସଂକ୍ରମିତ ସୁସ୍ଥ ହୋଇଛନ୍ତି । ସୁନ୍ଦରଗଡ ଜିଲ୍ଲାରୁ ୭ ଜଣ ସଂକ୍ରମିତ ସୁସ୍ଥ ହୋଇଛନ୍ତି । ଭଦ୍ରକ ଜିଲ୍ଲାରୁ ୬ ଜଣ ସଂକ୍ରମିତ ସୁସ୍ଥ ହୋଇଥିବା ବେଳେ ବରଗଡ ଓ ଢେଙ୍କାନାଳ ଜିଲ୍ଲାରୁ ୫ ଜଣ ଲେଖାଏ କରୋନା ସଂକ୍ରମିତ ସୁସ୍ଥ ହୋଇଛନ୍ତି । କୋରାପୁଟ, ପୁରୀ ଜିଲ୍ଲାରୁ ୪ ଜଣ ଲେଖାଏ କରୋନା ସଂକ୍ରମିତ ସୁସ୍ଥ ହୋଇଛନ୍ତି । ଜଗତସିଂହପୁର, କଳାହାଣ୍ଡି, ନବରଙ୍ଗପୁର, ରାୟଗଡା ଜିଲ୍ଲାରୁ ୩ ଜଣ ଲେଖାଏ କରୋନା ସଂକ୍ରମିତ ସୁସ୍ଥ ହୋଇଛନ୍ତି । ବଲାଙ୍ଗୀର ଓ ନୟାଗଡ ଜିଲ୍ଲାରୁ ୨ ଜଣ ଲେଖାଏ ସଂକ୍ରମିତ ସୁସ୍ଥ ହୋଇଥିବା ବେଳେ ମାଲକାନଗିରି, କେନ୍ଦ୍ରାପଡା ଓ ସୋନପୁର ଜିଲ୍ଲାରୁ ଜଣେ ଲେଖାଏ ସଂକ୍ରମିତ ସୁସ୍ଥ ହୋଇଛନ୍ତି । ରାଜ୍ୟ ପୁଲରୁ ୮ ଜଣ ସଂକ୍ରମିତ ସୁସ୍ଥ ହୋଇଥିବା ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି

## ଗାନ୍ଧୀ ବାଳାଶ୍ରମରେ ବିଜୁ ପଟ୍ଟନାୟକ ଜୟନ୍ତୀ ପାଳିତ

ଭଦ୍ରକ, ୦୬/୦୩ (ନି.ପ୍ର): ଓଡ଼ିଶା ମାଟିର ଗର୍ବ ଓ ଗୌରବ ପ୍ରବାଦପୁରୁଷ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କର ଆଜି ୧୦୬ତମ ଜୟନ୍ତୀ ଉତ୍ସବ ଗାନ୍ଧୀ ବାଳାଶ୍ରମ ପରିସରରେ ପାଳିତ ହୋଇଯାଇଛି । ଗାନ୍ଧୀ ବାଳାଶ୍ରମର ସମ୍ପାଦକ ଅଶୋକ କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥି ଭାବରେ ସମାଜସେବୀ ଏସ.ଏମ. ଫାରୁକ୍, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ରାଜ୍ୟ ସଂଯୋଜକ ଡାକ୍ତର ବିଶ୍ୱଜିତ, ଗାନ୍ଧୀ ବିଚାର ମଂଚର ସମ୍ପାଦକ ସୁଧାକର ରାଉତ, ଅଧିବକ୍ତା ମନୋରଞ୍ଜନ ମହାନ୍ତି ଯୋଗଦାନ କରିଥିଲେ । ସଭା ପ୍ରାରମ୍ଭରେ ପ୍ରବାଦପୁରୁଷଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ପରେ ଗାନ୍ଧୀ ବାଳାଶ୍ରମର ଅନ୍ତେବାସୀମାନଙ୍କ ଦ୍ୱାରା ସ୍ମୃତି ଶ୍ରଦ୍ଧାଞ୍ଜଳି ସଙ୍ଗୀତ ଗାନ କରାଯାଇଥିଲା । ବିଜୁ ବାବୁ ଥିଲେ ଓଡ଼ିଶା ମାଟିର ସୁଯୋଗ୍ୟ ସନ୍ତାନ ତଥା ସ୍ୱାର୍ଥ ଓ ସ୍ୱାଭିମାନର ପ୍ରତୀକ । ସେ ଥିଲେ ଏ ମାଟିର ମହାନାୟକ । ଓଡ଼ିଶାର ସାମଗ୍ରୀକ ବିକାଶ ଥିଲା ତାଙ୍କ ଜୀବନର ପରମଲକ୍ଷ୍ୟ । ଓଡ଼ିଶା ଓ ଓଡ଼ିଆଙ୍କ ପାଇଁ ଦିବାରାତି ସ୍ୱପ୍ନ ଦେଖୁଥିବା ବିଜୁବାବୁ ଥିଲେ ଜଣେ ଦୁର୍ଦ୍ଧର୍ଷ ସ୍ୱାଧୀନତା ସଂଗ୍ରାମୀ । ନବ ଉତ୍କଳର ନିର୍ମାତା ବିଜୁବାବୁ ଚିରକାଳ ପାଇଁ ଓଡ଼ିଆ ଜାତିର ପ୍ରେରଣାର ଉତ୍ସ ହୋଇ ରହିବେ ।

# ସିପିଏଲ-୬ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଂଟ



ବାରିପଦା, ୦୬/୦୩ (ନି.ପ୍ର): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ମୟୁରଭଞ୍ଜ ଏଥଲେଟିକ ଆସୋସିଏସନ ଓ କଲେଜ ଫିଲଡ ବୋଏଜ ଦ୍ୱାରା ଆୟୋଜିତ ସି ପି ଏଲ ସିଜନ-୬ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆଜିର ପ୍ରଥମ ମ୍ୟାଚରେ ପ୍ଲେବେକ -୧୧ ଆରାଧା ଭିକ୍ଟୋରିଜକୁ ୬ ଉଇକେଟରେ ପରାସ୍ତ କରିଛି । ପ୍ଲେବେକର ଯଶବନ୍ତ ଗିରି ଓ ଯଶବନ୍ତ ମାଝୀ ୩ ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ ଓ ଦ୍ୱିତୀୟ ମ୍ୟାଚରେ ଥ୍ରୀଲେର୍ସ ଟେରିଫିକ ଫାଇଟରକୁ ୧୫ ରନରେ ପରାସ୍ତ କରିଛି । ଥ୍ରୀଲେର୍ସର ସିପୁ ଗିରି ସର୍ବାଧିକ ୩୫ ରନ ଓ ସାଇବା ସିଂହ ୨୮ ରନ କରିଥିଲେ ଓ ଆଜିର ଖେଳକୁ ଅଭିଲାଷ ବିଶ୍ୱାଳ, ଉତମ ମହାକୁଡ଼, ଲକ୍ଷ୍ମୀଧର ସିଂହ ଓ ସୁଶାନ୍ତ ମହାନ୍ତି ପରିଚାଳନା କରି ଥିବାବେଳ ସମ୍ବିତ ମହାରଣା ସ୍କୋରିଙ୍ଗରେ ସହାୟତା କରିଥିଲେ । ପଙ୍କଜ ମହାକୁଡ଼ ଓ ଦୀପକ ଦାସ ଧାରବିବରଣୀ ପ୍ରଦାନ କରିଥିଲେ । ଗତକାଲି ରାତିରେ ଖେଳାଯାଇଥିବା ତୃତୀୟ ମ୍ୟାଚରେ ଟେରିଫିକ ଫାଇଟର ପ୍ଲେବେକ- ୧୨ କୁ ୧୫ ରନରେ ପରାସ୍ତ କରିଥିଲେ ଓ ଟେରିଫିକର ଶୁଭେନ୍ଦୁ ଦାସ ୪୧ରନ କରିଥିଲେ । ଶେଷ ମ୍ୟାଚରେ ଜଗନ୍ନାଥ ୱରିୟାର୍ସ ଆରାଧା ଭିକ୍ଟରିଜକୁ ୭ ଉଇକେଟରେ ପରାସ୍ତ କରିଥିଲେ । ଜଗନ୍ନାଥ ୱରିୟାର୍ସର କ୍ଷିତୀଶ ଚନ୍ଦ୍ର ବିନ୍ଧାଣି ୩ଟି ଉଇକେଟ ଅକ୍ତିଆର କରିଥିଲେ । ଆଜିର ଖେଳକୁ ମୟୁରଭଞ୍ଜ ଏଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପ ସଭାପତି ମନୋଜ କୁମାର ସାଓ, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ପ୍ରସନ୍ନଜିତ ମହାନ୍ତି, ହର ପ୍ରସାଦ ପାତ୍ର, ଅମ୍ବିକା ରାଉତ ତଥା ଆୟୋଜକ ସତ୍ୟ ନାରାୟଣ ଜାଉ, ଦେବଜୀତ ପଟ୍ଟନାୟକ ସନ୍ଦୀପ୍ତ ମଲ୍ଲିକ ଓ ପ୍ରଣବ ସେଠି ପ୍ରମୁଖ ଉପସ୍ଥିତ ଥିଲେ ।

## ସମାଜସେବୀ ନନ୍ଦକିଶୋର ମୁଦୁଲିଙ୍କ ପରଲୋକ

ବାଲେଶ୍ୱର,୦୬/୦୩ (ନି.ପ୍ର): ଇମ୍ପା ଇଣ୍ଟରନ୍ୟାସନାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଯାଦବାନନ୍ଦ ମୁଦୁଲିଙ୍କ ପିତା ସମାଜସେବୀ ନନ୍ଦକିଶୋର ମୁଦୁଲିଙ୍କର ରବିବାର ସକାଳେ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୯୮ ବର୍ଷ ହୋଇଥିଲା । ବୟସାଧିକ ରୋଗରେ ପୀଡ଼ିତ ହୋଇ ବାଲେଶ୍ୱର କୁରାଦାସ୍ଥିତ ନିଗମ ହସପିଟାଲରେ ଚିକିତ୍ସିତ ଥିବା ବେଳେ ସକାଳ ପ୍ରାୟ ୯ଟାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ତାଙ୍କର ବିୟୋଗରେ ପରିବାରଙ୍କ ସମେତ ସୋର ମଙ୍ଗଳପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଜଣେ ପରୋପକାରୀ, ଉଦାରବାଦୀ, ମିଷ୍ଟଭାଷୀ, ଆଧ୍ୟାତ୍ମିକବାଦୀ ତଥା ଦରଦୀ ବ୍ୟକ୍ତିତ୍ୱ ଭାବେ ତାଙ୍କର ବିୟୋଗରେ ବିଭିନ୍ନ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି ।

# ବିଜେଡିର ପୌରାଧ୍ୟକ୍ଷ ପ୍ରାର୍ଥୀ ଘୋଷଣା



ବାରିପଦା, ୦୬/୦୩ (ନି.ପ୍ର): ଆଜି ସଂଧ୍ୟାରେ ବିଜେଡିର ମୟୂରଭଞ୍ଜ ଜିଲ୍ଲାର ୨ଟି ପୌରାଂଚଳ ଓ ୨ଟି ଏନଏସି ପାଇଁ ବହୁ ପ୍ରତିକ୍ଷିତ ପୌରାଧ୍ୟପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି । ତେବେ ଆଜି ସଂଧ୍ୟାରେ ବିଜେଡିର ରାଜ୍ୟ ସାଂଗଠନିକ ସମ୍ପାଦକ ତଥା ଜିଲ୍ଲା ପର୍ଯ୍ୟବେକ୍ଷକ ପ୍ରଣବ ପ୍ରକାଶ ଦାଶ ଏକ ଭିଡିଓ କନଫରେନ୍ସ ବୈଠକ ମାଧ୍ୟମରେ ବାରିପଦା ଓ ରାଇରଙ୍ଗପୁର ମୁନିଷିପାଲଟି ଓ ଉଦଳା ଏବଂ କରଂଜିଆ ଏନଏସିର ପୌରାଧ୍ୟକ୍ଷ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିବାର ଜଣା ଯାଇଛି । ବାରିପଦା ପୌର ପରିଷଦପାଇଁ କୃଷ୍ଣାନନ୍ଦ ମହାନ୍ତି, ରାଇରଙ୍ଗପୁର ପୌରପରିଷଦ ପାଇଁ ଅଭିଷେକ ପଟ୍ଟନାୟକ, ଉଦଳା ଏନଏସି ପାଇଁ ରଞ୍ଜିତା ବାନାର୍ଜୀ, କରଂଜିଆ ଏନଏସି ପାଇଁ ପପି ପୃଷ୍ଟି ଙ୍କ ନାମ ପୌରାଧ୍ୟକ୍ଷ ପ୍ରାର୍ଥୀ ଭାବେ ଘୋଷଣା କରା ଯାଇଛି । ବିଗତ ପଂଚାୟତ ନିର୍ବାଚନରେ ବିଜେଡିର ଅଭୁତପୂର୍ବ ସଫଳତା ପାଇଁ ସାଶକ ବିଜେଡି ଦଳରୁ ପ୍ରାର୍ଥୀ ହେବା ଲବିରେ ବହୁ ସଂଖ୍ୟାରେ ଆଶାୟୀ ପ୍ରାର୍ଥୀ ରହିଥିବାରୁ ଦଳର ଶିର୍ଷ ନେତୃତ୍ୱଙ୍କୁ ପ୍ରାର୍ଥୀ ଚୟନ କରିବାରେ ବେଶ କସରତ କରିବାକୁ ପଡିଥିବାର ରାଜନୈତିକ ମହଲରେ ଆଲୋଚନା ହେଉଛି ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo